ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

visit us at
www.paryabekhyak.com

PARYABEKHYAK ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25. No.294 Bhubaneswar Tuesday January 10, 2023 ୨୫ତମ ବର୍ଷ ସଂଖ୍ୟା-୨୯୪ ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୧୦,୨୦୨୩ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

### ଯାଜପୁରରେ ମିସନ ଶକ୍ତି ଭବନ ଲୋକାର୍ପିତ

## ମିସନ ଶକ୍ତି କେବଳ ସ୍ଲୋଗାନ ନୁହେଁ, ଏହା ଜୀବନଧାରା ପାଲଟିଛି: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,(ପିଏନ):** ରାଜ୍ୟର ପ୍ରଥମ ମହିଳା ମିସନ ଶକ୍ତି ଭବନ ଆଜି ଯାଜପୁରରେ ଲୋକାର୍ପିତ ହୋଇଛି। ମିସନ ଶକ୍ତି କମିସନର-ତଥା-ଶାସନ ସଚିବ ସୁଜାତା କାର୍ତ୍ତିକେୟନ୍ ଓ ୫-ଟି ସଚିବ ଭି.କେ ପାଣ୍ଡିଆନଙ୍କ ଉପସ୍ଥିତିରେ ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପିତ କରିଛନ୍ତି। ଏହି ଅବସରରେ ଋଣ ସୁଧ ଫେରସ୍ତ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ । ଏସଏଚ୍‌ଜିଙ୍କୁ ଋଣର ସୁଧ ଫେରସ୍ତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ମିସନ ଶକ୍ତି କେବଳ ସ୍ଲୋଗାନ ନୁହେଁ, ବରଂ ଏକ ଜୀବନଧାରା ପାଲଟିଛି । ମୁଁ ମା'ମାନଙ୍କୁ ଉଦ୍ୟୋଗୀ ଭାବେ ଦେଖିବାକୁ ଚାହେଁ। ଓଡ଼ିଶାର ରୂପାନ୍ତରଣରେ ସେମାନଙ୍କର ଅଛି ବଡ଼ ଭୂମିକା ରହିଛି। ମା ମାନେ ଆଜି ଘରର ଚାରି କାନ୍ଥରୁ ବାହାରି ବ୍ୟବସାୟ ଠାରୁ ଆରମ୍ଭ କରି, ବିକାଶର ବିଭିନ୍ନ କ୍ଷେତ୍ରରେ ନିଷ୍ପତ୍ତି ନେଉଛନ୍ତି। ମା ମାନଙ୍କର ଏହି ନିଷ୍ପତ୍ତି ନେବାର କ୍ଷମତା ହେଉଛି, ପ୍ରକୃତ ରୂପାନ୍ତର । ଆଗାମୀ ଦିନରେ ମା ମାନେ ଆହୁରି ବଡ ବଡ ନିଷ୍ପତ୍ତି ନେବେ ଏବଂ ଓଡିଶାର



ରୂପାନ୍ତରରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବେ ବୋଲି ମୁଖ୍ୟମନ୍ତ୍ରୀ ଦୃଢ ବିଶ୍ୱାସ ପ୍ରକଟ କରିଥିଲେ । ମିସନ ଶକ୍ତି ଗ୍ରୁପ ଗୁଡିକୁ ଶକ୍ତିଶାଳୀ କରିବା ପାଇଁ ବିଭିନ୍ନ ଘୋଷଣା ସଂପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ବିନା ସୁଧରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ, ଜିଲ୍ଲାସ୍ତରୀୟ ଫେଡେରେସନକୁ ଏକ କୋଟି ଟଙ୍କା ଓ ବ୍ଲକ୍ ଫେଡେରେସନକୁ ୫୦ ଲକ୍ଷ ଟଙ୍କାର ରିଭଲଭିଂ ଫଣ୍ଡ ଆଦି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, 'ମା ମାନଙ୍କୁ ଉଦ୍ୟୋଗୀ ଭାବରେ ଦେଖିବାକୁ ମୁଁ ଚାହେଁ'। ଆଗାମୀ ୫ ବର୍ଷରେ ୫୦ ହଜାର କୋଟି ଟଙ୍କାର ଋଣ ଓ ୧୨୦୦ କୋଟି ଟଙ୍କାର ସୁଧ ରିହାତି ବ୍ୟବସ୍ଥା ହୋଇଛି ବୋଲି ସେ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଯାଜପୁରର ଜିଲ୍ଲାସ୍ତରୀୟ ଫେଡେରେସନ ଭବନକୁ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଉଦ୍‌ଘାଟନ କରିଥିଲେ । ମିସନ ଶକ୍ତି ବିଭାଗ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ କହିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ଏହି ସାମାଜିକ ଓ ଆର୍ଥିକ ସଶକ୍ତିକରଣ କାର୍ଯ୍ୟକ୍ରମ ଆଜି ଏକ ବୈପ୍ଳବିକ ଆନ୍ଦୋଳନରେ ପରିଣତ ହୋଇଛି । ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ପାଇବାର ଯେଉଁ ବ୍ୟବସ୍ଥା ମୁଖ୍ୟମନ୍ତ୍ରୀ କରିଛନ୍ତି, ତାହା ମାମାନଙ୍କ ପାଇଁ ବହୁତ ଉପଯୋଗୀ ସାବ୍ୟସ୍ତ ହେବ। କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇ ମିସନ ଶକ୍ତି ବିଭାଗ କମିସନର-ତଥା-ଶାସନ ସଚିବ ସୁଜାତା କାର୍ତ୍ତିକେୟନ କହିଲେ ଯେ ଆଗରୁ ସୁଧ ରିହାତି ପାଇବା ପାଇଁ ମା ମାନେ ବ୍ୟାଙ୍କକୁ ବାରମ୍ବାର ଯାଉଥିଲେ। ଏବେ ସେ ଅବସ୍ଥା ଆଉ ନାହିଁ। ୫-ଟିରେ ଟେକ୍‌ଲୋଲୋଜିରେ ବ୍ୟବସ୍ଥା କରାଯାଇ ଖୁବଶୀଘ୍ର ସୁଧ ରିହାତି ହିସାବ କରି ମା ମାନଙ୍କ ଆକାଉଣ୍ଟକୁ ସିଧାସଳଖ ପଠାଇ ଦିଆଯାଉଛି। ମା ମାନଙ୍କ ପାଇଁ ଯେଉଁ ରିଭଲଭିଂ ଫଣ୍ଡ କରାଯାଇଛି, ତାହା ଏକ ମିନି ବ୍ୟାଙ୍କରେ ପରିଣତ ହେବ ଏବଂ ମା ମାନେ କେବଳ ପାରମ୍ପରିକ ବ୍ୟବସାୟ ନୁହେଁ, ବିଭିନ୍ନ ଆଧୁନିକ ବ୍ୟାବସାୟ ଯଥା– ଫ୍ୟାସନ ଡିଜାଇନ,କୃଷି ଉଦ୍ୟୋଗ,ବିଉଟି ଓ ୱେଲନେସ୍ ଆଦି ବ୍ୟବସାୟ ଯେପରି କରିପାରିବେ,ସେଥିପାଇଁ ମଧ୍ୟ ବ୍ୟବସ୍ଥା କରାଯାଉଛି । ମା ମାନେ ଏବେ ବ୍ୟବସାୟ କରି ନିଜର ପରିଚୟ ନେଇ ଆଗକୁ ବଢିବେ ବୋଲି ସେ କହିଥିଲେ। ଓଡିଶା ଜୀବିକା ମିସନର ସିଇଓ ମାନସୀ ନିମ୍ଭାଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମିସନ ଶକ୍ତି ବିଭାଗର ଉପଦେଷ୍ଟା ଲୋପାମୁଦ୍ରା ବକ୍ସିପାତ୍ର, ଡଃ ଗୀତା ବସ୍ତିଆ, ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଓ ୫ଟି ସଚିବ ଭି.କେ. ପାଣ୍ଡିଆନ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଋଣ ଦେଉଛନ୍ତି କେନ୍ଦ୍ର ସରକାର : ବିଜେପି

**ଭୁବନେଶ୍ୱର,(ପିଏନ)**-ଆଜି କେନ୍ଦ୍ର ସରକାରଙ୍କର ଦୀନ ଦୟାଲ ଅନ୍ତୋଦୟ ଯୋଜନାରେ ଜାତୀୟ ଗ୍ରାମୀଣ ଜୀବନ ମିଶନରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଋଣ ନାବାର୍ଡ ମାଧ୍ୟମରେ କେନ୍ଦ୍ର ସରକାର ଯୋଗାଇ ଥାଆନ୍ତି। ବ୍ୟାଙ୍କର ସାଧାରଣ ସୁଧ ହାର ୧୧% ହୋଇଥିବା ବେଳେ କେନ୍ଦ୍ର ସରକାର ୪% ସୁଧ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ପାଇଁ ନିଜେ ସିଧାସଳଖ ବହନ କରନ୍ତି ବୋଲି କହିଛି ବିଜେପି।ବିଜେପି ମୁଖପାତ୍ର ଅନୀଲ ବିଶ୍ୱାଳ ସାମାଜିକ ଗଣମାଧ୍ୟମରେ କହିଛନ୍ତି କେନ୍ଦ୍ରୀୟ ଯୋଜନାକୁ ନିଜ ନାଁରେ ପ୍ରଚାର କରିବାରେ ରାଜ୍ୟ ସରକାର ମାହିର ଅଛନ୍ତି। ମିଛ ବିଜ୍ଞାପନ ଦେଇ ରାଜ୍ୟ ଶାସନ କ୍ଷମତାରେ ଥିବା ବିଜେଡି ଦଳ ଲୋକଙ୍କୁ ଭ୍ରମିତ କରୁଛି। ଶ୍ରୀ ବିଶ୍ୱାଳ ଆହୁରି କହିଛନ୍ତି ଯେ, ଯେଉଁମାନେ ନିୟମିତ ଋଣ ସୁଝନ୍ତି ସେମାନଙ୍କ ପାଇଁ ଅତିରିକ୍ତ ୩% ସୁଧ ଛାଡର ବ୍ୟବସ୍ଥା କେନ୍ଦ୍ର ସରକାର କରିଥାନ୍ତି। ଏସମସ୍ତ ସୁଧ ରାଶି କେନ୍ଦ୍ର ସରକାର ବ୍ୟାଙ୍କକୁ ସିଧା ପୈଠ କରନ୍ତି । ବାକି ୪% ସୁଧକୁ କେବଳ ରାଜ୍ୟ ସରକାର ଛାଡ କରିପାରନ୍ତି । ମୋଟ ସୁଧ ରାଶିର ୭% ହେଉଛି କେନ୍ଦ୍ର ସରକାରଙ୍କର, ୪%




ହେଉଛି ରାଜ୍ୟ ସରକାରଙ୍କର ।ସେ ଆହୁରି କହିଛନ୍ତି ରାଉରକେଲାକୁ ବିମାନ ଉଡ଼ାଣ ପରେ ଆଜି ଆଉ ଏକ ମିଛ ଶ୍ରେୟ ନେବାର ରାଜ୍ୟ ସରକାର ଚେଷ୍ଟା କରିଛନ୍ତି। ସବୁ "ମୁଁ କରୁଛି" ବୋଲି କହିବାର ଛୋଟ ପଣ। ସଂଘୀୟ ବ୍ୟବସ୍ଥାକୁ ପୁଣି ଅସମ୍ମାନ କରିଛନ୍ତି। ରାଜନୀତିରେ ସଂସ୍କାର ନଥିବାର ଆଉ ଏକ ଉଦାହରଣ। ମାଗଣା ଚାଉଳ, ଆଜି ସବୁ ଖବର କାଗଜରେ ଏହି ବିଜ୍ଞାପନ ଛପିଛି। ମିଶନ ଶକ୍ତି ଯୋଜନାରେ ରାଜ୍ୟ ସରକାର ୦% ସୁଧ ହାରରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ଋଣ ଯୋଗାଇ ଦେଉଥିବାର କଥା କହିଛନ୍ତି। ବାସ୍ତବରେ ସ୍ୱୟଂ ସହାୟକ ଗୋଷ୍ଠୀମାଧ୍ୟମରେ ମହିଳାମାନଙ୍କୁ ଆର୍ଥିକ ସଶକ୍ତି କରଣ କରିବା ହେଉଛି କେନ୍ଦ୍ର ସରକାରଙ୍କର ଜାତୀୟ ଜୀବିକା ମିଶନର ଏକ ଜାତୀୟ କାର୍ଯ୍ୟକ୍ରମ । ଓଡିଶା ସମେତ ଦେଶର ୭୧୧ଟି ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ଚାଲିଛି। ଓଡିଶାର ସମସ୍ତ ବ୍ଲକ ସମେତ ପୁରା ଦେଶର ୬୮୬୧ଟି ବ୍ଲକରେ ସ୍ୱଂୟ ସହାୟକ ଗୋଷ୍ଠୀମାନେ ଆର୍ଥିକ ଲାଭ ପାଉଛନ୍ତି।ସେ ଆହୁରି କହିଛନ୍ତି ଓଡିଶାର ସମସ୍ତ ଗୋଷ୍ଠୀ ସହିତ ସମଗ୍ର ଦେଶରେ ୩୩ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ମୋଟ ୪ ଲକ୍ଷ ୭୫ ହଜାର ୨୧୫ କୋଟିର ରିଭଲଭିଙ୍ଗ ଫଣ୍ଡ ଦିଆଯାଉଛି। ହେଲେ ଓଡିଶାରେ ବିଜୁ ଜନତା ଦଳର ସରକାର ଏହାକୁ ଆମେ ଦେଉଛୁ ବୋଲି କହି ଲୋକଙ୍କୁ ଭୁଆଁ ବୁଲାଉଛି। ପୁରା ଦେଶରେ ମୋଟ ୩ ଲକ୍ଷ ୮୪ ହଜାର ମହିଳା ଗୋଷ୍ଠୀ ସମ୍ବଳ ବ୍ୟକ୍ତି (ସିଆରପି) କାମ କରନ୍ତି। ସେମାନଙ୍କ ଦରମା କେନ୍ଦ୍ର ସରକାର ଦିଅନ୍ତି ବୋଲି ସେ କହିଛନ୍ତି ।

## ନିଇସବଡର ଗଭର୍ଣ୍ଣିଂ କାଉନସିଲର ବୈଠକରେ ଅଧ୍ୟକ୍ଷତା କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

**ନୂଆଦିଲ୍ଲୀ/ଭୁବନେଶ୍ୱର,(ପିଏନ)**-କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ଦିନ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଫର ଏଂଟରପ୍ରିନୋୟରସିପ୍ ଆଣ୍ଡ ସ୍ମଲ ବିଜନେସ୍ ଡେଭଲପମେଂଟ ଗଭର୍ଣ୍ଣିଂ କାଉନସିଲ ବୈଠକରେ ଅଧ୍ୟକ୍ଷତା କରିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ ଦକ୍ଷତା ବିକାଶ ଓ ଉଦ୍ୟମିତା ମଧ୍ୟରେ ସମ୍ପର୍କକୁ ଦୃଢ କରିବାକୁ ଏହି ସଂସ୍ଥା ରୋଡମ୍ୟାପ୍ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଛନ୍ତି। ଶ୍ରୀ ପ୍ରଧାନ ଟ୍ୱିଟ୍ କରି ଏହି ସୂଚନା ଦେଇଛନ୍ତି।




## ଅର୍ଚ୍ଚନା ନାଗର ଘର ଆଟାଚ୍ କଲା ଇଡି

**ଭୁବନେଶ୍ୱର, (ପିଏନ)**-ଲେଡି ବ୍ଲାକ୍‌ମେଲର ଅର୍ଚ୍ଚନା ନାଗ ଓ ସ୍ୱାମୀ ଜଗବନ୍ଧୁଙ୍କ ସତ୍ୟ ବିହାର ସ୍ଥିତ ଘରକୁ ଆଟାଚ୍ କରିଛି ପ୍ରବର୍ତନ ନିର୍ଦ୍ଦେଶାଳୟ (ଇଡି)। କୋଠାର ମୂଲ୍ୟ ପ୍ରାୟ ୩ କୋଟି ୪୦ ଲକ୍ଷ ହେବ। କିଛି ଦିନ ପୂର୍ବରୁ ଇଡିର ଅଧିକାରୀମାନେ ଅର୍ଚ୍ଚନାଙ୍କ ଘରର ମାପଚୁପ କରିଥିଲେ। ଅପରପକ୍ଷରେ ସୋମବାର ଦିନ ଏହି ମାମଲାରେ ପ୍ରଥମ ପର୍ଯ୍ୟାୟ ଚାର୍ଜସିଟ ଇଡି ଦାଖଲ କରିଛି। ୨ହଜାରରୁ ଉର୍ଦ୍ଧ୍ୱ ପୃଷ୍ଠା ସମ୍ବଳିତ ଏହି ଚାର୍ଜସିଟରେ ଅଭିଯୁକ୍ତ ଭାବେ ୪ ଜଣଙ୍କ ନାମ ରହିଛି । ଅର୍ଚ୍ଚନା ନାଗ, ଜଗବନ୍ଧୁ ଚାନ୍ଦ, ଖଗେଶ୍ୱର ପାତ୍ର ଓ ଶ୍ରଦ୍ଧାଞ୍ଜଳି



ବେହେରାଙ୍କ ନାମରେ ଚାର୍ଜସିଟ ଦାଖଲ କରାଯାଇଛି।

ସେହିପରି କମିଶନରେଟ ପୋଲିସରେ ଅର୍ଚ୍ଚନା ନାଗଙ୍କ ନାଁରେ ହୋଇଥିବା ମାମଲାରେ ମଧ୍ୟ ଚାର୍ଜସିଟ ଦାଖଲ ହୋଇସାରିଛି। ଫିଲ୍ମ ପ୍ରଯୋଜକ ଅକ୍ଷୟ ପରିଜାଙ୍କ ଅଭିଯୋଗ ଆଧାରରେ ଅର୍ଚ୍ଚନାଙ୍କ ବିରୋଧରେ ହୋଇଥିବା ମାମଲାର ଚାର୍ଜସିଟି ଜେଏମ୍ଏଫସି କୋର୍ଟରେ ଦାଖଲ ହୋଇସାରିଛି। ୫୦୧ ପୃଷ୍ଠା ସମ୍ବଳିତ ଏହି ଚାର୍ଜସିଟରେ ଅର୍ଚ୍ଚନା ନାଗ ହିଁ ଅଭିଯୁକ୍ତ ବୋଲି ଦର୍ଶାଯାଇଛି। ଅର୍ଚ୍ଚନା ନଗ୍ନ ଭିଡିଓର ଧମକ ଚମକ ଦେଇ ଫିଲ୍ମ ପ୍ରଯୋଜକ ଅକ୍ଷୟଙ୍କଠାରୁ ୩ କୋଟି ଟଙ୍କା ଦାବି କରୁଥିଲେ। ଏପରିକି ଅର୍ଚ୍ଚନା ତାଙ୍କୁ ଜୀବନରୁ ମାରି ଦେବାକୁ ମଧ୍ୟ ଧମକ ଦେଇଥିଲେ। ଏ ନେଇ ଅକ୍ଷୟ ନୂଆପଲ୍ଲୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରିଥିଲା।

## ଆରଡବ୍ଲୁଏସଏସ ଅଧୀକ୍ଷଣ ଯନ୍ତ୍ରୀ ବିଜୟାନନ୍ଦ ସାହୁ ଗିରଫ

**ଭୁବନେଶ୍ୱର,(ପିଏନ)**- ଆୟ ବହିର୍ଭୂତ ସଂପତି ଠୁଳ ମାମଲାରେ ଆରଡବ୍ଲୁଏସଏସ ଅଧୀକ୍ଷଣ ଯନ୍ତ୍ରୀ ବିଜୟାନନ୍ଦ ସାହୁଙ୍କୁ ଭିଜିଲାନ୍ସ ଗିରଫ କରିଛି। ବିଜୟାନନ୍ଦଙ୍କର ୩ କୋଟି ୧୩ ଲକ୍ଷ ୭୬ ହଜାର ୭୮୯ ଟଙ୍କାର ଆୟ ବହିର୍ଭୂତ ସଂପତି ଠାବ ହୋଇଛି ଯାହାକି ତାଙ୍କ ଆୟର ୨୨୧ ପ୍ରତିଶତ ଅଧିକ। ସୂଚନାଯୋଗ୍ୟ, ଆୟ ବହିର୍ଭୂତ ସମ୍ପତି ଠୁଳ ଅଭିଯୋଗରେ ଗତ ୭ ତାରିଖ ଦିନ ଭୁବନେଶ୍ୱର ଆଡରବ୍ଲୁଏସ୍ଏସ୍ ଡିଭିଜନ୍‌ର ଅଧୀକ୍ଷଣ ଯନ୍ତ୍ରୀ ବିଜୟାନନ୍ଦ ସାହୁଙ୍କ ଘରେ ଭିଜିଲାନ୍ସ ଚଢ଼ଉ କରିଥିଲା। ଚଢ଼ଉ ବେଳେ ଭିଜିଲାନ୍ସ ଟିମ୍ ଭୁବନେଶ୍ୱର ଆଇଗିଣିଆରେ ୩ହଜାର ବର୍ଗଫୁଟ୍ ରୁ ଅଧିକ ଜମିରେ ନିର୍ମିତ ୩ମହଲା କୋଠା ଠାବ କରିଛି। ଯାହାର ମୂଲ୍ୟ ୨ କୋଟି ଟଙ୍କାରୁ ଅଧିକ ହେବ। ସେହିପରି ଅନୁଗୁଳରେ ଥିବା ଏକ ଦୁଇ ମହଲା କୋଠା, ଢେଙ୍କାନାଳରେ ଦୁଇ ମହଲା କୋଠା ଠାବ କରାଯାଇଥିଲା। ଏହାଛଡ଼ା ରାଜଧାନୀ, ଅନୁଗୁଳ ଏବଂ ଢେଙ୍କାନାଳ ପ୍ରମୁଖ ସ୍ଥାନରେ ୧୪ଟି ପ୍ଲଟ ରହିଛି। ତେବେ ୬ଟି ପ୍ଲଟ ଶାଳୀଙ୍କ ନାମରେ ଥିବା ବେଳେ ୫ଟି ପ୍ଲଟ ଶଳାଙ୍କ ନାମରେ ରହିଛି। ଯାହାର ମୂଲ୍ୟ ଅଧ କୋଟିରୁ ଅଧିକ ହେବ। ତାଙ୍କର ବିଭିନ୍ନ ବ୍ୟାଙ୍କ ଆକାଉଂଟ, ପୋଷ୍ଟାଲ ଏବଂ ଇନ୍ସୁରାନ୍ସ ଜମା ମିଶି ପାଖାପାଖି ୪୫ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି

### ସ୍ଥଗିତ ଥିବା ଭାରତ ଯୋଡ଼ ଯାତ୍ରା-ଓଡ଼ିଶା ଦେବଗଡ଼ଠାରୁ ଆରମ୍ଭ

## ଦେବଗଡ଼ ଜିଲ୍ଲା ନବୀନ ସରକାରର ବୈମାତୃକ ମନୋଭାବର ଶିକାର:ଶରତ

**ଭୁବନେଶ୍ୱର,(ପିଏନ)**-ପ୍ରଦେଶ କଂଗ୍ରେସର ଭାରତ ଯୋଡ଼ ଯାତ୍ରା-ଯାହା ସାମୟିକ ଭାବେ ବନ୍ଦ ହୋଇଥିଲା ତାହା ଆଜି ପୁଣି ଦେବଗଡ଼ ଜିଲ୍ଲାରୁ ଆରମ୍ଭ ହୋଇଛି। ଆଜି ଦେବଗଡ଼ ସହର ଉପକଣ୍ଠରେ ଥିବା ଝାଡ଼େଶ୍ୱର ମନ୍ଦିର ଠାରୁ ପ୍ରଦେଶ କଂଗ୍ରେସର ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ 'ଭାରତ ଯୋଡ଼ ଯାତ୍ରା-ଓଡ଼ିଶା' କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ଉମାଶଙ୍କର ସାହୁ ଏହି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ଏହି ଯାତ୍ରା ସମଗ୍ର ଦେବଗଡ଼ ସହର ପରିକ୍ରମା କରି ବଣିଆଚିଲିଣ୍ଡାଠାରେ ଶେଷ ହୋଇଥିଲା। ପିସିସି ସଭାପତି ଶ୍ରୀ ପଟ୍ଟନାୟକ ପ୍ରଥମେ ଝାଡ଼େଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା କରି ଯାତ୍ରା ଆରମ୍ଭ କରିଥିଲେ। ରାଜାମୁଣ୍ଡା ଚର୍ଚ୍ଚ ଠାରେ ମଧ୍ୟ ଶ୍ରୀ ପଟ୍ଟନାୟକ ପୂର୍ଜା ଅର୍ପଣ କରିଥିଲେ। ଏହାପରେ ବହୁ ମୁସ୍‌ଲିମ ସମ୍ପ୍ରଦାୟର ଲୋକମାନେ ପିସିସି ସଭାପତିଙ୍କୁ ଭେଟି ନିଜର ସମସ୍ୟା ସମ୍ପର୍କରେ ଜଣାଇଥିଲେ। ସହର ପରିକ୍ରମା ସମୟରେ ବେକାର ଯୁବକ ଓ ଚାଷୀ ମଧ୍ୟ ପିସିସି ସଭାପତିଙ୍କୁ ଭେଟି ଜିଲ୍ଲା ସମ୍ପର୍କରେ ଅବଗତ କରାଇଥିଲେ। ଗୋପବନ୍ଧୁଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ ପରେ ଗୋପବନ୍ଧୁ ଛକରେ ଏକ ସାଧାରଣ



ସଭା ହୋଇଥିଲା। ପିସିସି ସଭାପତି ଶ୍ରୀ ପଟ୍ଟନାୟକ ଏହି ସାଧାରଣ ସଭାରେ ଯୋଗଦେଇ କହିଥିଲେ ଯେ, ଦେବଗଡ଼ ଜିଲ୍ଲା ପ୍ରତି ନବୀନ ସରକାର ବୈମାତୃକ ମନୋଭାବ ପୋଷଣ କରିଛନ୍ତି। ୨୨ ବର୍ଷ ଧରି ଦେବଗଡ଼ ଜିଲ୍ଲାର ସମସ୍ୟା ପ୍ରତି ନବୀନ ସରକାର ଉଦାସୀନ। ଏଠାକାର ଜନସାଧାରଣ ସରକାରଙ୍କ ନିମ୍ନତମ ସ୍ୱାସ୍ଥ୍ୟସେବା ପାଇବାରୁ ବଂଚିତ। ଏଠାରେ ଡ଼ାକ୍ତରଖାନାରେ ଆବଶ୍ୟକୀୟ ଡ଼ାକ୍ତର ନାହାଁନ୍ତି, ସ୍କୁଲରେ ଶିକ୍ଷକମାନଙ୍କ ଅଭାବ। ସରକାରୀ ଯୋଜନା ସବୁ ପିସିର ଶିକାର। ଜିଲ୍ଲାରେ ଅଧିକଂଶ ପରିବାର ହେଉଛନ୍ତି ଚାଷୀ। ମାତ୍ର ଦେବଗଡ଼ ଜିଲ୍ଲାର ଚାଷୀ ସମ୍ପୂର୍ଣ୍ଣ ଉପେକ୍ଷିତ, ଜିଲ୍ଲାରେ ଶିଳ୍ପ ନାହିଁ। ଯୁବସମାଜ ବେକାରୀର ତାଡ଼ନାରେ ତଳିତଳାନ୍ତ। ଏଣୁ ଏଠାରେ ବିକାଶର ଆଲୋକ ଆଣିବା ପାଇଁ ପରିବର୍ତ୍ତନର ଆବଶ୍ୟକ। କଂଗ୍ରେସ ଚାଷୀ ଓ ଚାଷର ବିକାଶ ପାଇଁ କଂକଣବଦ୍ଧ। ଜିଲ୍ଲାକୁ ସମ୍ପୂର୍ଣ୍ଣ ଜଳସେଚିତ କରାଯିବ। ଏଠାକାର ଚାଷୀ ପରିବର୍ତ୍ତନର ସୂତ୍ରଧର ହୁହନ୍ତୁ, ନବୀନ ଓ ମୋଦି ସରକାରକୃତ ଯନ୍ତ୍ରଣାରୁ ମୁକ୍ତି ପାଆନ୍ତୁ। ମୋଦି ସରକାର ଓ ନବୀନ ସରକାର ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଏମାନଙ୍କର ବାଦ ବିବାଦ କେବଳ ଲୋକ ଦେଖାଣିଆ। ମହଙ୍ଗା ମାଡ଼, କଳା କୃଷି ଆଇନ, ଉତ୍କଟ ବେକାରୀ ପ୍ରଭୃତି କେନ୍ଦ୍ରୀୟ ପ୍ରସଙ୍ଗ ମାନଙ୍କରେ ନବୀନ ଚୁପ୍। ଏଣୁ ବିଜେଡ଼ି ଓ ବିଜେପି ଦୁଇଟି ଦଳ ହୋଇପାରନ୍ତି, ମାତ୍ର ସେମାନଙ୍କର ବିଚାରଧାରା ଗୋଟିଏ। ଆଜିର ଚଉଳ ରାଜନୀତି କେବଳ ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ ଉଦ୍ଦିଷ୍ଟ। କ୍ଷୁଧାରୁ ମୁକ୍ତି ପାଇଁ ବା କ୍ଷୁଧାମୁକ୍ତ ଭାରତ ପାଇଁ ସୋନିଆ ଗାନ୍ଧୀ ଏବଂ ଡଃ ମନମୋହନ ସିଂ ଜାତୀୟ ଖାଦ୍ୟ ନିରାପ। ଆଇନ ପ୍ରଣୟନ କରିଥିଲେ। ତାହା ଆଜି ଅଭାବୀ, ଭୋକିଲା, ଦୁଃଖି ଓ ଦାରିଦ୍ର୍ୟରେ ଥିବା ଲୋକଙ୍କ ମୁହଁରେ ହସ ଫୁଟାଇଛି। ନବୀନ-ମୋଦି ଚଉଳ ବିବାଦ କେବଳ ଜନସାଧାରଣଙ୍କୁ ବିଭ୍ରାନ୍ତ କରିବା ପାଇଁ ଉଦ୍ଦିଷ୍ଟ। ଆଜିର କାର୍ଯ୍ୟକ୍ରମରେ ମାନସ ଚୌଧୁରୀ, ସେମ ହେମ୍ବ୍ରମ, ଶୁଭେନ୍ଦୁ ମହାନ୍ତି, ବନ୍ଦିତା ପରିଡ଼ା, ରବି ରାୟ, ଜୟନ୍ତ ମହାନ୍ତି, ସସ୍ମିତା ବେହେରା, ଜ୍ଞାନ ପଟ୍ଟନାୟକ, ସଞ୍ଜୟ ତ୍ରିପାଠୀ, ଆର.ପି. ସିଂ, ମନୋଜ ସାହୁ ଓ ଜିଲ୍ଲାର ବହୁ ବରିଷ୍ଠ କଂଗ୍ରେସ ନେତା, କର୍ମୀ ଏବଂ ବିଭିନ୍ନ ବର୍ଗର ଲୋକ ଯୋଗ ଦେଇଥିଲେ। ଅପରାହ୍ନରେ ପିସିସି ସଭାପତିଙ୍କୁ ସୁନ୍ଦରଗଡ଼ ଜିଲ୍ଲା ସଭାପତି ଶ୍ରୀ ବେଣୁମାଧମ ତ୍ରିପାଠୀ ସିହିଡ଼ିହଠାରେ ସ୍ୱାଗତ କରିଥିଲେ। ଆସନ୍ତା କାଲି ବଣେଇର ଜକେଇକଳା ଠାରୁ ଭାରତ ଯୋଡ଼ ଯାତ୍ରା-ଓଡ଼ିଶା କାର୍ଯ୍ୟକ୍ରମ ଆରମ୍ଭ ହେବ। ସୁନ୍ଦରଗଡ଼ ଜିଲ୍ଲା ସଭାପତିଙ୍କ ସହ ବିଧାୟକ ରଜନ ଏକ୍କା, ପୂର୍ବତନ ବିଧାୟକ ଜନାର୍ଦ୍ଦନ ଦେହୁରୀ, ସଞ୍ଜୟ ସାହୁ, ଅମିତା ବିଶ୍ୱାଳ ଓ ସମୀର ଚକ୍ରବର୍ତୀ ପ୍ରମୁଖ ଉପସ୍ଥିତ ଥିଲେ ବୋଲି ଭାରତ ଯୋଡ଼ ଯାତ୍ରା-ଓଡ଼ିଶାର ମିଡ଼ିଆ ଇନଚାର୍ଜ ଶ୍ରୀ ପ୍ରକାଶ ମିଶ୍ର ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

## ଆୟୁଷ୍ମାନ ଭାରତରେ ତାଲିକାଭୁକ୍ତ ସମସ୍ତ ହସ୍ପିଟାଲର ପ୍ରଦର୍ଶନ ପାଇଁ ଗ୍ରେଡ ପ୍ରଦାନ କରିବ ଏନ୍‌ଏଚ୍‌ଏ

**ନୂଆଦିଲ୍ଲୀ, (ପିଏନ)**- ଯୋଗାଇ ଦିଆଯାଇଥିବା ବିଭିନ୍ନ ପ୍ରକାର ସେବାର ସଂଖ୍ୟା ପରିବର୍ତ୍ତେ ସ୍ୱାସ୍ଥ୍ୟସେବାର ମାନକୁ ବିଚାରକୁ ନେଇ ହସ୍ପିଟାଲଗୁଡିକର ପ୍ରଦର୍ଶନ ମାପିବା ଲକ୍ଷ୍ୟରେ ଜାତୀୟ ସ୍ୱାସ୍ଥ୍ୟ ପ୍ରାଧିକରଣ ବା ଏନ୍‌ଏଚ୍‌ଏ ଏକ ବ୍ୟବସ୍ଥା ପ୍ରବର୍ତ୍ତନ କରୁଛି । ଏଥିରେ ରୋଗୀଙ୍କୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟସେବା ଓ ଯତ୍ନକୁ ବିଚାରକୁ ନେଇ ହସ୍ପିଟାଲଗୁଡିକର ପ୍ରଦର୍ଶନ ଓ ଗ୍ରେଡ୍ ନିର୍ଦ୍ଧାରିତ ହେବ। ଯେଉଁସବୁ ହସ୍ପିଟାଲ ଆୟୁଷ୍ମାନ ଭାରତ-ପିଏମ୍-ଜେଏୱାଇ ଯୋଜନାରେ ତାଲିକାଭୁକ୍ତ ହୋଇଛନ୍ତି ଏଣିକି ସେମାନଙ୍କର ପ୍ରଦର୍ଶନ ଓ ଗ୍ରେଡ ନୂଆ ବ୍ୟବସ୍ଥାରେ ନିର୍ଦ୍ଧାରିତ ହେବ ।

ପାରମ୍ପାରିକ ଭାବେ, ଅର୍ଥ ପ୍ରଦାନକାରୀଙ୍କ ଦୃଷ୍ଟିରୁ ଦେଖିଲେ ସ୍ୱାସ୍ଥ୍ୟ ସେବାର ଢାଞ୍ଚା ରୋଗୀଙ୍କୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ପ୍ରକାର ସେବାର ସଂଖ୍ୟା ଉପରେ ଗୁରୁତ୍ୱ ଦିଏ । ଏଥିରେ ରୋଗୀର ଚିକିତ୍ସା ପାଇଁ ହସ୍ପିଟାଲକୁ ଯେଉଁ ଅର୍ଥ ପ୍ରଦାନ କରାଯାଏ ସେଥିରେ ଯୋଗାଇ ଦିଆଯାଉଥିବା ବିଭିନ୍ନ ପ୍ରକାର ଚିକିତ୍ସା ସେବାକୁ ହିସାବକୁ ନିଆଯାଏ ଏବଂ ଏହା ବଣ୍ଡଲ ପେମେଣ୍ଟ ନାମରେ ପରିଚିତ । ତେବେ ନୂଆ ବ୍ୟବସ୍ଥାରେ ଏକଥା ରହିବ ନାହିଁ । ଏଥିରେ ରୋଗୀଙ୍କୁ ଯୋଗାଇ ଦିଆଯାଉଥିବା ମୂଲ୍ୟ ମିଶ୍ରିତ ସେବା ବା ଭ୍ୟାଲ୍ୟୁ ବେସ୍ଡ କେୟାର ଗୁରୁତ୍ୱ ପାଇବ । ସୁତରାଂ ଏଥିରେ ବଣ୍ଡଲ ପେମେଣ୍ଟ ନ ହୋଇ ଚିକିତ୍ସାର ନିର୍ଯ୍ୟାସ ବା ଫଳାଫଳକୁ ଗୁରୁତ୍ୱ ଦିଆଯିବ । କୌଣସି ସେବା ଯୋଗାଣ ଦ୍ୱାରା ରୋଗୀର ଯଦି କିଛି ଉପକାର ନ ହୁଏ, ସେ କ୍ଷେତ୍ରରେ ସେହି ଚିକିତ୍ସା ପାଇଁ ହସ୍ପିଟାଲ ଅର୍ଥ ନେବାକୁ ହକ୍‌ଦାର ହେବ ନାହିଁ । ଅତଏବ ହସ୍ପିଟାଲ ସମୂହ ସେମାନଙ୍କର ଚିକିତ୍ସା ଓ ସେବାର ମାନ ଏବଂ ଫଳାଫଳ ବିଚାରରେ ପୁରସ୍କୃତ ହେବେ । ନୂଆ ମଡେଲରେ ରୋଗୀ ଚିକିତ୍ସା ଗୁରୁତ୍ୱ ପାଇବ । ରୋଗୀଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିଲେ ବା ସେମାନେ ସୁସ୍ଥ ହେଲେ ହସ୍ପିଟାଲକୁ ତାହାର ଆଧାରରେ ଗ୍ରେଡ ପ୍ରଦାନ କରାଯିବ । ଏହା ଦ୍ୱାରା ହସ୍ପିଟାଲଗୁଡିକୁ ବିଭିନ୍ନ ସେବା ଯୋଗାଣର ପ୍ରାବଲ୍ୟ ପରିବର୍ତ୍ତେ ରୋଗୀଙ୍କର ଉପଯୁକ୍ତ ଚିକିତ୍ସା ଓ ଯତ୍ନ ଉପରେ ଗୁରୁତ୍ୱ ଦେବେ । ଏହା ଫଳରେ ଲୋକଙ୍କ ବ୍ୟାଧିର ବୋଝ ଓ ପ୍ରଭାବ ଦୀର୍ଘମିଆଦି ନୀତିରେ ହ୍ରାସ ପାଇବ ।

ଏହି ପଦକ୍ଷେପ ଦ୍ୱାରା ସାମଗ୍ରିକ ସ୍ୱାସ୍ଥ୍ୟସେବା ଓ ଚିକିତ୍ସା ବ୍ୟବସ୍ଥାରେ ବିଶେଷ ଉନ୍ନତି ଆସିବାର ସମ୍ଭାବନା ଅଧିକ । ଏହା ଦ୍ୱାରା ଉଭୟ ରୋଗୀ ଏବଂ ହସ୍ପିଟାଲ କର୍ତ୍ତୃପକ୍ଷ ଉପକୃତ ହେବେ ଏବଂ କାହାର କ୍ଷତି ଘଟିବ ନାହିଁ । ତା'ଛଡା ରୋଗୀଙ୍କ ବୀମା ବାବଦ ଅର୍ଥ ଯୋଗାଉଥିବା ସରକାର ବା ସମ୍ପୃକ୍ତ ପକ୍ଷ ମଧ୍ୟ ନିଜର ଲକ୍ଷ୍ୟ ସାଧନରେ ସଫଳ ହୋଇପାରିବେ । ରୋଗୀ ଆରୋଗ୍ୟ ଲାଭ କରି ଖୁସି ହେବେ ଏବଂ ହସ୍ପିଟାଲ କର୍ତ୍ତୃପକ୍ଷ ଅର୍ଥ ପାଇବେ । ବୀମାବାବଦ ଅର୍ଥ ପ୍ରଦାନକାରୀ ଏହି ବ୍ୟବସ୍ଥାରେ ନିଜର ଖର୍ଚ୍ଚ ତୁଳନାରେ ପୂର୍ବାପେକ୍ଷା ଅଧିକ ସଫଳତା ପାଇବେ ।

ନୂଆ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇ ଜାତୀୟ ସ୍ୱାସ୍ଥ୍ୟ ପ୍ରାଧିକରଣର ମୁଖ୍ୟ କାର୍ଯ୍ୟନିର୍ବାହୀ ଡକ୍ଟର ଆ଼ର.ଏସ. ଶର୍ମା। କହିଛନ୍ତି ଯେ ପ୍ରତ୍ୟେକ ତାଲିକାଭୁକ୍ତ ହସ୍ପିଟାଲରେ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ପ୍ରତ୍ୟେକ ହିତାଧିକାରୀ ଯେପରି କ୍ୟାସଲେସ ବ୍ୟବସ୍ଥାରେ ଉଚ୍ଚମାନର ଚିକିତ୍ସା ସେବା ପାଆନ୍ତି ତାହାକୁ ସୁନିଶ୍ଚିତ କରିବାକୁ ଏହି ନୂଆ ପଦକ୍ଷେପ ଗ୍ରହଣ କରାଯାଇଛି । ଏଥିରେ ଯୋଜନା ଅନ୍ତର୍ଭୁକ୍ତ ଚିକିତ୍ସାର ଖର୍ଚ୍ଚକୁ ମାନକୀକୃତ ବା ଷ୍ଟାଣ୍ଡାଡାଇଜ୍ କରିବା ଏବଂ ଅତ୍ୟାଧୁନିକ ଓ ଅଗ୍ରଣୀ ଚିକିତ୍ସା ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ଆଦି ରହିଛି । ଅତିରିକ୍ତ ଭାବେ ଜାତୀୟ ସ୍ୱାସ୍ଥ୍ୟ ପ୍ରାଧିକରଣ ଏକ ବ୍ୟବସ୍ଥା କରିଛି, ଯେଉଁଥିରେ ଯେଉଁ ହସ୍ପିଟାଲ ସବୁ ଉଚ୍ଚମାନର ଚିକିତ୍ସା ସେବା ରୋଗୀଙ୍କୁ ଯୋଗାଉଛନ୍ତି ସେମାନଙ୍କ ପ୍ରଦର୍ଶନକୁ ବିଚାରକୁ ନେଇ ସମ୍ପୃକ୍ତ ହସ୍ପିଟାଲଗୁଡ଼ିକୁ ପ୍ରୋତ୍ସାହିତ କରାଯିବ ।

ମୂଲ୍ୟଭିତ୍ତିକ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ଅର୍ଥ ଦେଉଥିବା ପକ୍ଷ ମଧ୍ୟ ଖର୍ଚ୍ଚ ନିୟନ୍ତ୍ରଣ ଉପରେ ନିଜର କ୍ଷମତା ଦୃଢଭାବେ ଜାହିର କରିପାରିବେ । ଏକ ସୁସ୍ଥ ଜନସଂଖ୍ୟାର ଅର୍ଥ ହେଲା ଏଥିରେ ଚିକିତ୍ସା ବାବଦ ବୀମା କ୍ଲେମ କମ୍ । ଏଭଳି ସ୍ଥିତିରେ ବୀମା ପ୍ରଦାନକାରୀଙ୍କ ଉପରେ ଚାପ ହ୍ରାସ ପାଏ ଓ ତାଙ୍କର ଖର୍ଚ୍ଚ କମେ । ସେହିଭଳି ଯୋଗାଣକାରୀ ନିଜର ଉତ୍ପାଦ ଓ ସେବାକୁ ରୋଗୀଙ୍କ ଆଡକୁ ମୁହାଁଇ ସକାରାତ୍ମକ ଫଳାଫଳ ପାଇବାକୁ ଗୁରୁତ୍ୱ ଦେବେ । ମୋଟାମୋଟି ଏହି ମୂଲ୍ୟଭିତ୍ତିକ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କୁ ପ୍ରୋତ୍ସାହିତ ଓ ଅନୁପ୍ରାଣିତ କରିବ ଏବଂ ସେମାନେ ରୋଗୀ କୈନ୍ଦ୍ରିକ ସେବା ଉପରେ ଅଧିକ ଗୁରୁତ୍ୱ ଦେବେ।

ଏହି ମୂଲ୍ୟଭିତ୍ତିକ ସେବା ଅଧୀନରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ତାଲିକାଭୁକ୍ତ ହୋଇଥିବା ହସ୍ପିଟାଲ ସମୂହଙ୍କ ପ୍ରଦର୍ଶନ ପାଞ୍ଚଟି ସୂଚକାଙ୍କ ଭିତିରେ ମପାଯିବ । ସେଗୁଡିକ ହେଲା-୧) ହିତାଧିକାରୀଙ୍କ ସନ୍ତୋଷ, ୨) ହସ୍ପିଟାଲ ରିଆଡମିଶନ ହାର, ୩)ରୋଗୀଙ୍କ ପକେଟରୁ ଖର୍ଚ୍ଚ ହୋଇଥିବା ଅର୍ଥର ପରିମାଣ, ୪) ରୋଗୀଙ୍କ ଆପତ୍ତି ଅଭିଯୋଗର ସତ୍ୟାସତ୍ୟ ନିର୍ଦ୍ଧାରଣ ଓ ୫) ଇନ-ପେସେଣ୍ଟଙ୍କ ସ୍ୱାସ୍ଥ୍ୟ ସମ୍ପର୍କୀତ ଜୀବନର ମାନରେ ଉନ୍ନତି । ଏହି ସୂଚକାଙ୍କ ଭିତ୍ତିରେ ପ୍ରସ୍ତୁତ ହସ୍ପିଟାଲଗୁଡିକର ପ୍ରଦର୍ଶନ ତାଲିକାକୁ ପବ୍ଲିକ ଡ୍ୟାସବୋର୍ଡରେ ସ୍ଥାନିତ କରାଯିବ । ଏହାର ଏକ ଉତ୍ତମ ପ୍ରଭାବ ରୋଗୀ ଏବଂ ହିତାଧିକାରୀଙ୍କ ଉପରେ ପଡିବ । ସେମାନେ ପ୍ରଦର୍ଶନ ଦେଖି ହସ୍ପିଟାଲ ବାଛିବେ ଓ ବିଚାରବନ୍ତ ନିଷ୍ପତ୍ତି ନେବେ। ସୁତରାଂ ଏହା ଦ୍ୱାରା ହସ୍ପିଟାଲ ପ୍ରଦର୍ଶନ ତାହାର ଆର୍ଥିକ ପ୍ରୋତ୍ସାହନକୁ ତ୍ୱରାନ୍ୱିତ କରିବ । ଭଲ ଚିକିତ୍ସା ପାଇଁ ଅଧିକରୁ ଅଧିକ ବୀମାକୃତ ରୋଗୀ ଆସିଲେ ହସ୍ପିଟାଲର ଆୟ ବଢିବ । ହସ୍ପିଟାଲର ପ୍ରଦର୍ଶନଜନିତ ଏହି ପ୍ରୟାସ ସହିତ ମୂଲ୍ୟଭିତ୍ତିକ ପ୍ରୋତ୍ସାହନ, ସ୍ୱାସ୍ଥ୍ୟ ଟେକ୍ନୋଲୋଜି ବ୍ୟବହାରର ଆକଳନ ଏବଂ ଚିକିତ୍ସାସେବାର ମାନ ତଦାରଖ କରିବାକୁ ଡିଜିଟାଲ ଟୁଲ୍ସର ବ୍ୟବହାର ଆଦି ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାକୁ ଏକ ନୂତନ ଉନ୍ନତ ରୂପ ଦେବ । ଏହାଦ୍ୱାରା ଭାରତୀୟ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଭଲ୍ୟୁମ୍ ବେସ୍ଡ ଭ୍ୟାଲ୍ୟୁ ବେସ୍ଡ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ବ୍ୟବସ୍ଥାରେ ପରିଣତ ହେବ।








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସିପାଲ।

---

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ପୁରାଣ କାହାଣୀ

# ରାମାୟଣ ଆଦ୍ୟକାଣ୍ଡ

ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜୁତ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୁପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତୃଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ



ଭଗବାନ ବି୍ଣୁ ଇଚ୍ଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବଣକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଣ୍ଯାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯଣ୍ଟ୍ୟଟକଙ୍କ ଭିଡ। ଏହି ଉଦେଣ୍ଯାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯଣ୍ଯରେ ସାହାଯଣ୍ଯ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ। ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଣ୍ଯାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଣ୍ଯତୀତ ଅନଣ୍ଯ ରାଜଣ୍ଯରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଣ୍ଯାରେ ପର୍ଯଣ୍ଟ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯଣ୍ଟ୍ୟଟକଙ୍କ ବର୍ଦ୍ଧିତ ସଂଖଣ୍ଯାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଣ୍ଯ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯଣ୍ଟ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯଣ୍ଟ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯଣ୍ଟ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଣ୍ଯାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଣ୍ଯ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯଣ୍ଟ୍ୟଟକଙ୍କ ଭିଡକୁ ଲକ୍ଷଣ୍ଯ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଣ୍ଯ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଣ୍ଯବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଣ୍ଯତି ହେବି ନାହିଁ।



# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଣ୍ଯନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର

ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯଣ୍ଯାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯଣ୍ଯ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର



ନିର୍ମାଣ କାର୍ଯଣ୍ଯ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣ୍ଯ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯଣ୍ଯାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଣ୍ଯ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ଷ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।




# ଆପଣା ହସ୍ତେ ଜିହ୍ୱା ଛେଦି...

ସମଗ୍ର ଭାରତବର୍ଷରେ କୃଷି ଓ କୃଷକଙ୍କର ସମସ୍ୟା ଉତ୍କଟ ରୂପ ଧାରଣ କରିଛି । ଏହି ସମସ୍ୟା ପ୍ରତିଦିନ ଗଣମାଧ୍ୟମରେ ଚର୍ଚ୍ଚାର ବିଷୟ ହେଉଛି । ଆଜି ଯେଉଁ ମରୁଡ଼ି ଦେଖାଦେଉଛି ତା' ମୂଳରେ ଆମ ପରିବେଶ ଦାୟୀ । ଆମେ ଅତି ଅମାନୁଷିକ ଭାବରେ ଜଙ୍ଗଲ କାଟିଚାଲୁଛୁ । ଯାହାଫଳରେ ଆମକୁ ଏ ଦଶା ଭୋଗିବାକୁ ପଡୁଛି । ସଠିକ୍ ବୃଷ୍ଟିପାତ ହେଉନାହିଁ । ସୂର୍ଯ୍ୟଙ୍କ ତେଜ ପ୍ରଖର ହେଉଛି । ସରକାରଙ୍କ ତରଫରୁ ପରିବେଶ ଉପରେ ଯେତେ ସଚେତନ କରାଗଲେ ମଧ୍ୟ ଏହାର ପ୍ରଭାବ ମାନବ ସମାଜ ଉପରେ ଆଦୌ ପଡୁନାହିଁ । ଭାଗବତ ବାଣୀ ଅନୁସାରେ- *"ଆପଣା ହସ୍ତେ ଜିହ୍ୱାଛେଦି । କେ ତା'ର ଅଛି ପ୍ରତିବାଦୀ ।।"*

ସମଗ୍ର ବିଶ୍ୱରେ ଯେଉଁ ବିଶ୍ୱତାପନ କଥାଟି ଚର୍ଚ୍ଚା ହେଉଛି ତାହା ଆମମାନଙ୍କ ପାଇଁ ତଥା ପ୍ରାଣୀସମାଜ ପାଇଁ ଏକ ବଡ଼ ଆହ୍ୱାନ । ଏହାକୁ କେତେଦୂର ପ୍ରାଣୀ ସମାଜ ଗ୍ରହଣ କରୁଛି ଓ ଏହାସହ ତାଳ ଦେଇ ନିଜକୁ ତିଷ୍ଠି ପାରୁଛି, ତାହା ଦେଖିବାର ବିଷୟ । ଚୀନ ଭଳି ବଡ଼ବଡ଼ ଦେଶର ସହରମାନଙ୍କରେ ପରିବେଶ ଏତେ ପ୍ରଦୂଷିତ ହୋଇଗଲା ଯେ କେତେଦିନ ପର୍ଯ୍ୟନ୍ତ ସ୍କୁଲ କଲେଜ ବନ୍ଦ କରିବାକୁ ପଡ଼ିଲା । ଏଥିରୁ ମଧ୍ୟ ଆମ ରାଜଧାନୀ ଦିଲ୍ଲୀର ସମଅବସ୍ଥା ହୋଇଛି । ଏ ସବୁ କଥା ଭାବିଲେ ଏହି ମଣିଷ ସମାଜର ଅସ୍ତିତ୍ୱ କେତେଦୂର ତିଷ୍ଠିପାରୁଛି ତାହା ଦେଖିବାର କଥା ।

ଅଦିନେ ବର୍ଷା, ଶୀତରେ ପ୍ରକୋପ ହ୍ରାସ, ସୂର୍ଯ୍ୟଙ୍କ ତେଜବୃଦ୍ଧି, ଅଦିନେ ଲଘୁଚାପ ଆଦି କାରଣ ପାଇଁ ଚାଷୀକୁଳ ଏବେ ଏକ ଆହ୍ୱାନର ସମ୍ମୁଖୀନ ହେଉଛି । ଏବେ ଆମମାନେ ବଦଳୁଥିବା ଜଳବାୟୁ ସହିତ କିପରି ଖାପଖୁଆଇ ଚଳିବା, ତାହା ଆମମାନଙ୍କ ପାଇଁ ଏକ କଷ୍ଟ ସମସ୍ୟା । ପରିବେଶର ଏହି ପରିବର୍ତ୍ତନ ଯୋଗୁ ଅନେକ ନୂତନ ରୋଗ ସୃଷ୍ଟି ହେଉଛି । ଯାହାକୁ କି ବିଶେଷଜ୍ଞମାନେ ଚିହ୍ନଟ କରିବା କଷ୍ଟକର ହୋଇପଡୁଛି । କର୍କଟ ଭଳି ମାରାତ୍ମକ ରୋଗ କବଳରେ କବଳିତ ଭାରତବାସୀ । ଆଉ କିଛିବର୍ଷ ପରେ ହୁଏତ ଆମ ଦେଶ ମଧୁମେହର ରାଜଧାନୀ ହେବାକୁ ଯାଉଛି । ଆମେ କୃଷିର ଅଧିକ ଅମଳ ଲାଗି ଅଧିକ ରାସାୟନିକ ସାର, କୀଟନାଶକ ଆଦି କୃଷିକାର୍ଯ୍ୟରେ ବ୍ୟବହାର କରୁଛେ, ଯାହାକି ଆମ ସ୍ୱାସ୍ଥ୍ୟପାଇଁ ଅନେକ ବିପଦ ସୃଷ୍ଟିକରୁଛି । ଗୋଟିଏ ପଟେ କ୍ରମବର୍ଦ୍ଧିଷ୍ଣୁ ଲୋକସଂଖ୍ୟା ପାଇଁ ଶସ୍ୟ ଅଧିକ ଅମଳ ଲାଗି ଏଭଳି ଉପାୟ ଅବଲମ୍ବନ କରୁଥିବାବେଳେ ଅନ୍ୟପଟେ ଏହା ଆମ ସ୍ୱାସ୍ଥ୍ୟ ପାଇଁ ଅନେକଗୁଡ଼ିଏ ସମସ୍ୟା ସୃଷ୍ଟି କରିଚାଲିଛି ।

ଅନ୍ୟପକ୍ଷରେ ଦେଖିବାକୁ ଗଲେ କୃଷକ ଆମ ଦେଶର ମେରୁଦଣ୍ଡ । ଯିଏକି ସମଗ୍ର ଦେଶକୁ ଖାଦ୍ୟ ଯୋଗାଉଛି । ସେମିତିକି ସେଇଭଳି ନିଜ ଜୀବନକୁ ବିପନ୍ନ କରି ଦେଶମାତୃକାର ଟେକ ରଖିବା ପାଇଁ କାର୍ଯ୍ୟ କରିଥାଏ, କୃଷକଟି ମଧ୍ୟ ଦେଶର କୃଷିର ଅଭିବୃଦ୍ଧି ପାଇଁ ଓ ଖାଦ୍ୟର ସ୍ୱାବଲମ୍ବୀ ପାଇଁ ଦେଶବିଦେଶରେ ସୁଖ୍ୟାତି ବଢ଼ାଇବା ପାଇଁ ମଧ୍ୟ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଦେଶ ଗଠନରେ କୃଷକଟିର ଭୂମିକା ମଧ୍ୟ ଅନସ୍ୱୀକାର୍ଯ୍ୟ । ଏତିକି ପାର୍ଥକ୍ୟ ସୈନିକ ସରକାରଙ୍କ ଅଧିନରେ କେଇଟା ବର୍ଷ କାମକରି ବଞ୍ଚିବା ଯାଏ ଭତ୍ତା ପାଏ । ମାତ୍ର କୃଷକଟି ଜୀବନସାରା ନିଜ ଜୀବନକୁ ପାଣି ଛଡ଼ାଇ କଠିନ ପରିଶ୍ରମ କରି ଅନ୍ତିମ ବୟସରେ ସରକାରଙ୍କ ପାଖରେ ସମାଜରେ ଏପରିକି ନିଜ ପରିଜନଙ୍କ ପାଖରେ ଅଲୋଡ଼ା ହୋଇଯାଏ । ଦିନ ଥିଲା ଯେତେବେଳେ କୃଷିକୁ ଓ କୃଷକମାନଙ୍କୁ ଅଧିକ ପ୍ରାଧାନ୍ୟ ଦିଆଯାଉଥିଲା । ମାତ୍ର ସେ ସମୟ ଏବେ ବଦଳିଯାଇଛି । ଆଜି କୃଷକଟି କୃଷିକାର୍ଯ୍ୟ କରି ନିଜେ ସର୍ବସ୍ୱାନ୍ତ ହୋଇପଡୁଛି । ପରିବର୍ତ୍ତନଶୀଳ ଜଳବାୟୁ ସହିତ ଖାପ ଖୁଆଇ କୃଷିକାର୍ଯ୍ୟ ଠିକ୍ ଭାବରେ କରିପାରୁନାହିଁ । ଅଦିନ ମେଘ, ଅଦିନେ ଖରା ତାହା ପାଇଁ ଶତ୍ରୁରୂପେ ଠିଆ ହେଉଛି । ଅଧିକ ଅମଳ ଓ ଲାଭ ଆଶାରେ ବିଭିନ୍ନ ସଂସ୍ଥାରୁ ଋଣ ନେଇ ସେ କୃଷିକାର୍ଯ୍ୟ କରୁଛି; ମାତ୍ର ସଠିକ୍ ଫସଲ ଅମଳ କରିନପାରି କ୍ଷତି ସହୁଛି । ଋଣଭାରରେ ଉବୁଟୁବୁ ହୋଇ ନିଜର ପ୍ରାଣ ବିସର୍ଜନ କରିବାକୁ ପଛାଉନାହିଁ । ଏବେ ନିକଟ ଅତୀତରେ କେତେ ଯେ କୃଷକ ଏଭଳି ପନ୍ଥାକୁ ଆପଣାଇ ନେଇଛନ୍ତି ତାହା ଗଣିବା କଷ୍ଟକର ।

ଏହା ଦେଶପାଇଁ ଶୁଭଙ୍କର ନୁହେଁ । ଯଦି ଏଭଳି ଅବସ୍ଥା ଲାଗିରହେ କେହି ଜଣେହେଲେ କୃଷିକାର୍ଯ୍ୟ କରିବାକୁ ଆଗରେ ହେବେନାହିଁ । ଋଷ ଭଳି ଦଶା ଆମମାନଙ୍କୁ ଦିନେ ନା ଦିନେ ଭୋଗିବାକୁ ପଡ଼ିବ ଏଥିରେ ସନ୍ଦେହ ନାହିଁ । ସରକାର କୃଷିକୁ ଯେତେ ପ୍ରୋତ୍ସାହନ ଦେଉଛନ୍ତି ତା' ତୁଳନାରେ କୃଷକକୁ ସେତିକି ପ୍ରୋତ୍ସାହନ ମିଳୁନାହିଁ । ଭଗବାନ କରନ୍ତୁ ସରକାରଙ୍କର ସଦ୍‌ବୁଦ୍ଧି ଉଦୟ ହେଉ । କୃଷକକୁ ସମାଜରେ ଉପଯୁକ୍ତ ମର୍ଯ୍ୟାଦା ମିଳୁ । ପରିବର୍ତ୍ତିତ ଜଳବାୟୁ ସହିତ ଖାପଖୁଆଇ କୃଷକଟି କେଉଁଭଳି କୃଷିକାର୍ଯ୍ୟ କରିପାରିବ, ସେଥିନିମନ୍ତେ କିଭଳି ଓ କେଉଁପ୍ରକାର କୃଷି କରିବ, ସେଥିନିମନ୍ତେ ସରକାର ସେମାନଙ୍କୁ ସଚେତନ ବା ତାଲିମ ଦେବା ବିଧେୟ । ଯଦ୍ୱାରା ଦେଶ ଖାଦ୍ୟଶସ୍ୟ ଉପରେ ଆତ୍ମନିର୍ଭରଶୀଳ ହେବା ସହିତ କୃଷକମାନଙ୍କର ମଙ୍ଗଳ ସାଧିତ ହେବ ।

—ହୃଷୀକେଶ ମହାରଣା
ନୁର୍ଗାଙ୍ଗ, କୁଆଁପାଳ, କଟକ- ୭୫୪୨୦୪, ମୋ- ୯୪୩୮୫୧୨୫୧୭

# କାଳଜୟୀ ଶିଶୁ ସାହିତ୍ୟିକ ଉଦୟନାଥ ଷଡଙ୍ଗୀ

-ଅଧ୍ୟାପକ ହିମାଂଶୁଶେଖର ଆଚାର୍ଯ୍ୟ-



ଆଧୁନିକ ଓଡ଼ିଆ ସାହିତ୍ୟର ଜଣେ ଅନନ୍ୟ ସ୍ରଷ୍ଟା ହେଉଛନ୍ତି ଉଦୟନାଥ ଷଡ଼ଙ୍ଗୀ । ଏକ ସାଧାରଣ ପରିବେଶ ମଧ୍ୟରେ ଜନ୍ମଲାଭ କରିଥିଲେ ବି ସେ ବିରଳ କାବ୍ୟ ପ୍ରତିଭାର ଅଧିକାରୀ ହୋଇଥିଲେ । ତାଙ୍କ ଶିଶୁ ସାହିତ୍ୟ ଏପରି ରସଯୁକ୍ତ ଓ ପ୍ରାଣବନ୍ତ ଥିଲା ଯେ ସେଥିରେ ଶିଶୁପ୍ରାଣ ଆତୁହରା ହୋଇଉଠିଥିଲା । ଅନ୍ୟ ଭାବରେ କହିଲେ ଶିଶୁପ୍ରାଣର ଆଶା, ଆକାଂକ୍ଷା ଓ ସୁଖ-ଦୁଃଖର ସେ ଥିଲେ ସାର୍ଥକ ରୂପକାର । କେବଳ କବି ନୁହଁନ୍ତି, ଜଣେ ସ୍ୱାଧୀନତା ସଂଗ୍ରାମୀ ଓ ଉଚ୍ଚ ଧରଣର ସ୍ତମ୍ଭକାର ଭାବେ ସେ ଖ୍ୟାତି ଅର୍ଜନ କରିଛନ୍ତି । ପୁଣି ସେ ହେଉଛନ୍ତି ସଫଳ ଅନୁବାଦକ । ଅନୁବାଦ କ୍ଷେତ୍ରରେ ସେ ସ୍ୱକୀୟ ଦକ୍ଷତାର ପ୍ରମାଣ ଛାଡିଯାଇଛନ୍ତି ।

ଉଦୟନାଥ ଷଡ଼ଙ୍ଗୀଙ୍କର ଜନ୍ମ ୧୯୦୫ ମସିହା ମାର୍ଚ୍ଚ ମାସ ୧୬ ତାରିଖରେ ଅବିଭକ୍ତ କଟକ ଜିଲ୍ଲା (ବର୍ତ୍ତମାନ ଜଗତସିଂହପୁର ଜିଲ୍ଲା)ର ସଦର ମହକୁମାଠାରୁ ଅନତି ଦୂରରେ ଥିବା ସିପି ଗ୍ରାମରେ । ତୁଳସୀ ଦୁଇପତ୍ରରୁ ବାସିଲାପରି ବାଲ୍ୟକାଳରୁ ତାଙ୍କର ପ୍ରତିଭାର ଉନ୍ମେଷ ହୋଇଥିଲା । ବୟସର ବୃଦ୍ଧି ହେବା ସଙ୍ଗେ ସଙ୍ଗେ ଉଦୟନାଥଙ୍କ ହୃଦୟରେ ଦେଶପ୍ରେମ ବୀଜ ଅଙ୍କୁରିତ ହେଲା । ସେତେବେଳକୁ ସ୍ୱାଧୀନତା ସଂଗ୍ରାମ ଆନ୍ଦୋଳନ ଜୋର ଧରିଥାଏ । ମହାତ୍ମାଗାନ୍ଧୀଙ୍କ ଡାକରାରେ ଦେଶର କୋଣଅନୁକୋଣରେ ଦେଶପ୍ରେମ ଭାବନାରେ ଉଦବୁଦ୍ଧ ହୋଇ ଅନେକ ଛାତ୍ରଛାତ୍ରୀ ସ୍ୱାଧୀନତା ସଂଗ୍ରାମ ଆନ୍ଦୋଳନରେ ସାମିଲ ହୋଇଥିଲେ । ଉଦୟନାଥଙ୍କ ଘଟଣାବହୁଳ ଜୀବନ ଆରମ୍ଭ ହୋଇଥିଲା ସ୍ୱାଧୀନତା ସଂଗ୍ରାମର ମୁକ୍ତିତୀର୍ଥ ଅଳକାଶ୍ରମରୁ । ଏଠାରେ ସୁତାକଟା, ଲୁଗାବୁଣା ଓ ଅନ୍ୟାନ୍ୟ ଧନ୍ଦାମୂଳକ ଶିକ୍ଷା ଦିଆଯାଉଥିଲା ସ୍ୱାଧୀନତା ସଂଗ୍ରାମୀମାନଙ୍କୁ । ଏଠାରେ ରହି ଉଦୟନାଥ ଏସବୁ ଶିକ୍ଷାକୁ ଜୀବନର ବ୍ରତ ରୂପେ ଗ୍ରହଣ କରିନେଲେ । ପରବର୍ତ୍ତୀ ପର୍ଯ୍ୟାୟରେ ବକୁଳବନର ଛୁରାଅନା କୁଞ୍ଜ ତଳେ ଗଢ଼ି ଉଠିଥିବା ସତ୍ୟବାଦୀ ବନବିଦ୍ୟାଳୟର ଛାତ୍ର ହୋଇଥିଲେ ଉଦୟନାଥ । ସୌଭାଗ୍ୟକୁ ଏଠାରେ ରହି ଆଚାର୍ଯ୍ୟ ହରିହର, ପଣ୍ଡିତ ନୀଳକଣ୍ଠ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପରି ଯୋଗଜନ୍ମା, ଜ୍ଞାନୀ, ଗୁଣୀ ଓ ସାରସ୍ୱତ ସାଧକମାନଙ୍କ ସଂସର୍ଶରେ ଆସି ତାଙ୍କ ଜୀବନର ଗତିପଥ ବଦଳିଯାଇଥିଲା ଏବଂ ପରେ ସମାଜ ସଂପାଦକ ରାଧାନାଥ ରଥଙ୍କ ସାନ୍ନିଧ୍ୟ ତାଙ୍କୁ ସାହିତ୍ୟ ସାଧନା କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ପ୍ରେରଣା ଦେଇଥିଲା ।

ଜଣେ ଅନନ୍ୟ ପ୍ରତିଭାସମ୍ପନ୍ନ ସାହିତ୍ୟ ସାଧକ ଭାବେ ଉଦୟନାଥ ଷଡ଼ଙ୍ଗୀ ନିଜ ପାଇଁ ଏକ ନିଆରା ପରିଚୟ ସୃଷ୍ଟି କରିପାରିଥିଲେ । ଏକାଧାରରେ ସିଏ ଥିଲେ ଜଣେ ଖ୍ୟାତନାମା ସାହିତ୍ୟିକ, ପ୍ରଖ୍ୟାତ ସାମ୍ବାଦିକ, ବିଶିଷ୍ଟ ଅନୁବାଦକ ଓ ସର୍ବୋପରି ସଚ୍ଚା ସ୍ୱାଧୀନତା ସଂଗ୍ରାମୀ । ଜଣେ ସ୍ରଷ୍ଟା ଭାବେ ସାହିତ୍ୟର ବିଭିନ୍ନ ବିଭାଗରେ ସେ ସଫଳ ହୋଇଥିଲେ ମଧ୍ୟ ଆଧୁନିକ ଓଡ଼ିଆ ଶିଶୁ ସାହିତ୍ୟକୁ ତାଙ୍କର ଅବଦାନ ପାଇଁ ସେ ସବୁଦିନ ପାଇଁ ଅବିସ୍ମରଣୀୟ ହୋଇ ରହିବେ ।

ଉଦୟନାଥ ଜାଣିଥିଲେ ଶିଶୁପ୍ରାଣ ସରଳ, ନିଷ୍ପାପ ଓ କୋମଳ । ଶିଶୁ ମନରେ ଆନନ୍ଦ, ବିଷାଦ, ମାନ, ଅଭିମାନ ଭରି ରହିଅଛି । ଏହି କଥାକୁ ମର୍ମେ ମର୍ମେ ଉପଲବ୍ଧି କରିଥିଲେ ସେ । ତେଣୁ ଅତି ସୁନ୍ଦର ଭାବେ ଶିଶୁ ମନକୁ ଛୁଇଁବା ଭଳି ଲେଖା ଗୋଟିକ ପରେ ଗୋଟିଏ ଲେଖିଚାଲିଲେ ଉଦୟନାଥ । ତନ୍ମଧ୍ୟରେ ଟୁଉକୁମୂଷି, ଚକାଚକା ଭଉଁରୀ, ଜହ୍ନମାମୁଁ, କଥା କବିତା ଆଦି ଅନ୍ୟତମ । ଟୁଉକୁମୂଷି କବିତାରେ ବଡ଼ଭାଇର ଆକଟପଣିଆ ବିରୁଦ୍ଧରେ ସାନଭାଇର ଚିନ୍ତା ଚେତନାକୁ ନିଖୁଣ ଭାବେ ପରିପ୍ରକାଶ କରି ଲେଖିଥିଲେ-

*"ଏ ଘରେ ମୁଁ ଆଉ ରହିବି ନାହିଁ*
*ମୋଡ଼ି ଦେଲେ କାନ ମୋ ବଡ଼ ଭାଇ ।"*

ଖାଲି ସେତିକି ନୁହେଁ ଶିଶୁର ମନସ୍ତତ୍ତ୍ୱକୁ ଅତି ସୁନ୍ଦର ଭାବେ ବୁଝି ପାରିଥିଲେ ଉଦୟନାଥ ଷଡ଼ଙ୍ଗୀ । ସେ ଜାଣିଥିଲେ ପିଲାମାନେ ପାଠକୁ ଭାରି ଡ଼ରନ୍ତି । ସ୍କୁଲ୍ ଯିବାକୁ ଇଚ୍ଛା ପ୍ରକାଶ କରନ୍ତି ନାହିଁ । ଶିଶୁର ଭାବନାକୁ ନେଇ ସେ ଅତି ମଜାଦାର ଢ଼ଙ୍ଗରେ ଲେଖିଥିଲେ-"ପାଠ, ପାଠ, ପାଠ/ଏ କଥାଟି ପଢ଼ିଲେ କାନେ/ହୋଇଯାଏ ମୁଁ କାଠ ।"

ଆଜିକାଲି ଅନେକ ଶିଶୁ ସାହିତ୍ୟିକଙ୍କ ଆବିର୍ଭାବ ଘଟିଛି । ଅନେକ ଶିଶୁ ସାହିତ୍ୟ ଲେଖା ମଧ୍ୟ ହେଉଛି । କିନ୍ତୁ ଆମ ଶିଶୁ ସାହିତ୍ୟରେ ଏବେ ଘୋର ଅଭାବ ଦେଖାଦେଇଛି ବୈଜ୍ଞାନିକ ଚିନ୍ତା ଓ ଚେତନାର । ଏହି କଥାକୁ ସେତେବେଳେ ଅନୁଭବ କରି ଉଦୟନାଥ ଷଡ଼ଙ୍ଗୀ ବିଜ୍ଞାନ ଓ ବୈଷୟିକ ଜ୍ଞାନଭିତ୍ତିକ ଲେଖାମାନ ଅତି ସୁନ୍ଦର ଓ ସରଳ ଭାବରେ ଲେଖିଯାଇଛନ୍ତି । ତାଙ୍କ ଲେଖନୀନିଃସୃତ ଆମ ଗ୍ରହ-ଉପଗ୍ରହ, ଏମାନଙ୍କୁ ଜାଣିରଖ, ତେଲ ଲୁଣର ସଂସାର ଓ ବିଚିତ୍ର ପଶୁ ଆଦି ଶିଶୁ ସାହିତ୍ୟ ପୁସ୍ତକ ଯେତିକି ମନଛୁଆଁ ସେତିକି ବିଜ୍ଞାନଭିତ୍ତିକ ଥିଲା । ଏହାହିଁ ଥିଲା ଉଦୟନାଥଙ୍କ ସୃଷ୍ଟିର ବିଶେଷତ୍ୱ । କେବଳ ସେତିକି ନୁହେଁ ଅନୁବାଦ କ୍ଷେତ୍ରରେ ମଧ୍ୟ ସିଏ ଜଣେ ସଫଳ ସ୍ରଷ୍ଟା ଥିଲେ । ବିଭିନ୍ନ ଭାଷାର ଶିଶୁ ସାହିତ୍ୟକୁ ଅନୁଦିତ କରି ସିଏ ନିଜର ପାରିବାପଣିଆର ଆଉ ଏକ ନମୁନା ଦେଖାଇଥିଲେ । ତାଙ୍କ ଅନୁଦିତ ପୁସ୍ତକ ଆରବ୍ୟ ରଜନୀ, ଇଦ୍ ପର୍ବ, ଆଲିବାବା, ସିନ୍ଦ୍ ବାବା, ଗୌତମ ବୁଦ୍ଧ ଇତ୍ୟାଦି ତାଙ୍କର ଅନବଦ୍ୟ ସୃଷ୍ଟି ଥିଲା । ବିଶେଷକରି "ଟମ୍ କକାଙ୍କ କୁଟୀର" ପାଇଁ ସେ ଅଜସ୍ର ଖ୍ୟାତି ଅର୍ଜନ କରିଥିଲେ । ସବୁଠାରୁ ବଡ଼ କଥା ହେଉଛି ଏହି ପୁସ୍ତକଗୁଡ଼ିକ ଅନୁଦିତ ହୋଇଥିଲେ ମଧ୍ୟ ସବୁଥିରେ ତାଙ୍କ ନିଜସ୍ୱ ମୌଳିକତାର ଛାପ ସ୍ପଷ୍ଟ ବାରିହୋଇ ପଡୁଥିଲା । ତାଙ୍କର ଏହି ସାମଗ୍ରିକ ସାହିତ୍ୟକୃତି ପାଇଁ ଅନେକ ସମ୍ମାନର ଅଧିକାରୀ ହୋଇପାରିଥିଲେ ସେ । ପ୍ରଜାତନ୍ତ୍ର ପ୍ରଚାର ସମିତି, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଉତ୍କଳ ପାଠକ ସଂସଦ, ଗୋକର୍ଣ୍ଣିକା ସାହିତ୍ୟ ସମାଜ ଏମିତି ବହୁ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ତରଫରୁ ସେ ସମ୍ବର୍ଦ୍ଧିତ ହୋଇଥିଲେ ।

ମଣିଷ ବଞ୍ଚି ରହେ ତା'ର କର୍ମକୁ ନେଇ । ଏହାକୁ ଯଥାର୍ଥରେ ସାକାର କରିଥିଲେ ଉଦୟନାଥ । ସେ ଜାଣିଥିଲେ ଆଜିର ଶିଶୁ କାଲିର ନାଗରିକ, ସେ ଅମୃତର ସନ୍ତାନ । ତେଣୁ ଶିଶୁର ବୌଦ୍ଧିକ, ମାନସିକ ଓ ମନସ୍ତାତ୍ତ୍ୱିକ ଚିନ୍ତା ଚେତନାକୁ ନେଇ ସେ ଲେଖନୀ ଚାଳନା କରୁଥିଲେ । ଆଜି ଉଦୟନାଥ ଷଡ଼ଙ୍ଗୀ ଆମ ଗହଣରେ ନାହାଁନ୍ତି । ୧୯୯୯ ମସିହା ଜାନୁୟାରୀ ୮ତାରିଖରେ ତାଙ୍କର ଦେହାବସାନ ଘଟିଛି । ତାଙ୍କ ଅବର୍ତ୍ତମାନର ଗାଁ କନିଆଁ ସିଙ୍ଘାଣି ନାକିର ଅବସ୍ଥା ହୋଇଛି ତାଙ୍କର । ସମୟର କରାଳ ଗର୍ଭରେ କ୍ରମଶଃ ହଜି ଯାଉଛନ୍ତି ଏହି ଖ୍ୟାତନାମା ଶିଶୁ ସାହିତ୍ୟିକ । ଏହିଭଳି ଜଣେ ବହୁମୁଖୀ ପ୍ରତିଭାଧାରୀ ବ୍ୟକ୍ତିଙ୍କ କଥା ଓ ଗାଥା ଇତିହାସର ପାଣ୍ଡୁଲିପି ନହୋଇ ଉତ୍ତରପିଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ ହେଉ, ଏହାହିଁ ଆଜିର ଅନୁଚିନ୍ତା ।

-ଜଗତସିଂହପୁର, ମୋ: ୯୯୩୭୧୫୧୦୫୨

# ବୟସ୍କ ଭାରତର ଚାଲେଞ୍ଜ



ଭାରତ ଏକ ବୟସ୍କ ସମାଜ ବୋଲି ସଦ୍ୟ ପ୍ରକାଶିତ ଅର୍ଥନୈତିକ ବିଶ୍ଳେଷଣକୁ ଆଧାର କରି ସମୟ ମଧ୍ୟରେ ଦେଶରେ ବୃଦ୍ଧ ୨୦୧୧ରେ ମୋଟ ୮.୬ ପ୍ରତିଶତ ଥିବା ବେଳେ ପ୍ରତିଶତରେ ପହଞ୍ଚିବ । ଏହି ପ୍ରଣୟନକାରୀମାନଙ୍କ ଉପରେ ବିଷୟ ହେଲା ଆଗରୁ ଜନ୍ମହାର ମହାରାଷ୍ଟ୍ର ଓ ପଶ୍ଚିମବଙ୍ଗରେ ହୋଇଥିବାବେଳେ ଉତ୍ତର ଭାରତରେ ବି ହିମାଳୟ ପ୍ରଦେଶ ଆସିଗଲେଣି । ଏସବୁ ରାଜ୍ୟରେ ଆଡ଼କୁ ପରିବର୍ତ୍ତନ ଦେଇ ଗତି କରୁଛି ସର୍ଭେରୁ ଜନସଂଖ୍ୟା ଭିତ୍ତିକ କୁହାଯାଇଛି । ଅର୍ଥାତ୍ ଖୁବ କମ ଲୋକଙ୍କ ସଂଖ୍ୟା ଅଧିକ ହେବ । ଲୋକସଂଖ୍ୟାରେ ବୁଢ଼ାବୁଢ଼ୀଙ୍କ ସଂଖ୍ୟା ୨୦୪୧ ବେଳକୁ ତାହା ୨୫ ପରିବର୍ତ୍ତନର ପ୍ରଭାବ ନୀତି ଯଥେଷ୍ଟ ଅଧିକ ପଡ଼ିବ । ଉଲ୍ଲେଖନୀୟ କମ୍ ଥିବା ଦକ୍ଷିଣ ଭାରତ ସାଙ୍ଗକୁ ଗର୍ଭଧାନହାର ନିମ୍ନଗାମୀ ଜନ୍ମହାର ପାଇଁ ଜଣାଶୁଣା ଉତ୍ତର ଓ ପଞ୍ଜାବ ପରି ରାଜ୍ୟ ସେହି ଧାରାକୁ ଜନ୍ମହ୍ରାସ ଯୋଗୁଁ ଯୁବକଙ୍କ ସଂଖ୍ୟା କମୁଛି । ପୃଥିବୀର ଦ୍ୱିତୀୟ ଜନବହୁଳ ରାଷ୍ଟ୍ରଭାବେ ପରିଗଣିତ ଭାରତ ଅଳ୍ପ କେଇ ବର୍ଷ ଭିତରେ ଚୀନକୁ ଟପି ସବୁଠାରୁ ଜନବହୁଳ ରାଷ୍ଟ୍ର ହେବ ବୋଲି କୁହାଯାଉଛି । ତାସତ୍ତ୍ୱେ ଦେଶରେ ଜନ୍ମହାର କମୁଛି । ସ୍ୱାଧୀନତା ପରେ ଦେଶରେ ଉଭୟ ଜନ୍ମ ଓ ମୃତ୍ୟୁହାର ଉଚ୍ଚଥିଲା । ଗତ କିଛି ବର୍ଷ ମଧ୍ୟରେ ଉଭୟ ହାର ହ୍ରାସ ପାଉଛି । ତାହା ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ତଥା ଆୟୁହାର ବୃଦ୍ଧି କ୍ଷେତ୍ରରେ ବଡ଼ସଫଳତା । କିନ୍ତୁ ଏଥର ଅର୍ଥନୈତିକ ସର୍ଭେରେ ଯେଉଁ ନୂଆ ଧାରାର ଅବତାରଣା କରାଯାଇଛି ତାହା ଆଗାମୀ ଦିନର ଯୋଜନା ପ୍ରଣୟନକାରୀ ମାନଙ୍କ ପାଇଁ ଏକ ଚାଲେଞ୍ଜ ହେବ । ବିଡ଼ମ୍ବନାର ବିଷୟ ଯେ, ଅନ୍ୟ ଦେଶ ମାନଙ୍କ ତୁଳନାରେ ଭାରତ ତାର ଜନସଂଖ୍ୟାର ସ୍ୱାତନ୍ତ୍ରତା ଯୋଗୁଁ ଯେଉଁ ଫାଇଦା ନେବା କଥା ତାହା ନେଇପାରିନଥିବା ବେଳେ ସର୍ଭେ ଏକ ବିପରୀତ ଆହ୍ୱାନ ଆଣି ଦେଇଛି । ଜନସଂଖ୍ୟାରେ ଯୁବକଙ୍କ ସଂଖ୍ୟା ଅଧିକ ଥିବାରୁ ଭାରତ ସେମାନଙ୍କର ଉତ୍ପାଦିକା ଶକ୍ତିର ଫାଇଦା ପାଇବା କଥା । କିନ୍ତୁ ତାହା ଏଯାଏଁ ହୋଇପାରିନାହିଁ । କାରଣ ସେମାନଙ୍କୁ ନିଯୁକ୍ତି ଦିଆଯାଇପାରୁନାହିଁ । ଏବେକାର ଜନସଂଖ୍ୟାରେ ବେକାରଙ୍କ ହାର ବେଶୀ । ଏହି ଅବସ୍ଥାରେ ଅର୍ଥନୈତିକ ସର୍ଭେ କହିଛି ଯେ ଖୁବଶୀଘ୍ର ଦେଶର ଜନସଂଖ୍ୟାରେ ଯୁବକଙ୍କ ଅପେକ୍ଷା ବୁଢ଼ାଙ୍କ ସଂଖ୍ୟା ବଢ଼ିଯିବ ଓ ସେହି କାରଣରୁ ଅବସର ସମୟ ୭୦ବର୍ଷକୁ ବଢ଼ାଇବା ଆବଶ୍ୟକ ହୋଇପାରେ । ପ୍ରକୃତରେ ଦେଶର ଏବେକାର ସ୍ଥିତି ପରିପ୍ରେକ୍ଷୀରେ ସର୍ଭେ ଉପସ୍ଥାପନ କରିଥିବା ଭବିଷ୍ୟତ ଚିତ୍ର ଅନେକଙ୍କୁ ଚକିତ କରିପାରେ । ସର୍ଭେରେ କୁହାଯାଇଛି ଯେ, ଜନସଂଖ୍ୟା ହ୍ରାସ ଯୋଗୁଁ ପ୍ରାଥମିକ ସ୍କୁଲ ଗୁଡ଼ିକରେ ଛାତ୍ରଛାତ୍ରୀ ମିଳିବନାହିଁ । ଏଣୁ ସ୍କୁଲ ଗୁଡ଼ିକୁ ମିଶାଇ ଦେବାକୁ ପଡ଼ିବ । ଭାରତର କର୍ମକ୍ଷମ ବୟସ ଲୋକ ସଂଖ୍ୟା ୨୦୪୧ ବେଳକୁ ସର୍ବୋଚ୍ଚ ସ୍ତରରେ ପହଞ୍ଚିବ । ଏଣୁ ଏହି ସମୟରେ ନିଯୁକ୍ତି ପରିସରକୁ ବ୍ୟାପକ କରିବାକୁ ହେବ । ଗତ ପାଞ୍ଚ ବର୍ଷରେ ନରେନ୍ଦ୍ର ମୋଦି ସରକାର ନିଯୁକ୍ତି କ୍ଷେତ୍ରରେ ଘୋଷିତ ପ୍ରତିଶ୍ରୁତିକୁ ପୂରଣ କରିପାରିନଥିଲେ ସୁଦ୍ଧା ପୁନଃନିର୍ବାଚିତ ହୋଇଛି । ଏଣୁ ଆଗାମୀ ପାଞ୍ଚ ବର୍ଷରେ ସରକାରଙ୍କ ପାଖରେ ନିଯୁକ୍ତି ଚାଲେଞ୍ଜ ରହିବ । ଅର୍ଥନୈତିକ ସର୍ଭେରେ ଜନସଂଖ୍ୟାର ଯେଉଁ ଭବିଷ୍ୟତ ସମଗ୍ର ପୃଥିବୀର ଧାରା । ସବୁ ସମୃଦ୍ଧ ଦେଶରେ ଜନ୍ମହାର କମି ଯୁବକଙ୍କ ଅପେକ୍ଷା ବୟୋବୃଦ୍ଧଙ୍କ ସଂଖ୍ୟା ବଢ଼ିଚାଲିଛି । ସବୁଠାରୁ ଜନବହୁଳ ରାଷ୍ଟ୍ର ଚୀନ କଠୋର ଜନ୍ମ ନିୟନ୍ତ୍ରଣ ନିୟମ ଲାଗୁ କରି ସେହି ଧାରାକୁ ପ୍ରାୟତଃ ଆସିଗଲାଣି । ଚୀନରେ ବୟସ୍କ ଜନସଂଖ୍ୟା ସମସ୍ୟାର ମୁକାବିଲା ପାଇଁ ସେଠାକାର ସରକାର ଏବେ ପୂର୍ବର ଏକ ସନ୍ତାନ ନୀତି ବଦଳରେ ଦ୍ୱିତୀୟ ସନ୍ତାନ ଜନ୍ମକୁ ଉତ୍ସାହିତ କରୁଛନ୍ତି । କିନ୍ତୁ ଲୋକେ ତାକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହଁନ୍ତି । ଅର୍ଥନୈତିକ ପ୍ରଗତି ଓ ଜନ୍ମହାର ନିୟନ୍ତ୍ରଣ ହାସଲ ହୋଇଥିବା ଦେଶ ମାନଙ୍କରେ ଲୋକେ ଆଉ ଅଧିକ ସନ୍ତାନ ଚାହୁଁନାହାନ୍ତି । ଭାରତ ମଧ ଏକ ସମୟରେ ସେହି ସ୍ଥିତିକୁ ଆସିବ । ଏଠାରେ ଶିକ୍ଷିତ, ସଚେତନ ତଥା ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ ପରିବାର ଗୁଡ଼ିକ ୧/ ୨ ସନ୍ତାନକୁ ଆଗକୁ ଯିବାକୁ ଚାହୁଁନାହାନ୍ତି । ସର୍ବୋପରି ଏକ ଛୋଟ ପରିବାରରର ଫାଇଦା ସମ୍ପ୍ରତି ଅଧିକାଂଶ ସଚେତନ ଭାରତୀୟଙ୍କୁ ଜନ୍ମ ନିୟନ୍ତ୍ରିତର ସପକ୍ଷବାଦୀ କରିଛି । ଏହି କାରଣରୁ ଧୀରେ ଧୀରେ ଦେଶରେ କର୍ମକ୍ଷମ ବୟସର ଲୋକଙ୍କ ସଂଖ୍ୟା କମିବ । ଏହି କମିବା ଧାରା ୨୦୩୧ରୁ ୨୦୪୧ ମଧ୍ୟରେ ପ୍ରକଟିତ ହେବ । ଏହାକୁ ଦେଖିଲେ କୁହାଯାଇପାରେ ଯେ ସର୍ଭେ ସୂଚାଇଥିବା ସଙ୍କଟ ପାଇଁ ବେଶ ସମୟ ବାକି ଅଛି । ଏହାମଧ୍ୟରେ ବର୍ଦ୍ଧିଷ୍ଣୁ ଯୁବଶ୍ରେଣୀ ପାଇଁ ଉପଯୁକ୍ତ ଶିକ୍ଷା, ତାଲିମ ଓ ନିଯୁକ୍ତି ସୃଷ୍ଟିକୁ ଅଗ୍ରାଧିକାର ଦିଆଯାଉ । ସେମାନଙ୍କ ଉତ୍ପାଦନ ସାମର୍ଥ୍ୟର ପୂର୍ଣ୍ଣ ଉପଯୋଗ କରାଯାଉ । ତାହା ଅର୍ଥନୈତିକକୁ ମଧ୍ୟବର୍ତ୍ତୀ କାଳୀନ ସମୟରେ ସୁଦୃଢ଼ କରିବାରେ ସାହାଯ୍ୟ କରିବ । ନଚେତ୍ କେତେକ ବିଶେଷଜ୍ଞ କହିଲେ ଯେ, ଭାରତ ଧନୀ ହେବା ଆଗରୁ ବୁଢ଼ା ହୋଇ ଯାଇଥିବ । କାରଣ ଏବେ ଦେଶରେ ଥିବା ବଳକା ଶ୍ରମଶକ୍ତି ବା ଯୁବଶ୍ରେଣୀ ବେକାର ହୋଇ ଅର୍ଥନୀତିକୁ କୌଣସି ସାହାଯ୍ୟ କରିପାରିବେ ନାହିଁ । ସେମାନଙ୍କ ସମୟ ଚାଲିଗଲା ବେଳକୁ ଜନସଂଖ୍ୟାରେ ଯୁବକଙ୍କ ଅପେକ୍ଷା ବୟୋଜ୍ୟେଷ୍ଠଙ୍କ ହାର ବଢ଼ିଯାଇଥିବ । ଅବଶ୍ୟ ସର୍ଭେ ଦର୍ଶାଇଥିବା ଧାରା ପାଇଁ ବି ଦେଶ ପ୍ରସ୍ତୁତ ରହିବା ଉଚିତ ।

**ରଘୁନାଥ ମହାପାତ୍ର**, ସତ୍ୟଶ୍ରୀନିବାସ, ତାରାଚାନ୍ଦପାଟଣା, କଟକ, ଦୂରଭାଷ : ୯୨୩୮୬୩୨୭୫୦

# ଏସେଲ୍ସ ପବ୍ଲିକ ସ୍କୁଲ ଓ ସିମରିଂ ଷ୍ଟାର ସ୍କୁଲର ବାର୍ଷିକ ଉତ୍ସବ



କଟକ (ପିଏନ୍): ସିଡିଏ ସେକ୍ଟର-୯ସ୍ଥିତ ଏସେଲ୍ସ ପବ୍ଲିକ ସ୍କୁଲ ଓ ସିମରିଂ ଷ୍ଟାର ସ୍କୁଲର ବାର୍ଷିକ ଉତ୍ସବ ଶହୀଦ ଭବନରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ସମୂହର ନିର୍ଦ୍ଦେଶିକା ଶିକ୍ଷାବିତ ଡକ୍ଟର ମେଘନା ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଚୌଦ୍ୱାର ବାଣୀପଦାର ଉତ୍କଳ ଇଷ୍ଟର ନ୍ୟାସନାଲ ବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଗଣେଶ ପ୍ରସାଦ ବେହେରା ଅଧ୍ୟକ୍ଷତା କରିଥିବାବେଳେ ଝାଡ଼ଖଣ୍ଡ ଦେଓଘରର ଦେବସଂଘ ଜାତୀୟ ବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ସୁରେଶ ନାୟକ ଅତିଥି ଭାବରେ ଯୋଗ ଦେଇଥିଲେ । ଏକ ହଜାରରୁ ଉର୍ଦ୍ଧ୍ୱ ଅଭିଭାବକ, ଛାତ୍ରଛାତ୍ରୀ, ଶିକ୍ଷାବିତ୍‌ଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମରେ ଦେଶାତ୍ମବୋଧକ, ସାଂସ୍କୃତିକ, ଆଧ୍ୟାତ୍ମିକର ବିଭିନ୍ନ କୃତୀ ଓ କୃତିତ୍ୱ ସମ୍ବଳିତ ସୃଜନ ପ୍ରତିଭା ନୈପୁଣ୍ୟ ଛାତ୍ରଛାତ୍ରୀମାନେ ପ୍ରଦର୍ଶନ କରିଥିଲେ । ବିଦ୍ୟାଳୟରେ ଏକ ଦଶନ୍ଧି ଧରି ସମର୍ପିତ ସେବା ଯୋଗାଇଥିବା ଉତ୍ସର୍ଗୀକୃତ କର୍ମକର୍ତ୍ତା ଦିବ୍ୟାଂଶୀ ପରିଡ଼ା, ସସ୍ମିତା ପାଢ଼ୀ, ରଶ୍ମୀତା ଚୌଧୁରୀ, ଇତିଶ୍ରୀ ଦାସ ଓ ତ୍ରୈଲୋକ୍ୟନାଥ ଶର୍ମାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ ସହ ସ୍ମରଣିକା ଉନ୍ମୋଚନ ହୋଇଥିଲା । କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଶ୍ରୀ ମିଶ୍ର, ଆଡ଼ମିନିଷ୍ଟ୍ରେଟର ମିନୁ ପଟ୍ଟନାୟକ, ବରିଷ୍ଠ ଶିକ୍ଷୟିତ୍ରୀ ମିନତୀ ଭୂୟାଁ, ପରମିତା ପ୍ରିୟଦର୍ଶିନୀ, ଆରାଧନା ବେହେରା, ଜ୍ୟୋତିର୍ମୟୀ, ସ୍ନେହାଞ୍ଜଳୀ ସ୍ୱାଇଁ, ସାଗରିକା ସାହୁ, ଶିକ୍ଷକ ଧୀରେନ ମଲ୍ଲିକ ପ୍ରମୁଖ ଶିକ୍ଷକ-ଶିକ୍ଷୟିତ୍ରୀମାନେ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ପରିଶେଷରେ ଡକ୍ଟର ମେଘନା ମିଶ୍ର ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ ପୂର୍ବକ ପିଲାମାନଙ୍କ ଉତ୍ସାହୀ ଓ ପ୍ରେରଣାପ୍ରଦ ପ୍ରଶଂସନୀୟ କାର୍ଯ୍ୟକ୍ରମ ପାଇଁ ଶୁଭେଚ୍ଛା ଜ୍ଞାପନ କରିଥିଲେ ।

# ଲୁଇସ୍ ବ୍ରେଲ୍ ଥିଲେ ଦୃଷ୍ଟିବାଧିତଙ୍କ ପାଇଁ ଦେବଦୂତ



ଭୁବନେଶ୍ୱର(ପିଏନ୍): ଦୃଷ୍ଟିବାଧିତଙ୍କ ପାଇଁ ବ୍ରେଲିର ଉପଯୋଗିତା ଓ ମହତ୍ତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଜାନୁୟାରୀ ମାସ ୪ ତାରିଖକୁ ବ୍ରେଲ୍ ଲିପିର ଉଦ୍ଭାବକ ଲୁଇସ୍ ବ୍ରେଲ୍‌ଙ୍କ ଜନ୍ମ ଦିବସକୁ ବିଶ୍ୱ ବ୍ରେଲ୍ ଦିବସ ରୂପେ ପାଳନ କରାଯାଇଥାଏ । ଏହି ପରିପ୍ରେକ୍ଷୀରେ ଓଡ଼ିଶା ଦୃଷ୍ଟିବାଧିତ ଖେଳାଳିଙ୍କ କୋଚ୍ ତ୍ରିଲୋଚନ ବେଉରାଙ୍କ ତତ୍ତ୍ୱାବଧାନରେ ଲୁଇସ୍ ବ୍ରେଲ୍‌ଙ୍କ ଜନ୍ମଦିନଟିକୁ ନିରାଡ଼ମ୍ବର ରୂପେ ଆଦିବାସୀ ପଲ୍ଲୀ କନ୍ଦଳେଇର ବିଦ୍ୟାର୍ଥୀମାନେ ପାଳନ କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଓଡ଼ିଶା ଦୃଷ୍ଟିବାଧିତ ଫୁଟ୍‌ବଲ୍ ଦଳର କ୍ୟାପ୍‌ଟେନ୍ ବାପିନା ନାୟକ ଯୋଗଦେଇ କହିଥିଲେ, ଦୃଷ୍ଟିବାଧିତଙ୍କ ପାଇଁ ଅକ୍ଷର ଚିହ୍ନିବା, ପଢିବା ଏବଂ ଏହାର ପରିପ୍ରକାଶ ନିଜସ୍ୱ ଢଙ୍ଗରେ କରିବା ଲାଗି ବ୍ରେଲି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ସମ୍ମାନିତ ଅତିଥି ରୂପେ ସାମାଜିକ କର୍ମୀ ସୁଶାନ୍ତ ସାହୁ ଯୋଗଦେଇ କହିଥିଲେ, ଦୃଷ୍ଟିବାଧିତଙ୍କ ପାଇଁ ବ୍ରେଲ୍ ଅମୂଲ୍ୟ ବରଦାନ । ଲୁଇସ୍ ବ୍ରେଲ୍ ଥିଲେ ଦୃଷ୍ଟିବାଧିତଙ୍କ ପାଇଁ ଦେବଦୂତ । ଛଅ ବିନ୍ଦୁର ସେ ଯାଦୁଗର ଥିଲେ । ଯାହା ଆଜି କୋଟି କୋଟି ଦୃଷ୍ଟିବାଧିତଙ୍କ ପାଇଁ ଆଲୋକବର୍ତ୍ତିକା, ଯାହା ଅବିସ୍ମରଣୀୟ । କାର୍ଯ୍ୟକ୍ରମକୁ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଚିତ୍ର କୁମାର ମାଝୀ, ଶିକ୍ଷକ ସୁବାସ ଓଝା ପରିଚାଳନାରେ ସହଯୋଗ କରିଥିଲେ ।

# ଆଗାମୀ ତିନିମାସ ଭିତରେ ଜଟଣୀ ଅଂଚଳର ସ୍ଥିତିବାନ ସଂପତିକୁ ହିତାଧିକାରୀଙ୍କୁ ଫେରାଇ ଦିଆଯିବ

ଭୁବନେଶ୍ୱର (ପିଏନ୍)- ଦୀର୍ଘ ୧୦ମାସ ତଳେ ଜଟଣୀ ଅଂଚଳର ସ୍ଥିତିବାନ ସଂପତିକୁ ହିତାଧିକାରୀଙ୍କୁ ଫେରାଇ ଦିଆଯିବ ବୋଲି କ୍ୟାବିନେଟରେ ନିଷ୍ପତି ହୋଇଥିଲା । କିନ୍ତୁ ଦୀର୍ଘଦିନ ବିତିଯାଇଥିଲେ ମଧ ଏହା କାର୍ଯ୍ୟକାରୀ ନ ହେବାରୁ ଜଟଣୀ ବିଧାୟକ ଶ୍ରୀ ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ ବହୁ ହିତାଧିକାରୀ, ଆଇନଜୀବୀ ଓ ବିଶିଷ୍ଟ ନାଗରିକମାନଙ୍କର ଏକ ପ୍ରତିନିଧି ଦଳ ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ଭେଟି ଏ ସଂପର୍କରେ ଆଲୋଚନା କରିଥିଲେ । ଶ୍ରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପରୋକ୍ତ ବିଷୟକୁ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ଆଲୋଚନାରେ ଅମୃତମଣୋହୀ ସଂପତି ଜଗନ୍ନାଥଙ୍କର ହୋଇନଥିବା ମୁଖ୍ୟ ଶାସନ ସଚିବ ହୃଦୟଙ୍ଗମ କରିଥିଲେ ଏବଂ ଶୀଘ୍ର ସ୍ଥିତିବାନ ସଂପତିକୁ ହିତାଧିକାରୀଙ୍କୁ ଫେରାଇ ଦିଆଯିବାକୁ ପ୍ରତିଶ୍ରୁତି ଦେଇଥିଲେ । ଏହି ନିଷ୍ପତିରେ ଜଟଣୀ ଅଂଚଳରେ ସମସ୍ତ ହିତାଧିକାରୀ ଅତ୍ୟନ୍ତ ଆନନ୍ଦିତ ଏବଂ ତୁରନ୍ତ ଏ ସଂପର୍କରେ ଚୂଡ଼ାନ୍ତ ନିର୍ଦ୍ଦେଶନାମା ଜାରିକରି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାକୁ ଶ୍ରୀ ରାଉତରାୟ ନିବେଦନ କରିଛନ୍ତି । ଏହି ପ୍ରତିନିଧି ଦଳରେ ସୁରେନ୍ଦ୍ର ମିଶ୍ର, ଆଶୁତୋଷ ପଟ୍ଟନାୟକ, ବିବେକାନ୍ଦ ବଡ଼ଜେନା, ହଟକିଶୋର ପ୍ରଧାନ, ସୁନିଲ ରାଉତରାୟ, ବୃନ୍ଦାବନ ସାହୁ, କଳିଙ୍ଗ କୁମାର ସାହୁ, ନୌସରି ଅଲ୍ଲୀ, ବସନ୍ତ କୁମାର ସାହୁ, ନିରୁପମା ପାତ୍ର, ଅକ୍ଷୟ ପରିଡ଼ା ଏବଂ ଅଶୋକ କୁମାର ମଙ୍ଗରାଜ ପ୍ରମୁଖ ବ୍ୟକ୍ତିମାନେ ଉପସ୍ଥିତ ଥିଲେ ।

# କେଡିଏମ୍ କ୍ରିକେଟ୍, କଣ୍ଟିଗଡିଆ ପଞ୍ଚାୟତ ବିଜୟୀ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଥାନୁଆଳ ପଞ୍ଚାୟତ କଣ୍ଟାମାଳିଆ ଗାଁ ଖେଳପଡ଼ିଆରେ ଗତକାଲିଠାରୁ ୧୩ନମ୍ବର ଜୋନ୍ କେଡ଼ିଏମ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି । କେଡ଼ିଏନ୍‌ଏଫ୍ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଖେଳକୁ ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନୀ ମ୍ୟାଚରେ ତରିଆ ପଞ୍ଚାୟତକୁ ୮୪ ରନ୍‌ରେ ପରାସ୍ତ କରି କଣ୍ଟିଗଡ଼ିଆ ପଞ୍ଚାୟତ ବିଜୟୀ ହୋଇଛି । କଣ୍ଟିଗଡ଼ିଆ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୭ଉଇକେଟ୍ ହରାଇ ୨୦୭ରନ୍ କରିଥିଲା । ଦଳ ପକ୍ଷରୁ ଜେକେ ରାୟ ୬୦ ଓ କୈବଲ୍ୟ ଦାସ ୫୦ ରନ୍ କରିଥିଲେ । ବିପକ୍ଷ ଦଳର ନିତ୍ୟାନନ୍ଦ ଦାସ ୩ ଓ ଦୀପ୍ତିରଂଜନ ବିଶ୍ୱାଳ ୨ଟି ଉଇକେଟ୍ ନେଇଥିଲେ । ଜବାବ୍‌ରେ ତରିଆ ଦଳ ବ୍ୟାଟିଂ କରି ୧୧.୩ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୨୩ ରନ୍ କରି ପରାଜିତ ହୋଇଥିଲା । ଦଳ ପକ୍ଷରୁ ଏମ୍‌ଜେ ଚନ୍ଦନ ୨୭ ଓ ପ୍ରଣୟ ସାମଲ ୨୦ ରନ୍ କରିଥିଲେ । ବିପକ୍ଷ ଦଳର ଶେଖର ଦାସ ୩ ଓ ଅଜିତ କୁମାର ନାୟକ ୨ଟି ଉଇକେଟ୍ ନେଇଥିଲେ । ଖେଳକୁ ସୁବ୍ରତ ଜେନା ଓ ତ୍ରିଲୋଚନ ଦାସ ପରିଚାଳନା କରିଥିଲେ । ତା' ପରଦିନ ଗଙ୍ଗାଧରପୁର ଓ ପାଖର ଏବଂ କ୍ଷେତ୍ରପାଳ ଓ ହରିଦାସପୁର ପଞ୍ଚାୟତ ମଧ୍ୟରେ ଦୁଇଟି ମ୍ୟାଚ୍ ହେବ ବୋଲି କେଡ଼ିଏମ୍ ଉପାଧ୍ୟକ୍ଷ ରଶ୍ମିରଂଜନ ରାୟ ସୂଚନା ଦେଇଛନ୍ତି ।

# ପଞ୍ଚାୟତସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା



ଧର୍ମଶାଳା (ପିଏନ୍): ବିଶ୍ୱକପ୍ ହକି ଉପଲକ୍ଷେ ଧର୍ମଶାଳା ବ୍ଲକ ଚୋରମୁହାଁ ଗାଁ ମଜାର୍ ପଡ଼ିଆରେ ପଞ୍ଚାୟତସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଚୋରମୁହାଁ ପଞ୍ଚାୟତ ଅଧୀନ ୫ଟି ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ୧୦୦ ଓ ୨୦୦ ମିଟର ଦୌଡ଼, ଧୀର ସାଇକଲ ଚାଳନା, ଦଉଡ଼ି ଡିଆଁ, ମ୍ୟୁଜିକ୍ ଚେୟାର୍ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଚୋରମୁହାଁ ପଞ୍ଚାୟତ ସରପଞ୍ଚ ପ୍ରଦ୍ୟୁମ୍ନ କେଶରୀ ମହାନ୍ତି ଯୋଗଦେଇ କୃତୀ ପ୍ରତିଯୋଗୀ ଶିବା ମଲିକ, ଋତୁରାଣୀ ମହାରଣା, ଫରହନ୍ ହୁସେନ୍, ରୋଜାଲିନ୍ ସାହୁ, ହିମାଂଶୁ ଶେଖର ପରିଡ଼ା, ସୁବ୍ରତ ବିଶ୍ୱାଳ, ସୋନି ଦାସ, ଅମ୍ରିତା ପ୍ରିୟଦର୍ଶିନୀ ସାହୁ, ଅଭିଲିପ୍ସା ପରିଡ଼ା, ପ୍ରିୟଦର୍ଶିନୀ ଦାସଙ୍କ ସମେତ ୩୧ଜଣ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ । ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ତ୍ରିପାଠୀ, ଅର୍ଚ୍ଚନା ସାହୁ, ସେଲିନା ପ୍ରିୟଦର୍ଶିନୀ ନାୟକ, ଶିକ୍ଷକ ପ୍ରଦୀପ୍ତ କୁମାର ସାହୁ, ବାସୁଦେବ ମହାରଣା, ଅଭୟ କୁମାର ସ୍ୱାଇଁ ଓ ସେକ୍ ରହିମ୍‌ଉଦ୍ଦିନ୍ ଖେଳ ପରିଚାଳନା କରିଥିଲେ । ନିଗମ ସାହୁ, ସୂର୍ଯ୍ୟକାନ୍ତ ରାଉତ, ନରେନ୍ଦ୍ର ମହାନ୍ତି, ସତ୍ୟଜିତ୍ ରାଉତ ଓ ନୀଳାଦ୍ରି ରାଉତ ଖେଳ ପରିଚାଳନା କରିଥିଲେ । ଏଥିରେ ଚୋରମୁହାଁ ପ୍ରକଳ୍ପ ଉପ୍ରା ବିଦ୍ୟାଳୟ, ବାଲିଗରି-ନରସିଂହପୁର ୟୁଜିଏମ୍‌ଇ ସ୍କୁଲ, ବଡ଼ମଙ୍ଗଳପୁର ପ୍ରାଥମିକ ଓ ଉପ୍ରା, ନାଉପାଳ(ଖ) ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ ।

# ସଫଳ ହେଲା ବଣିକ ସଂଘର ଦାବୀ, ଚମ୍ପୁଆରେ ଗଡିଲା ସରକାରୀ କଲିକତା ବସ



ଚମ୍ପୁଆ (ପିଏନ୍): ଚମ୍ପୁଆ କେନ୍ଦୁଝର ଜିଲାର ଏକ ଉପାନ୍ତ ଅଂଚଳ ହୋଇଥିବା ବେଳେ ପଡୋଶୀ ଝାଡଖଣ୍ଡ ରାଜ୍ୟ ସହ ମୟୁରଭଂଜ ଜିଲା ଏହାର ଅନତି ଦୂରରେ ଅବସ୍ଥିତ । ଫଳରେ ଏହି ଆଦିବାସୀ ଅଧ୍ୟୁଷିତ ମୁଖ୍ୟାଳୟ ବର୍ତ୍ତମାନ ଏକ ବ୍ୟାବସାୟିକ ପେଣ୍ଠସ୍ଥଳ ବାବେ ପରିଚିତ । ଦୀର୍ଘଦିନରୁ ବ୍ୟବସାୟ ସୁବିଧା କାରଣରୁ ଚମ୍ପୁଆ ଦେଇ କଲିକତା ବସ ଚଳାଚଳ ପାଇଁ ବିଭିନ୍ନ ମହଲରୁ ଦାବି ହୋଇଆସୁଥିଲେ ମଧ ତାହା ପୂରଣ ହୋଇପାରିନଥିଲା । ଫଳରେ ବ୍ୟବସାୟୀଙ୍କ ମଧରେ ଅସନ୍ତୋଷ ବଢିବାରେ ଲାଗିଥିଲା । ଏହାକୁ ନେଇ ବଣିକ ସଂଘ ପକ୍ଷରୁ ଲିଖିତ ଦାବୀ କରାଯାଇଥିବା ବେଳେ ଚମ୍ପୁଆ ଉପଜିଲାପାଳ ସୁକାନ୍ତ ମାଝିଙ୍କ ପ୍ରଚେଷ୍ଟାରେ ବସ ଚଳାଚଳ ଆରମ୍ଭ କରାଯାଇଛି । ପୂର୍ବରୁ ବ୍ୟବସାୟୀମାନଙ୍କୁ କଲିକତା ଯିବାକୁ ହେଲେ ଚମ୍ପୁଆଠାରୁ ୧୩ କିମି ଦୂର ରିମୂଳି ଯାଇ ବସ ଧରିବାକୁ ପଡୁଥିଲା ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ଜାନୁଆରୀ ୧୦

# ପୁରୁଷାର୍ଥର ପରାକାଷ୍ଠା

ପରିପୂର୍ଣ୍ଣତା ପ୍ରାପ୍ତି ପ୍ରତ୍ୟେକ ଜୀବନର ଲକ୍ଷ୍ୟ। ଜୀବ ଜଡ଼ ନୁହେଁ ଚେତନଶୀଳ। ତାର ଅଗ୍ରଗତି ଅଥବା ଉନ୍ନତିର ଆଧାର ହେଉଛି ପୁରୁଷାର୍ଥ। ଏହି ପୁରୁଷାର୍ଥ ଅନ୍ୟ କିଛି ନୁହେଁ ଏହା ହେଉଛି ବ୍ୟକ୍ତିର ପୌରୁଷ ବା ସାମର୍ଥ୍ୟ ଶକ୍ତି। ଏହି ସଂସାର ଅନେକ ବନ୍ଧନ, ଅନେକ ପ୍ରତିବନ୍ଧକରେ ପୂର୍ଣ୍ଣ। ଜୀବନ ଏକ ଯୁଦ୍ଧ। ପ୍ରତି ମୁହୂର୍ତ୍ତରେ ଯୁଦ୍ଧର ଘନଘଟା ଲାଗିଛି। ବିଜୟ ଆମର ଲକ୍ଷ୍ୟ। ସାରା ସଂସାର ତ୍ରିତାପରେ ଗ୍ରସ୍ତ। ଖାଲି ଗ୍ରସ୍ତ ନୁହେଁ ତ୍ରସ୍ତ ମଧ୍ୟ। ଆଧ୍ୟାତ୍ମିକ, ଅଧିଦୈବୀକ ଓ ଆଧିଭୌତିକ ତାପରେ ଥାଇ ମଧ୍ୟ ଯିଏ ସେଥିରେ ପ୍ରଭାବିତ ନହୋଇ ସୁଖଦ ଜୀବନ ଜିଇପାରିବ ସେ ଯୁଦ୍ଧରେ ବିଜୟୀ ବୋଲି ବୁଝିବାକୁ ହେବ। ସେହି ବ୍ୟକ୍ତି ପରିପୂର୍ଣ୍ଣତାର ସ୍ୱାଦ ପାଇପାରିବ। ସୁଖ, ଶାନ୍ତି, ଆନନ୍ଦପୂର୍ଣ୍ଣ ସଫଳ ଜୀବନ ଯାପନ କରିପାରିବ। ଯୁଦ୍ଧ ହେଉଛି ପୁରୁଷାର୍ଥ ପ୍ରଦର୍ଶନ। ବୀର ଭୋଗ୍ୟା ବସୁନ୍ଧରା। ପୁରୁଷାର୍ଥ ବିନା କିଛି ଅର୍ଜନ ସମ୍ଭବ ନୁହେଁ। ଶ୍ରେଷ୍ଠ ପୁରୁଷ ସ୍ୱୀୟ ପୁରୁଷାର୍ଥ ବଳରେ ପରମପଦ, ପରମାନନ୍ଦ ଲାଭ କରିପାରେ।

ଏହି ସୃଷ୍ଟି ପ୍ରବାହ କର୍ମ ପ୍ରଧାନ ଅଟେ। ସ୍ରଷ୍ଟାଙ୍କ ସଦିଚ୍ଛା ରୂପକ ଯଜ୍ଞ କର୍ମରୁ ସୃଷ୍ଟି ସାଧନ ସମ୍ଭବ ହୋଇଛି। ପ୍ରତ୍ୟେକ ହୃଦୟରେ ରହି ସ୍ରଷ୍ଟା ତାଙ୍କର ଇଚ୍ଛାଶକ୍ତି, କ୍ରିୟା ଶକ୍ତି ଓ ଜ୍ଞାନ ଶକ୍ତି ରୂପକ ଯଜ୍ଞ କର୍ମ କରୁଛନ୍ତି। ଏହି ଯଜ୍ଞ କର୍ମର ମର୍ମକୁ ଠିକ ଭାବେ ଦେଖିପାରିଲେ, ଜାଣିପାରିଲେ, ଅନୁଭବ କରିପାରିଲେ ଜୀବନ ସାର୍ଥକ ହୁଏ। ଜନ୍ମ ଜନ୍ମାନ୍ତରର କର୍ମ ଦୈବ ନାମ ଧରି ଆମ ସହ ବିଦ୍ୟମାନ। ବିବେକ ବିଚାର ବଳରେ ଏହା ହୃଦୟଙ୍ଗମ ହେବ। ସତସଙ୍ଗ, ସ୍ୱାଧ୍ୟାୟ ଓ ସତ ସଂସର୍ଗ ଦ୍ୱାରା ଏହି ବିବେକ ବିଚାର ଯେବେ ଜୀବନ ବୃକ୍ଷକୁ ଶ୍ରୀମଣ୍ଡିତ କରିବ



ତେବେ ପୁରୁଷାର୍ଥ ରୂପକ ଫଳରେ ଏହା ସୁଶୋଭିତ ହୋଇ ଉଠିବ। ମନୁଷ୍ୟ ଆପଣା ତନୁମନର ଶକ୍ତି ସାମର୍ଥ୍ୟକୁ ସଠିକ ଭାବେ ସଦ ଉପଯୋଗ କରିପାରିଲେ ଅସାଧ୍ୟ ସାଧନ ହୋଇପାରିବ। ଏହା ହିଁ ପୁରୁଷାର୍ଥ। ଏହା ହିଁ ଦୈବ ହୋଇ ଆମ ସମ୍ମୁଖରେ ଉଭା ହେବ। ପୁରୁଷାର୍ଥର ଅସୀମ ସାମର୍ଥ୍ୟ। ପୁରୁଷାର୍ଥର ପରାକ୍ରମ ଓ ପବିତ୍ର ପ୍ରଭାବରେ ପୂର୍ବ ନିର୍ଦ୍ଧାରିତ ପ୍ରାରବ୍ଧ କର୍ମଫଳ ମଧ୍ୟ ପ୍ରଭାବିତ ହୋଇପାରିବ। ବେଳେ ବେଳେ ପ୍ରତିହତ ମଧ୍ୟ କରିପାରିବ। ଆମେ ଆମ ଜୀବନ ଯାନର ମଙ୍ଗଳପାକ ହୋଇ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରିବା। ସୃଷ୍ଟିର ସମସ୍ତ ବିଭୂତି ପୁରୁଷାର୍ଥର ପରିଣତି।

ଆମର ପ୍ରାକ୍ତନ କର୍ମ ଦୈବ ରୂପରେ ଆମ ସମ୍ମୁଖରେ ଉଭା ହୋଇଥାଏ। ଏହି ପୂର୍ବକୃତ ଶୁଭାଶୁଭ କର୍ମର ଫଳ ଓ କ୍ରିୟମାଣ କର୍ମର ପରିଣତି ହେଉଛି ଆଜିର ସ୍ଥିତି। ଯେତେବେଳେ ଯେଉଁ ଇଚ୍ଛା ମନରେ ଜନ୍ମ ନିଏ, ସେତେବେଳେ ସେହି କର୍ମ ଜୀବନ ଆଚରଣ କରେ। ଆମ ଅନ୍ତରର କାମନା ବାସନା ଶରୀର ମାଧ୍ୟମରେ କର୍ମରୂପେ ପ୍ରକାଶିତ ହୋଇଥାଏ। ତେଣୁ ଆମ ମନୋଭାବ ଓ କର୍ମଭାବ ଅବସ୍ଥାର ଅନ୍ତର ମାତ୍ରା ସମର୍ଥ ମଣିଷ ନିଜର ସାମର୍ଥ୍ୟ ବଳରେ ପୂର୍ବ ଦୁଷ୍କୃତିକୁ ପରିହାର କରି ସୁକୃତିରେ ଶୋଭିତ ହୋଇପାରିବ। ସୁକୃତି ଦୁଷ୍କୃତି, ଶୁଭ ସଂସ୍କାର, ଅଶୁଭ ସଂସ୍କାର ଏହା କର୍ମ ପ୍ରବାହର ଏକ ଏକ ସ୍ଥିତି। ଆମେ ଚାହିଁଲେ ସମ୍ୟକ ଚିନ୍ତନ ଦ୍ୱାରା ଆମ ସ୍ଥିତି ବିଷୟରେ ଜାଣିପାରିବା। ଏହି ସବୁ ମନୋଭାବ ଓ ଅବସ୍ଥାର ନିର୍ଣ୍ଣୟ ପାଇଁ ଆମ ସମ୍ମୁଖରେ ଶାସ୍ତ୍ର ହିଁ ପ୍ରମାଣ। ଶାସ୍ତ୍ର ଅନୁକୂଳ କର୍ମରେ ଯଦି ଆମର ରୁଚି ଅଛି ତେବେ ଜାଣିବାକୁ ହେବ। ଆମ ହୃଦୟ ଶୁଭ ସଂସ୍କାର ଯୁକ୍ତ। ଯଦି ଶାସ୍ତ୍ର ବିରୁଦ୍ଧ ମାର୍ଗରେ ଆମ ବିଭୁ ପ୍ରଧାବିତ ହେଉଛି ତେବେ ଜାଣିବାକୁ ହେବ ମଳିନ ସଂସ୍କାର ବଳବତ୍ତର ଅଛି। ଆମେ ଚାହିଁଲେ ଦୃଢ଼ ଇଚ୍ଛାଶକ୍ତି ବଳରେ ଜୀବନର ଗତି ପରିବର୍ତ୍ତନ କରିପାରିବା। ପୁରୁଷାର୍ଥ ବଳରେ ଅସମ୍ଭବ ସମ୍ଭବ ହୋଇପାରେ। ଶାସ୍ତ୍ର ବାକ୍ୟ, ସନ୍ଥ ଉପଦେଶ, ବିବେକର ବୋଲମାନି ସଦ ଆଚରଣ ଦ୍ୱାରା ସୁସଂସ୍କାରରେ ଜୀବନ କାଟିବାକୁ ସୁଶୋଭିତ କରିଦେଇ ପାରିବା।

ପୁରୁଷାକାର ପ୍ରଗତିର ପ୍ରତୀକ। ଶକ୍ତି ସାମର୍ଥ୍ୟର ଦ୍ୟୋତକ। ଯଦି ତାହା ସହିତ ଅହଂକାର ଯୁକ୍ତ ହୋଇଯାଏ ତେବେ ତାହା ଅନେକ ଅଘଟଣକୁ ଆମନ୍ତ୍ରଣ କରିଥାଏ। ଆମ ପୁରାଣ, ଇତିହାସରେ ବର୍ଣ୍ଣିତ ଅନେକ ଘଟଣା ଏହାର ଜ୍ୱଳନ୍ତ ଉଦାହରଣ। ପୁରାଣ ବର୍ଣ୍ଣିତ ସମସ୍ତ ଦୈବୀସୁର ଯୁଦ୍ଧ ଏହି ପୁରୁଷାକାର ସହିତ ଅହଂକାରର ସମ୍ପୃକ୍ତି କାରଣରୁ ସଙ୍ଗଠିତ ହୋଇଛି। ଦୁଃଖ ଦୈନ୍ୟରୁ ମୁକ୍ତି ପାଇଁ ଇଚ୍ଛା ହିଁ ମୁମୁକ୍ଷୁଭାବ। ମୁମୁକ୍ଷୁ ବ୍ୟକ୍ତିର ହୃଦୟ ପବିତ୍ର ହେଲେ ହୃଦୟରେ ଆତ୍ମ ଅନୁସନ୍ଧାନ, ଆତ୍ମ ଚିନ୍ତନର ଭାବ ଉଦୟ ହେବା କର୍ମ ଓ ଜ୍ଞାନର ମିଳନରେ ପ୍ରବଳ ପୁରୁଷାର୍ଥ ଦ୍ୱାରା ସଦ୍‌ବୁଦ୍ଧି ସତ୍‌ବିଚାର ସ୍ୱତଃ ହୃଦୟରେ ପ୍ରକଟ ହେବ। ତା'ପରେ ଆତ୍ମକୃପାରୁ ଆତ୍ମଜ୍ଞାନର ସୂର୍ଯ୍ୟ ହୃଦ ଆକାଶରେ ଉଦୟ ହେବେ। ଦ୍ୱୈତ ଭାବ ଦୂର ହୋଇଯିବ। ଅଦ୍ୱୈତର ଆଭାରେ ଏକ ଏକ ଅଦ୍ୱିତୀୟ ସ୍ୱୟଂ ପ୍ରକାଶ ପରମାତ୍ମା ଆତ୍ମସ୍ୱରୂପରେ ପ୍ରକାଶିତ ହେବେ। ପରମ ପ୍ରଶାନ୍ତି, ପରମ ଆନନ୍ଦରେ ସବୁକିଛି ପୁଲକି ଉଠିବ। ଏହା ହେଉଛି ପରିପୂର୍ଣ୍ଣ ଜୀବନର ପରିପୂର୍ତ୍ତି ବା ପରମାନନ୍ଦ ପ୍ରାପ୍ତି।

**ହେମନ୍ତ କୁମାର ପରିଡ଼ା**, ମାଳତୀ କୁଞ୍ଜ, ପ୍ଲଟ ନଂ-୫୨୬/ଡ଼ି, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ: ୮୯୧୭୬୭୮୧୫୯/୮୭୬୩୧୦୭୧୨୬

## ଆଜିର ଅନୁଚିନ୍ତା

*ତୁମେ ଅନ୍ୟଠାରୁ ଶିଖୁ ଶିଖୁ, ତୁମ୍ଭଠାରୁ ଅନ୍ୟମାନେ ମଧ୍ୟ ଶିଖିଯିବେ।*

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ଏକ ବିକଶିତ ରାଷ୍ଟ୍ର ଓ ଦୁର୍ନୀତିମୁକ୍ତ ଭାରତ

••••••••ବିଷ୍ଣୁରଞ୍ଜନ ପାଣିଗ୍ରାହୀ (ଆଇ.ଟି.ଏସ୍.)••••••••

ସାଧାରଣରେ ଏକ କଥା ଅଛି 'ନୀତି, ପ୍ରଗତି ଓ ଦୁର୍ନୀତି'। ସ୍ୱାଭାବିକ ଭାବେ ପ୍ରଶ୍ନ ଉଠେ ନୀତି ତ ନୀତି କିନ୍ତୁ ପ୍ରଗତି ସହ ଦୁର୍ନୀତିର କିପରି ସମ୍ପର୍କ ରହିଛି ? କାରଣ ପ୍ରଗତି ଓ ଦୁର୍ନୀତି ହେଉଛି ଦୁଇଟି ବିରୋଧାତ୍ମକ ଶବ୍ଦ। ଏକ ଅଭିବୃଦ୍ଧି ସମ୍ପନ୍ନ ରାଷ୍ଟ୍ର ସର୍ବୋପରି ବିକଶିତ ସମାଜ ପାଇଁ ନୀତିଯୁକ୍ତି ପ୍ରଗତିର ମୂଲ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କିନ୍ତୁ ଏସବୁ କ୍ଷେତ୍ରରେ ବାଧକ ହୋଇଥାଏ ଦୁର୍ନୀତି। ଓଡ଼ିଆରେ ଏକ ଲୋକକଥା ଅଛି-'ଗାଁ ପରିମଳ ଧୋବା ତୁଠରୁ'। ଅର୍ଥାତ୍ ଏକ ବିକଶିତ ରାଷ୍ଟ୍ରର ପରିଚୟ ମିଳିପାରିବ ଏହା ଦୁର୍ନୀତିରୁ ମୁକ୍ତ କି ନୁହେଁ! କାରଣ ଗୋଦରା ମାଡ଼େ ଯେତେ କୋଡ଼େ ସେତେ। ଆମେ ଯେତେ ପ୍ରଗତି କରି ଦ୍ରୁତ ଗତିରେ ଦୌଡ଼ି ଚାଲିଲେ ମଧ୍ୟ ଯଦି ଦୁର୍ନୀତିର ବେଡ଼ି ଆମ ପାଦରେ ରହେ, ତାହାହେଲେ ଦୌଡ଼ିବାର କୌଣସି ମୂଲ୍ୟ ନଥାଏ। ଅନେକ କ୍ଷେତ୍ରରେ ଦେଖାଯାଏ ଯେ କୌଣସି ବେସରକାରୀ ସଙ୍ଗଠନ ହେଉ ବା ବଡ଼ ବଡ଼ ଅନୁଷ୍ଠାନ ଓ ସମାଜ ଦୁର୍ନୀତି ପାଇଁ ହିଁ ଏହାର ପ୍ରଗତିର ବଡ଼ ବାଧକ ଦେଖାଦିଏ। କାରଣ ଏକ ନୀତିଯୁକ୍ତ ଚିନ୍ତା ଓ ଚେତନା ସମାଜ ଓ ଦେଶକୁ ଆଗେଇ ନେବା ସହ ଏହାର ଗୌରବର ଅଭିବୃଦ୍ଧିକୁ ଆହୁରି ସଶକ୍ତ କରିଥାଏ। ସମଗ୍ର ବିଶ୍ୱରେ ଆଜି ଭାରତ ଏକ ଦ୍ରୁତ ଅର୍ଥନୈତିକ, ପ୍ରଗତିଶୀଳ ଓ ସୂଚନା ପ୍ରଯୁକ୍ତି ବିଦ୍ୟାରେ ବିକଶିତ ରାଷ୍ଟ୍ର ଭାବେ ଗୌରବର ମର୍ଯ୍ୟାଦା ପାଇଛି।

ସରକାରଙ୍କ ଶୂନ୍ୟ ସହନଶୀଳତା ନୀତି ପାଇଁ ଭାରତ ଆଜି ଦୁର୍ନୀତିମୁକ୍ତ ରାସ୍ତାରେ ଆହୁରି ଆଗେଇ ଚାଲିଛି। ଦିନକୁ ଦିନ ଦୁର୍ନୀତିର ମାତ୍ରା କମିଯାଉଥିବାବେଳେ ଏହାର ସୁଫଳ ଦେଶବାସୀ ଓ ରାଷ୍ଟ୍ର ପାଉଛି। ଏକଦା ଜଣେ ରାଷ୍ଟ୍ରୀୟ ରାଜନେତା ମନ୍ତବ୍ୟ ଦେଇଥିଲେ ଯେ ସରକାରଙ୍କ ଶହେ ଟଙ୍କାରୁ ପଞ୍ଚାଅଶୀ ଟଙ୍କା ବାଟମାରଣା ହେଉଛି ଓ ମାତ୍ର ପନ୍ଦର ଟଙ୍କା ବିକାଶ ନିମିତ୍ତ ଖର୍ଚ୍ଚ ହେଉଛି। ଏହା ଅର୍ଥ ବିକାଶରେ ସେ ସମୟ କେତେ ପଛୁଆ ଥିଲା ଚିନ୍ତା କରନ୍ତୁ। ସମସ୍ତେ ଦୁର୍ନୀତିମୁକ୍ତ କଥା କୁହନ୍ତୁ କିନ୍ତୁ ଏହାକୁ କାର୍ଯ୍ୟ କରିବା ଅତ୍ୟନ୍ତ କଷ୍ଟକର ସାଧନ ହୋଇଥାଏ କିନ୍ତୁ ସମସ୍ତେ ଭୁଲିଯାଆନ୍ତି ଯେ ଦୁର୍ନୀତି ମୁକ୍ତ ହେଲେ ହିଁ ଏହାର ପ୍ରତ୍ୟକ୍ଷ ଓ ପରୋକ୍ଷ ସୁଫଳ ଆମ୍ଭେମାନେ ପାଇବା। ଦେଶ ପାଇବ, ସମାଜ ପାଇବ, ଆମେ ପାଇବା ଏବଂ କେବଳ ଦେଶର ବିକାଶ ନୁହେଁ ପ୍ରତିଟି ପରିବାରର ବିକାଶ ହେବା ସହ ମଣିଷର ବ୍ୟକ୍ତି ଚେତନାର ବ୍ୟାପକ ପରିବର୍ତ୍ତନ ହେବ। ଜଣଙ୍କର ବ୍ୟକ୍ତି ଚେତନାର ରୂପାନ୍ତରଣ ବା ପରିବର୍ତ୍ତନର ମାଧ୍ୟମ ଯଦି ଦୁର୍ନୀତିମୁକ୍ତ ଚେତନାରୁ ସୃଷ୍ଟି ହୁଏ ତାହାହେଲେ ସେ ପରିବାର ସଫଳ ହେବ। ସେ ପରିବାରର ଗୌରବ ଓ ଅଭିବୃଦ୍ଧି ଆହୁରି ଧାବମାନ ହେବ। ସମାଜରେ ଏପରି ପରିବାର ଅନ୍ୟମାନଙ୍କ ଆଦର୍ଶର କେନ୍ଦ୍ରବିନ୍ଦୁ ହୋଇ ରହିବ ଏବଂ ବିନ୍ଦୁ ବିନ୍ଦୁ ପରି ସିନ୍ଧୁ ଠିକ୍ ସେହିପରି ଏହିପରି ଚେତନାର ପରିବାରକୁ ନେଇ ସମାଜ ଗଠନ ହୋଇଥାଏ।

ସମସ୍ତେ ଦୁର୍ନୀତି ଉପରେ ଖୁବ ଜୋରରେ ଭାଷଣ ଦିଅନ୍ତି, ଆଲୋଚନା କରନ୍ତି ଏବଂ ଉଚ୍ଚସ୍ୱରରେ ଅନ୍ୟକୁ ସମାଲୋଚନା ବି କରନ୍ତି। କିନ୍ତୁ ବାସ୍ତବ କଥା ଭିନ୍ନ ଥାଏ। ଅନ୍ୟକୁ ଦୋଷ ଦେବା ବେଳେ ନିଜ କଥାକୁ ଭୁଲି ଯାଇଥାଉ। ଦୁର୍ନୀତିରୁ ମୁକ୍ତ ହେବା ପାଇଁ ଏକ ସୁସଂଜତ ବ୍ୟକ୍ତିତ୍ୱ ଓ ଚେତନା ଦରକାର। ଘରେ ବିଜୁଳି ବିଲ କିପରି କମେଇବା ଅନେକ ତା' ପାଇଁ ଦୁଷ୍ଟବୁଦ୍ଧିର ଚିନ୍ତା ରଖିଥା'ନ୍ତି। ସରକାରଙ୍କ ରାଜସ୍ୱ (ଟ୍ୟାକ୍ସ)ରୁ କିପରି ନିଜକୁ ଖସାଇବା, ସର୍ବୋପରି ଦେଶର ଅଭିବୃଦ୍ଧି ପାଇଁ ଅତ୍ୟନ୍ତ ଅପରିହାର୍ଯ୍ୟ ହେଉଥିବା ସରକାରୀ ରାଜସ୍ୱକୁ କିପରି ଠକି ବ୍ୟକ୍ତିନିଷ୍ଠ ଅଭିବୃଦ୍ଧିରେ ରହିବା ସେ ଚିନ୍ତା ଅନେକ କରିଥା'ନ୍ତି। ଏହା କ'ଣ ବଡ଼ ଦୁର୍ନୀତି ନୁହେଁ? ଅନେକ ଭୁଲିଯାଆନ୍ତି ବଡ଼ ଲୋକମାନଙ୍କର ଏହି ଦୁର୍ନୀତି ବା ଠକାମିର ମାନସିକତାକୁ ଛୋଟ ପିଲାମାନେ ଦେଖନ୍ତି ଏବଂ ଜାଣନ୍ତି। ଏଥିରୁ ସେମାନେ କ'ଣ ଶିକ୍ଷା ପାଇଥା'ନ୍ତି ? ସେମାନେ ବଡ଼ ହେଲେ ସେହି ଦୁର୍ନୀତିକୁ ନୀତି କରି କିପରି ନିଜର ଅଭିବୃଦ୍ଧି କରିବେ ସେହି ଶିକ୍ଷା ପାଇଥା'ନ୍ତି। ଦେଖନ୍ତୁ ଏକ ଦୁର୍ନୀତିର କାଳିମା କିପରି ଆମ ବ୍ୟକ୍ତିଗତ ଜୀବନକୁ, ପରିବାରକୁ କୁଶିକ୍ଷା ଦେବା ସହ ଧ୍ୱଂସର ଦିଗକୁ ନେଇଯାଉଛି। କାର୍ଯ୍ୟ କରି ପ୍ରାପ୍ୟ ସ୍ୱରୂପ ଦରମା ମିଳିଥାଏ ଏହାସହ ବାମ, ଡାହାଣ ଦିଗରୁ ତଥାକଥିତ ଉପୁରି ରୋଜଗାର ଅର୍ଥ ମାଧ୍ୟମରେ ହେଉ ବା କୌଣସି ଉପହାର ମାଧ୍ୟମରେ ଏହାକୁ




ବେଶ ଭଲ ଭାବେ ହୃଦୟଙ୍ଗମ କରିଥାନ୍ତି ଛୋଟପିଲାମାନେ। ସେହି କୋମଳମତି ପିଲାଟିର ଛୋଟ ଚିନ୍ତା ଆସନ୍ତାକାଲି ସକାଳେ ଏକ ଭୟଙ୍କର ଦୁର୍ନୀତିର ଚେତନାକୁ ତା' ଭିତରେ ରାକ୍ଷସ ପରି ସୃଷ୍ଟି କରିଥାଏ। ତାହାର ନିଜର କ୍ଷତି ସହ, ତାହାର ଗଢ଼ିବାକୁ ଯାଉଥିବା ସଂସାରର କ୍ଷତି ଏବଂ ସେ କାର୍ଯ୍ୟ କରିବାକୁ ଯାଉଥିବା ବୃତ୍ତିଗତ କର୍ମସଂସ୍ଥାନର କ୍ଷତି ଏବଂ ସର୍ବୋପରି ରାଷ୍ଟ୍ରର କ୍ଷତି ହୋଇଥାଏ।

ଜନସାଧାରଣଙ୍କର ଟିକସରେ ହିଁ ଦେଶର ଖର୍ଚ୍ଚ ଭରଣା ହୋଇଥାଏ, ବିକାଶ ହୋଇଥାଏ। ଏହା ସମସ୍ତଙ୍କର ଅର୍ଥ। ସରକାରୀ ତହବିଲରେ ରହୁଥିଲେ ମଧ୍ୟ ଏହା ହେଉଛି ସମସ୍ତଙ୍କର ଅର୍ଥ ଏହାକୁ ମନେରଖିବା ଉଚିତ। ଆମେ ଏହାକୁ ଠକିବା ଅର୍ଥ ପ୍ରଥମତଃ ଆମ ନିଜକୁ ଠକିବା, ଦ୍ୱିତୀୟତଃ ଦେଶକୁ ଠକିବା। ଏହି ଠକାମି ମାନସିକତା ଏକପ୍ରକାର ଦେଶଦ୍ରୋହ ଘଟଣା ନୁହେଁ କି ? ସମସ୍ତେ ଚଡ଼ାସ୍ୱରରେ କୁହନ୍ତି ସରକାର ଦୁର୍ନୀତିଯୁକ୍ତ। ଏହା କିପରି କଥା ? ସରକାର କିଏ ? ଅନୁଷ୍ଠାନ ବି କିଏ ? ବ୍ୟକ୍ତିମାନଙ୍କୁ ନେଇ ଜନସାଧାରଣଙ୍କ ପ୍ରତିନିଧିତ୍ୱ ହିଁ ସରକାର। ଜନସାଧାରଣଙ୍କ ଭିତରେ ଯଦି ଦୁର୍ନୀତି ମୁକ୍ତ ଚେତନା ବା ତାଙ୍କ ରକ୍ତରେ ଦୁର୍ନୀତି ବିହୀନ ଭାବନା ରୁହେ, ତାହାହେଲେ ଏକ ସ୍ୱଚ୍ଛ, ଉତ୍ତରଦାୟୀ, ଦୁର୍ନୀତିମୁକ୍ତ ସରକାର ବା ଅନୁଷ୍ଠାନ ସ୍ୱୟଂ ଗଢ଼ି ଉଠିବ।

ପ୍ରତିଟି ମଣିଷ ସତ୍ୟ, ଧର୍ମ, ପ୍ରେମ, ଶାନ୍ତି, ଅହିଂସା ଯେପରି ସେମାନଙ୍କର ମାନବୀୟ ମୂଲ୍ୟବୋଧ ସେହିପରି ସେମାନଙ୍କର ଜୀବନର ମୂଲ୍ୟବୋଧ ଦୁର୍ନୀତିମୁକ୍ତ ଚେତନାରୁ ସୃଷ୍ଟି ହେବା ଗୁରୁତ୍ୱପୂର୍ଣ୍ଣ। ଦୁର୍ନୀତି ମୁକ୍ତତା କେବଳ ଦେଶର ଅଭିବୃଦ୍ଧିକୁ ଆଗେଇ ନେବ ଏହା ନୁହେଁ, ଏହାର ସୁଫଳ ଜଣଙ୍କ ପରିବାର ଉପରେ ପଡ଼ିବ। ସେ ପରିବାରର ଛୋଟ ଠାରୁ ବଡ଼ ସମସ୍ତଙ୍କ ଉପରେ ଏହାର ପ୍ରଭାବ ସେମାନଙ୍କ ଜୀବନକୁ ଅତି ସୁନ୍ଦର ଭାବେ ଗଢ଼ି ତୋଳିବ। ଜଣେ ଗୃହକର୍ତ୍ତା ଯଦି ଦୁର୍ନୀତି ମୁକ୍ତ ଚେତନାରୁ ନିଜ ଜୀବନକୁ ଆଗେଇ ନିଅନ୍ତି ଟ୍ରେନର ଇଞ୍ଜିନ ପଛରେ ବଗି ଯେପରି ଚାଲେ ସେ ପରିବାରର ସମସ୍ତେ ମଧ୍ୟ ନିଜକୁ ସେହି ରାସ୍ତାରେ ଚାଲିବେ। ସେ ପରିବାରଟି ଗରିବରୁ ଧନୀ ନିଶ୍ଚୟ ହେବେ, ହତାଶରୁ ବିକାଶର ସୂର୍ଯ୍ୟ ସେମାନଙ୍କ ଘର ପାଖରେ ନିଶ୍ଚୟ ପହଞ୍ଚିବ। ଦୁର୍ନୀତିମୁକ୍ତ ଚେତନା ପ୍ରତିଟି ଭାରତୀୟଙ୍କ ରକ୍ତରେ ପ୍ରବାହିତ ହେବା ଦରକାର। ଏହା ଏକ ରାଷ୍ଟ୍ର ଚେତନା ସହ ଏକ ବ୍ୟକ୍ତି ଚେତନା ହେବା ଅତ୍ୟନ୍ତ ଜରୁରୀ। ଦୁର୍ନୀତିର ମୂଳୋତ୍ପାଟନ ପାଇଁ ସରକାର ଅନେକ ଦୃଢ଼ ଓ କଠୋର କାର୍ଯ୍ୟାନୁଷ୍ଠାନ ନେଉଛନ୍ତି। ଏ ନେଇ ସଂଖ୍ୟାଧିକ ମାମଲା ନ୍ୟାୟାଳୟରେ ପହଞ୍ଚିଛି। ଯାହାର ବିଚାର ଚାଲୁଛି, ଦଣ୍ଡ ଦିଆଯାଉଛି ଏବଂ ସରକାରଙ୍କ ତହବିଲକୁ ଠକାମିର ଅର୍ଥ ବି ଫେରୁଛି। କିନ୍ତୁ ଏହା ପାଇଁ ଅନେକ ମୂଲ୍ୟବାନ ସମୟ ନଷ୍ଟ ହୋଇଯାଉଛି। ଦୁର୍ନୀତିର ଚେର ସମାଜର ପ୍ରତିଟି କ୍ଷେତ୍ରକୁ ଏପରି ଜାବୁଡ଼ି ଧରିଥାଏ ଅକ୍ଟୋପସ ପରି। ଏହି ଚେରକୁ ଛିଣ୍ଡାଇବା ଅତ୍ୟନ୍ତ ଜରୁରୀ; କାରଣ ଆସନ୍ତାକାଲି ସକାଳେ ଏହି ଚେର ଏକ ବିଶାଳ ଦ୍ରୁମରେ ପରିଣତ ହୋଇଯିବ। ଯାହାକୁ ହଟାଇବା ପାଇଁ ଆପଣଙ୍କ ହାତର ସାମର୍ଥ୍ୟ ଦରକାର ନହୋଇ ଜେସିବି ମେସିନର ସହାୟତା ପଡ଼ିବ।

ବିଶ୍ୱରେ ଯେଉଁ ଦେଶ ଅଭିବୃଦ୍ଧିସମ୍ପନ୍ନ ହୋଇଛି ଏହାପଛରେ ସଫଳତାର ବଡ଼ ରହସ୍ୟ ହେଉଛି ଦୁର୍ନୀତି ମୁକ୍ତତା ଚରିତ୍ର। ଏକ ରାଷ୍ଟ୍ରକୁ ଭଲ ପାଇବା ଅର୍ଥ, ଏକ ସମାଜକୁ ଭଲ ପାଇବା ଅର୍ଥ ଆମେ ଦୁର୍ନୀତିମୁକ୍ତ। ଏହି ଭାବନା ଏକ ରାଷ୍ଟ୍ରର ଗୌରବର ଯେଉଁ ନୂଆ ଅଧ୍ୟାୟ ଆରମ୍ଭ କରିବ ତାହା ଇତିହାସର ସ୍ୱର୍ଣ୍ଣାକ୍ଷରରେ ଚିରଦିନ ପାଇଁ ଲିପିବଦ୍ଧ ହୋଇରହିଯିବ। ଏହାପାଇଁ କିଛି କଷ୍ଟ ସହିବାକୁ ପଡ଼ିବ ନିଶ୍ଚୟ। କିନ୍ତୁ ଏହା ଯେ ଆମ ବ୍ୟକ୍ତିଚେତନାଠାରୁ ପରିବାର, ସମାଜ ଓ ରାଷ୍ଟ୍ର ପାଇଁ ଗୌରବର କେନ୍ଦ୍ର ସେ ଆନନ୍ଦ ହେଉଛି ଦିବ୍ୟ ଆନନ୍ଦ ପରି। ପରୋପକାର, ସେବା, ମାନବିକତା, ଉଚ୍ଚଚରିତ୍ର ପରି ଦୁର୍ନୀତିମୁକ୍ତ ଭାବନା ଏକ ମଣିଷର ଶ୍ରେଷ୍ଠ ଚରିତ୍ରଗତ ସମ୍ପଦ। ଏହାକୁ ସମସ୍ତେ ମନେରଖିବା ଉଚିତ।

ଏକ ବିକଶିତ ରାଷ୍ଟ୍ରର ମର୍ଯ୍ୟାଦା ଶ୍ରୀ, ଅଭିବୃଦ୍ଧିର ସ୍ୱର୍ଣ୍ଣିମ ସଫଳତାରେ ପ୍ରତିଟି ଜନସାଧାରଣ ନିଜକୁ ଭାଗିଦାର କରିବା ପାଇଁ ବଜ୍ରଶପଥ ନିଅନ୍ତୁ। ଏହା ଆମ ରାଷ୍ଟ୍ରର ଚେତନା, ଏହା ଆମ ରାଷ୍ଟ୍ରର ଗୌରବ। ଏହି ଭାବନା ଆମ ଦେଶକୁ, ସମାଜକୁ ଯେଉଁ ଲକ୍ଷ୍ୟସ୍ଥଳରେ ନେଇ ପହଞ୍ଚାଇବ, ସେଠାରେ ବିକାଶର ସୂର୍ଯ୍ୟୋଦୟ ସ୍ୱାଗତ କରିବ।

*-ମହାପ୍ରବନ୍ଧକ (ବିଏସଏନଏଲ), ଭୁବନେଶ୍ୱର, ଦୂରଭାଷ : ୯୪୩୭୦୫୧୦୮୮*

# ବାଳଶ୍ରମିକ ସମସ୍ୟା ଓ ଏହାର ନିରାକରଣ



ଆମ ଦେଶ ସମ୍ବିଧାନର ଧାରା ୨୪ରେ, ଚଉଦ ବର୍ଷରୁ କମ୍ ବୟସର କୌଣସି ପିଲାଙ୍କୁ ଶ୍ରମିକ ରୂପେ ବ୍ୟବହାର କରାଯାଇପାରିବ ନାହିଁ ବୋଲି ସ୍ପଷ୍ଟ ଉଲ୍ଲେଖ ଅଛି। କିନ୍ତୁ ବାସ୍ତବ କ୍ଷେତ୍ରରେ ତାହା କାର୍ଯ୍ୟକାରୀ ହୋଇପାରିଛି କି ? ଏହି କ୍ରୂର ବ୍ୟବସ୍ଥା କେବଳ ଆମ ଦେଶ ଭାରତବର୍ଷରେ ନୁହେଁ, ପରନ୍ତୁ ସାରା ବିଶ୍ୱରେ ପ୍ରଚଳିତ। ଆମ ଦେଶରେ ମଧ୍ୟ ଅନେକ ଶିଶୁ ଶ୍ରମିକ ବିଭିନ୍ନ ପ୍ରକାର ବିପଜ୍ଜନକ ଶ୍ରମରେ ନିୟୋଜିତ ଅଛନ୍ତି। ଷୋହଳ ବର୍ଷ ବୟସରୁ କମ୍ ବୟସର ପିଲାଙ୍କ ମଧ୍ୟରୁ ପ୍ରାୟ ଏକ ତୃତୀୟାଂଶ ଶିଶୁ ଶ୍ରମିକ ଭାବରେ କାର୍ଯ୍ୟରତ। ପରୋକ୍ଷ ଭାବରେ ଏହା ଏକ ଶୋଷଣ ବ୍ୟବସ୍ଥା। କମ୍ ଅର୍ଥ ମଜୁରି ପ୍ରଦାନ କରି ଅଧିକ କାର୍ଯ୍ୟ ଶିଶୁଶ୍ରମିକମାନଙ୍କଠାରୁ ଆଦାୟ କରିବା ସହଜସାଧ୍ୟ। ସେମାନଙ୍କୁ ଯେତେ କାର୍ଯ୍ୟ ଦିଆଗଲେ ବି, ବୟସ୍କ ଶ୍ରମିକଙ୍କ ପରି ସେମାନେ ପ୍ରତିବାଦ କରନ୍ତି ନାହିଁ ଏବଂ ସ୍ୱଳ୍ପ ପାରିଶ୍ରମିକରେ ସନ୍ତୁଷ୍ଟ ହୋଇଯାଆନ୍ତି। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବାଳଶ୍ରମିକ ଉଚ୍ଛେଦ ଏବଂ ସେମାନଙ୍କର ଥଇଥାନ ପାଇଁ, ଅନେକ ଯୋଜନା ପ୍ରଣୀତ ହୋଇଥିଲେ ମଧ୍ୟ, ବାସ୍ତବ କ୍ଷେତ୍ରରେ ତାହାର ପ୍ରୟୋଗ ଏପର୍ଯ୍ୟନ୍ତ ଫଳପ୍ରଦ ହୋଇପାରିନାହିଁ। ବାଳଶ୍ରମିକ ନିୟୋଜନ ବୃଦ୍ଧିର କେତେଗୁଡିଏ କାରଣ ଓ ତାହାର ନିରାକରଣ ସମ୍ବନ୍ଧରେ ସାମାନ୍ୟ ଆଲୋକପାତ ଆଜିର ଏକାନ୍ତ ଆଲୋଚ୍ୟ ବିଷୟ। (୧) ଦରିଦ୍ରତା ବାଳଶ୍ରମିକ ବୃଦ୍ଧିର ମୁଖ୍ୟ କାରଣମାନଙ୍କ ମଧ୍ୟରୁ ଅନ୍ୟତମ। ପିତାମାତାମାନେ ସେମାନଙ୍କ ଆର୍ଥିକ ଦୁର୍ଗତି ପାଇଁ ପରିବାର ପ୍ରତିପୋଷଣ ନିମନ୍ତେ ଅକ୍ଷମ ହେଲେ, ସେମାନଙ୍କ ପିଲାମାନଙ୍କୁ, କୌଣସି ସଂସ୍ଥାରେ କାର୍ଯ୍ୟ କରିବା ପାଇଁ ବା ଦିନମଜୁରିଆ ଭାବରେ କାମ କରିବା ପାଇଁ ବାଧ୍ୟ କରନ୍ତି। ତେଣୁ ପରିବାରର ଆୟ ବୃଦ୍ଧି ନିମନ୍ତେ, ସରକାର କୌଣସି ମାଗଣା ଦ୍ରବ୍ୟ ପ୍ରଦାନ ନକରି, ପିତାମାତାମାନଙ୍କୁ, ସେମାନଙ୍କ ଯୋଗ୍ୟତା ଅନୁଯାୟୀ କର୍ମସଂସ୍ଥାନ ବା ବର୍ଷର ଅଧିକାଂଶ ଶ୍ରମ କାର୍ଯ୍ୟଦିବସ ଯୋଗାଇଦେଇପାରିଲେ, ଏହି ସମସ୍ୟା ଅନେକାଂଶରେ ହ୍ରାସ ପାଇପାରନ୍ତା। (୨) ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ଦମ୍ପତିଙ୍କର ଯଦି ବଡ ପରିବାର ହୋଇଥାଏ ବା ଅଧିକ ସନ୍ତାନସନ୍ତତି ଥାଆନ୍ତି, ତେବେ ସେମାନେ ସମସ୍ତଙ୍କୁ ଠିକ୍ ଭାବରେ ଖାଦ୍ୟ, ବସ୍ତ୍ର, ଶିକ୍ଷା ଦେଇ ନପାରି, ତାଙ୍କ ଭିତରୁ ବଡମାନଙ୍କୁ ମୂଲ ଲାଗିବା ପାଇଁ ଛାଡି ଦିଅନ୍ତି। ତେଣୁ ସର୍ବପ୍ରଥମେ ସେମାନଙ୍କୁ ଛୋଟ ପରିବାରର ଉପାଦେୟତା ସମ୍ବନ୍ଧରେ ସଚେତନ କରିବା ଏକାନ୍ତ ଆବଶ୍ୟକ। ଛୋଟ ପିଲାମାନଙ୍କୁ କଠିନ କାର୍ଯ୍ୟରେ ନିୟୋଜିତ କରାଇବା ଏକ ନିଷ୍ଠୁର କାର୍ଯ୍ୟ ହୋଇଥିଲେ ମଧ୍ୟ, ଅନେକ ପିତାମାତା ବାଧ୍ୟ ହୋଇ ଏହି କାର୍ଯ୍ୟ କରିଥାନ୍ତି। (୩) ପିଲାମାନଙ୍କୁ ଉପଯୁକ୍ତ ଶିକ୍ଷା ପ୍ରଦାନ ନକରିବା ମଧ୍ୟ ବାଳଶ୍ରମିକ ବୃଦ୍ଧିର ଏକ କାରଣ। ଦୁଇଟି କାରଣରୁ ପିଲାମାନେ ପାଠ ପଢିବା ପ୍ରତି ବିମୁଖ ହୋଇଥା'ନ୍ତି। ପ୍ରଥମ ହେଲା ପିଲାର ଅନାଗ୍ରହ। ପିଲାଟି ପାଠରେ ଯଦି ଦକ୍ଷ ନଥାଏ, ତେବେ ହୀନମନ୍ୟତା ଦୃଷ୍ଟିରୁ, ସେ ବିଦ୍ୟାଳୟକୁ ଯିବାକୁ ଆଗ୍ରହ ପ୍ରକାଶ କରେନାହିଁ, ଏବଂ ଅଭିଭାବକମାନେ ତାକୁ ଶ୍ରମିକ ଭାବରେ ନିୟୋଜିତ କରିଦିଅନ୍ତି। ଦ୍ୱିତୀୟଟି ହେଲା, ଆର୍ଥିକ ଅନାଟନ। ଅଭିଭାବକ ପିଲାଟିର ଶିକ୍ଷା ଗ୍ରହଣ ନିମନ୍ତେ ବ୍ୟୟ ତୁଲାଇ ନପାରିବାରୁ, ତାକୁ ବିଦ୍ୟାଳୟକୁ ନପଠାଇ, କର୍ମ କରିବା ପାଇଁ ଛାଡିଦିଏ। ଏବେ ଅବଶ୍ୟ ସରକାରଙ୍କ ପ୍ରଦତ୍ତ ଶିକ୍ଷା ସାମଗ୍ରୀ, ପୋଷାକ, ମଧ୍ୟାହ୍ନଭୋଜନ, ବିଭିନ୍ନ ପ୍ରକାର ବୃତି ପ୍ରଦାନ, ଦରିଦ୍ର ଓ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଅଧିକରୁ ଅଧିକ ବିଦ୍ୟାଳୟ ମୁହାଁ କରିପାରିଛି, କିନ୍ତୁ ଅନେକ ପିଲା ଅଧାରୁ ପାଠ ଛାଡିଦେଉଥିବାରୁ, ତାହା ସଂପୂର୍ଣ ରୂପେ ଫଳପ୍ରଦ ହୋଇପାରୁନାହିଁ। (୪) ଶିକ୍ଷା ସମାପ୍ତି ପରେ, ପିଲାଟି ଯେ ନିଶ୍ଚିତ ରୋଜଗାରକ୍ଷମ ହୋଇପାରିବ, ଏହା ମଧ୍ୟ ସନ୍ଦିହାନ। ପ୍ରଚଳିତ ଶିକ୍ଷା ବ୍ୟବସ୍ଥା ଏବଂ ବର୍ତମାନର ଜନସଂଖ୍ୟା ବିସ୍ଫୋରଣ, ନିୟୋଜନର ନିଶ୍ଚିତତା ପ୍ରଦାନ ନକରିବା ମଧ୍ୟ ଶିକ୍ଷା ପ୍ରତି ଅନାଗ୍ରହ ସୃଷ୍ଟି ହେବାର ଅନ୍ୟତମ କାରଣ ଏବଂ ଶିଶୁଶ୍ରମିକ ବୃଦ୍ଧିର ଏକ ପରୋକ୍ଷ କାରଣ। ପାରମ୍ପରିକ ଶିକ୍ଷା ବ୍ୟବସ୍ଥାରେ ପରିବର୍ତନ କରି ବୈଷୟିକ କର୍ମାଭିମୁଖୀ ଶିକ୍ଷା ପ୍ରଦାନ କରାଯାଇପାରିଲେ ଏ ସମସ୍ୟାରେ ଅନେକ ସୁଧାର ଆଣିପାରନ୍ତା। (୫) ଆଇନ୍‌କୁ ଆଖିଠାର ମାରି, ହୋଟେଲ ମାଲିକ, ଗ୍ୟାରେଜ ମାଲିକ, ଇଟାଭାଟି ମାଲିକ ଓ ଅନେକ ଛୋଟ ଛୋଟ ଶିଳ୍ପପତି ବ୍ୟବସାୟୀମାନେ ସେମାନଙ୍କର ଲାଭଖୋର ମନୋବୃତି ଯୋଗୁ, ଶିଶୁଶ୍ରମିକଙ୍କୁ କାର୍ଯ୍ୟରେ ନିୟୋଜିତ କରିବା ପାଇଁ ଦ୍ୱିଧା ପ୍ରକାଶ କରି ନ ଥା'ନ୍ତି। କମ୍ ମଜୁରି ପ୍ରଦାନ କରି ଅଧିକ ଶ୍ରମ ଆଦାୟ କରିବାର ଏହା ଏକ ଉତମ ମାଧ୍ୟମ। (୬) ସର୍ବଶେଷରେ ଶିଶୁଶ୍ରମିକ ନିରୋଧ ଆଇନ କାର୍ଯ୍ୟକାରିତାର ଶିଥିଳତା ଓ ଉଦାସୀନତା, ଏହାକୁ ପ୍ରୋତ୍ସାହିତ କରିବାର ଏକ ଅଙ୍କୁଶବିହୀନ ମାର୍ଗ। ବେଳେବେଳେ ଆଇନ୍‌ର ରକ୍ଷକମାନେ, ସେମାନଙ୍କ ଗୃହକର୍ମ ପାଇଁ, ଶିଶୁଶ୍ରମିକଙ୍କୁ ନିଯୁକ୍ତି ଦେଇ, ତାଙ୍କ ଉପରେ ଅକଥନୀୟ ଶାରିରୀକ ଓ ମାନସିକ ନିର୍ଯାତନା ଦେବାର ସମ୍ବାଦ ଲୋକଲୋଚନକୁ ଆସିବାର ନଜିର ମଧ୍ୟ କମ୍ ନାହିଁ।

ଆଇନ ଅଛି, କାର୍ଯ୍ୟକାରୀ ହେଉନାହିଁ। ସମସ୍ତେ କ୍ରନ୍ଦନ କରୁଛନ୍ତି, କାହାରି ଚକ୍ଷୁରୁ ଲୋତକ ନିର୍ଗତ ହେଉନାହିଁ! ଆମେ ହୋଟେଲରେ ଖାଉଥିବା ବେଳେ, ଛୋଟ ପିଲାଟି ଅଇଣ୍ଠା ଗୋଟାଇ, ବାସନ ମାଜୁଛି। ପୂର୍ବରାତ୍ରିରେ ବିଳମ୍ବିତ ସମୟ ପର୍ଯ୍ୟନ୍ତ କାର୍ଯ୍ୟକରି, ଯଦି ପିଲାଟି ଦୈବାତ୍ ଘୁମେଇ ପଡିଛି, ତେବେ ମାଲିକର ତା' ଉପରେ ଅକଥନୀୟ ନିଷ୍ଠୁର ଶାରୀରିକ ଦଣ୍ଡ ଦେବା ଦୃଶ୍ୟକୁ ଦେଖୁଛେ, କିନ୍ତୁ କେବେ ପ୍ରତିବାଦ କରିନାହୁଁ। ଆସନ୍ତୁ ମାନସଚକ୍ଷୁରେ ଅବଲୋକନ କରିବା, ଅନ୍ତର୍ଦୃଷ୍ଟିରେ ନିରୀକ୍ଷଣ କରିବା, ସେହି ଅର୍ଦ୍ଧଭୁକ୍ଷ, ଅର୍ଦ୍ଧନଗ୍ନ, ଜରି ଗୋଟାଳି, ଗ୍ୟାରେଜରେ କାମ କରି ନ ପାରି, ଦଣ୍ଡ ଭୋଗୁଥିବା, ସେହି ନିରୀହ ନିଷ୍ପାପ ଶିଶୁର ପାଣ୍ଡୁର ବର୍ଣ୍ଣ, ଉଦାସ ମୁଖମଣ୍ଡଳକୁ। ଆସନ୍ତୁ ଚିନ୍ତନ କରିବା, ଯଦି ଆମ ଜନ୍ମିତ ସନ୍ତାନ, ସେହି ସ୍ଥାନରେ, ସେହି ପରିସ୍ଥିତିରେ ଥାଆନ୍ତା, ଆମେ କ'ଣ କରିଥା'ନ୍ତେ ?

ଆସନ୍ତୁ ସମସ୍ତେ ମିଳିତ ଭାବରେ ଏହି ଘୃଣ୍ୟ ବର୍ବର ପ୍ରଥାର ବିଲୋପ ସାଧନ ପାଇଁ, ଜନଜାଗରଣ ସୃଷ୍ଟି କରିବା। ଶପଥ ନେବା ଆମ ଘରେ ବାଳଶ୍ରମିକ ନିଯୁକ୍ତି ଦେବାନାହିଁ ଏବଂ ଯିଏ ନିଯୁକ୍ତି ଦେଇ ଶୋଷଣ କରୁଛି, ତାକୁ ମିଳିତ ଭାବରେ ପ୍ରତିରୋଧ କରିବା। କଥାରେ ନୁହେଁ, କାର୍ଯ୍ୟରେ କରି ଦେଖାଇଲେ, ଏ ସମସ୍ୟାର ସମାଧାନ ନିଶ୍ଚୟ ହୋଇପାରିବ, ଏହା ନିଃସନ୍ଦେହ।

**-ପ୍ରଦୀପ୍ତ ଆଚାର୍ଯ୍ୟ**, ସମ୍ପାଦକ, ସମ୍ବାଦ ସାହିତ୍ୟ ଘର, କିଶନନଗର, କଟକ, ମୋ-୬୩୭୧୫୯୩୨୨୦

# ପ୍ରକୃତ ଭକ୍ତିର ଲକ୍ଷଣ !



ସନ୍ତୋଷ, ମନର ତୁଷ୍ଟିର ଅନ୍ୟ ଏକ ନାମ। ଏ ଦୃଶ୍ୟମାନ ଜଗତରେ ସବୁ କିଛି ସଂକଳ୍ପ ଶକ୍ତିର ଫଳ। ମଣିଷର ଜୀବନ ତାର ଚିନ୍ତାଧାରା ଉପରେ ନିର୍ଭର କରେ। ଜୀବନ ଅନେକ ପ୍ରକାର କର୍ମର ସମାହାର। ସଂକଳ୍ପ ଅତି ବଳବାନ। ଏହା ମଣିଷକୁ ମନର ଗୋଟିଏ ଅବସ୍ଥାରୁ ଆଉ ଏକ ଅବସ୍ଥାକୁ ଘେନି ଯାଇପାରେ। ଏହା ଗୋଟିଏ ପ୍ରକାର ମଣିଷକୁ ଆଉ ଏକ ପ୍ରକାର ମଣିଷ କରି ଦେଇପାରେ। ପୁରାକାଳରେ ଋଷିମାନେ ପ୍ରଥମାବସ୍ଥାରେ ସାଧାରଣ ଲୋକ ହିସାବରେ ଥିଲେ। କେବଳ ତାଙ୍କ ସଂକଳ୍ପ ବଳରେ ସେମାନେ ମହାନ ଲୋକ ହୋଇ ପାରିଥିଲେ। ସଂକଳ୍ପ ଶକ୍ତି ବଳରେ ଦସ୍ୟୁ ରତ୍ନାକର ମହର୍ଷି ବାଲ୍ମୀକି ହୋଇ ପାରିଥିଲେ। ସେହି ଶକ୍ତି ବଳରେ ରାମକୃଷ୍ଣ, ରାମକୃଷ୍ଣ ପରମହଂସ ହୋଇ ପାରିଥିଲେ। ଦୁଇ ପ୍ରକାର ସଂକଳ୍ପ ଅଛି। ଗୋଟିଏ ଦୂଷିତ ଓ ଅନ୍ୟଟି ପବିତ୍ର। ପବିତ୍ର ସଂକଳ୍ପ ବଳରେ ମାନବ କଲ୍ୟାଣ ଭଳି ସତକର୍ମ ମାନ ସାଧିତ ହୋଇପାରେ। ଦୂଷିତ ସଂକଳ୍ପରେ ଈର୍ଷା, ଘୃଣା, ସମାଲୋଚନା ପ୍ରଭୃତି ଭରି ରହିଥାଏ। ମଣିଷ ସ୍ୱଭାବର ଦୁଇଟି ପାଖ ଅଛି। ଗୋଟିଏ ପାଶବିକ ଓ ଅନ୍ୟଟି ଦୈବୀ। ମଣିଷ, କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ ପ୍ରଭୃତି ଷଡ଼ରିପୁଙ୍କ ଦ୍ୱାରା ଆକ୍ରାନ୍ତ। ମଣିଷ ତା'ଠାରେ ଥିବା ସୁପ୍ରବୃତ୍ତିକୁ ଭଲ କାମରେ ଲଗାଉ ନାହିଁ। ସୁଫଳ ସୃଷ୍ଟି କରୁଥିବା ସତକର୍ମମାନ ଓ ଈଶ୍ୱରଙ୍କ ପ୍ରତି ଉତ୍ସର୍ଗୀକୃତ ଜୀବନ ଦ୍ୱାରା ମାନବ ମାଧବକୁ ରୂପାନ୍ତରିତ ହୋଇଯାଇପାରେ। ଏ ମାର୍ଗରୁ ଦୂରେଇ ଗଲେ ସେ ଭୁଲ କରି ବସେ ଓ ପରିଶେଷରେ ଆସୁରି ପ୍ରବୃତ୍ତି ସମ୍ପନ୍ନ ହୋଇଯାଏ।

ମଣିଷର ଦେହକୁ ଗୋଟିଏ ରଥ ସହ ଓ ଆତ୍ମାକୁ ରଥର ସାରଥି ସହ ତୁଳନା କରାଯାଇପାରେ। ମଣିଷ ଭିତରୁ ଉପୁଜୁଥିବା ଭଲ ଓ ମନ୍ଦ ଚିନ୍ତା ଗୁଡ଼ିକ ପାଇଁ କାରଣ ମଧ ଅଛି। ଏକ ପାଖରେ କାରଣ ଓ ଅନ୍ୟ ପାଖରେ ଫଳାଫଳ। କାରଣ ଓ ଫଳାଫଳ ମଧ୍ୟରେ ଥିବା ସମ୍ପର୍କ ଅବର୍ଣ୍ଣନୀୟ। ସେମାନେ ପରସ୍ପର ନିର୍ଭରଶୀଳ, ଗୋଟିଏ ନଥିଲେ ଅନ୍ୟଟି ରହି ପାରିବ ନାହିଁ। କାରଣ ବିନା କୌଣସି ଘଟଣା ଘଟି ନପାରେ। କିନ୍ତୁ ଗୋଟିଏ କଥା ଅଛି ଯାହା କୌଣସି ହେତୁ ନଥାଇ ମଧ ପ୍ରବେଶ କରିଯାଏ। ତାହା ହେଉଛି ଅହଂଭାବ। ଅହଂଭାବ ଯୋଗୁଁ ମଣିଷ ଅନୁଭବ କରେ ଯେ ତା ସମକକ୍ଷ ଆଉ କେହିନାହିଁ। ଏହାଦ୍ୱାରା ସେ ନିଜକୁ ଭୁଲି ଯାଏ। ଅହଂକାରର ଏଭଳି ଶକ୍ତି। ଅହଂପୂର୍ଣ୍ଣ ଲୋକ କ'ଣ ଠିକ କ'ଣ ଭୁଲ ତାହା ଜାଣି ପାରେନାହିଁ। ସେ ଗୋଟିଏ ପଶୁ ତଥା ଅସୁର ଠାରୁ ବି ହୀନ ହୋଇଯାଏ। ଏହି ଅହଂକାର ବିନାଶ କରିବା ପାଇଁ ଆମକୁ ଆମର ସମସ୍ତ ମନ୍ଦ ଗୁଣ ଗୁଡ଼ିକୁ ହୋମାଗ୍ନିରେ ଉତ୍ସର୍ଗ କରି ଦେବାକୁ ପଡ଼ିବ।

ଆମଠାରେ ଯଦି ସାମାନ୍ୟ ମାତ୍ର ପରିବର୍ତ୍ତନ ନ ଆସିଲା, ତେବେ ଜୀବନ ବୃଥାରେ ନଷ୍ଟ ହୋଇଗଲା ବୋଲି ଜାଣ। ଆଜିକାଲି ଆମେ ଗୋଟିଏ ପ୍ରକାର କଥା କହୁ ତ ଆଉ ଗୋଟିଏ ପ୍ରକାର କାମ କରୁ। ଅହଂକାର ମଣିଷ ଭିତରେ ପ୍ରବେଶ କରି ଘଟିବାକୁ ଯାଉଥିବା କଥା ସବୁ ଭୁଲାଇ ଦେଉଛି। ଆମର ପ୍ରତ୍ୟେକ ଭୁଲ ପାଇଁ, ପ୍ରତ୍ୟେକ ଅପରାଧ ପାଇଁ, ପ୍ରତିଟି ମିଥ୍ୟା ବଚନ ପାଇଁ ଫଳଭୋଗ କରିବାକୁ ପଡ଼ିବ। ତେଣୁ ସୁଗୁଣର ଅଭିବୃଦ୍ଧି କରି ମଙ୍ଗଳ ଉଦ୍ଦେଶ୍ୟରେ ନିଜକୁ ଉତ୍ସର୍ଗ କରିବା।

**'ଯଦଭାବମ ତଦ ଭବତି।'** ଅର୍ଥାତ୍ ଆମେ ଯେମିତି ଭାବିବା ସେମିତି ହୋଇପାରିବା। ଭଗବାନ ଶ୍ରୀସତ୍ୟସାଇ ବାବା ତାଙ୍କ ସମ୍ଭାଷଣରେ କହିଛନ୍ତି 'କେବଳ ନିର୍ମଳ ହୃଦୟ ବ୍ୟକ୍ତିମାନେ ହିଁ ଈଶ୍ୱର ଦର୍ଶନ ଲାଭ କରନ୍ତି। ଅଧିକରୁ ଅଧିକ ଦୈବୀ କୃପା ଲାଭ କରି ନେବା ପାଇଁ ହୃଦୟକୁ ବୃହତରୁ ବୃହତ୍ତର କର। ଛୋଟିଆ ପାତ୍ରଟିଏ ନେଇ ଯାଇ ତୁମେ ସେଥିରେ ସମୁଦ୍ରର ସମୁଦାୟ ଜଳ ନେଇ ଆସିପାରିବ ନାହିଁ। ପାତ୍ରରେ ଯାଗା ଧରୁଥିବା ପରିମାଣର ଜଳ କେବଳ ପାଇ ପାରିବ। ତୁମେ ନିଜକୁ ଜଣେ ବଡ଼ ଭକ୍ତ ଓ ବହୁ ହିତକର କାର୍ଯ୍ୟରେ ସମ୍ପୃକ୍ତ ବୋଲି କହି ବିଶ୍ୱକୁ ଠକି ଠକି ଚାଲିଛ। ଜଣଙ୍କର କାର୍ଯ୍ୟ କଳାପ, ଆଚରଣ ବ୍ୟବହାରରୁ ହିଁ ପ୍ରକୃତ ଭକ୍ତି ଜଣା ପଡ଼ିବ।

**ଭବାଶିଷ ଦାସ**, ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, ପ୍ଲଟ ନଂ - ୧୪୫୦, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ: ୯୮୬୧୧୧୮୬୭୩




# ଜୀ-ସାର୍ଥକରେ ସେଲିବ୍ରେଟିଙ୍କ 'ଡ୍ୟାନ୍ସ ଓଡିଶା ଡ୍ୟାନ୍ସ, ଜୀ-ସାର୍ଥକ ସଂସାର ଡ୍ୟାନ୍ସ ଲିଗ' ଆରମ୍ଭ




**ଭୁବନେଶ୍ୱର(ପିଏନ) :** ଲୋକପ୍ରିୟ ଓଡିଆ ଚ୍ୟାନେଲ ଜୀ-ସାର୍ଥକରେ ଗତକାଲିଠାରୁ ଡ୍ୟାନ୍ସ ଓଡିଶା ଡ୍ୟାନ୍ସ, ଜୀ-ସାର୍ଥକ ସଂସାର ଡ୍ୟାନ୍ସ ଲିଗ୍ ଆରମ୍ଭ ହୋଇଯାଇଛି । ଜୀ-ସାର୍ଥକରେ ପ୍ରସାରିତ ହେଉଥିବା ମେଗା ଧାରାବାହିକ ଗୁଡିକର ଅଭିନେତ୍ରୀମାନେ ଏଥିରେ ପ୍ରତିଯୋଗୀ ଭାଗରେ ଭାଗ ନେଇଛନ୍ତି । ସୁଜିତା ଓ ଚାନ୍ଦିନୀଙ୍କ ଦମଦାର ସଂଯୋଜନାରେ ଆରମ୍ଭ ହୋଇଥିବା ଏହି ଡ୍ୟାନ୍ସ ଲିଗରେ ଅଭିନେତା ଦେବାଶିଷ ପାତ୍ର, ଅଭିନେତ୍ରୀ ଲିପି ମହାପାତ୍ର ଏବଂ ଡ୍ୟାନ୍ସର ହରିହର ଦାଶ ଜୁରୀର ଆସନ ଅଳଙ୍କୃତ କରିଛନ୍ତି ଏବଂ କେଉଁ ଦଳ ବିଜେତା ହେବ ତାହା ଏମାନେ ବାଛିବେ । ଏହି ଡ୍ୟାନ୍ସ ଲିଗରେ ପ୍ରତିଯୋଗୀ ଭାବରେ ନିକିତା, ଅଙ୍କିତା, ଜସ୍ମିନ, ଦୀପିକା, ଅନନ୍ୟା, ଏଲି, ଅର୍ପିତା ଓ ଛନ୍ଦିତା ଭାଗ ନେଇଛନ୍ତି । ଅଭିନେତ୍ରୀମାନଙ୍କୁ ନେଇ ଦୁଇଟି ଦଳରେ ଭାଗ କରାଯାଇଛି । ଅଭିନେତ୍ରୀ ଭାବରେ ପରଦା ଉପରେ ଅଭିନୟର ଯାଦୁ ଦେଖାଇ ଦର୍ଶକଙ୍କ ମନ ଜିଣି ସାରିଥିବା ଏହି ବୁଲବୁଲି ନାୟିକାମାନେ ନୃତ୍ୟ ପ୍ରଦର୍ଶନରେ କେତେ କମାଲ ଦେଖାଇ ପାରିବେ ତା ଉପରେ ସମସ୍ତର ନଜର ରହିବ। ପ୍ରଥମ ଥର ପାଇଁ ଓଡିଆ ଟେଲିଇଣ୍ଡଷ୍ଟ୍ରିରେ ଏପରି ଏକ ଡ୍ୟାନ୍ସ ରିୟଲିଟି ଶୋ ହେବାକୁ ଯାଉଛି । ଯଦିଓ ପୂର୍ବରୁ ଅନେକ କିଛି କାର୍ଯ୍ୟକ୍ରମରେ ଅଭିନେତ୍ରୀମାନେ ନୃତ୍ୟ ପରିବେଷଣ କରି ସେମାନଙ୍କର ଟ୍ୟାଲେ□ ଦେଖାଇ ସାରିଛନ୍ତି । କିନ୍ତୁ ଏହି ଶୋରେ ସେମାନେ ପରସ୍ପରକୁ ଏକ ପ୍ରତିଯୋଗୀ ଭାବରେଟକ୍କର ଦେଇ ସାମନା କରିବେ । ନିଜ ଭିତରେ ପ୍ରତିଯୋଗୀ ମନୋଭାବ ନେଇ କେହି ନୃତ୍ୟ ପ୍ରଦର୍ଶନରେ ମଧ୍ୟ କାହାଠାରୁ କମ୍ ନୁହଁନ୍ତି ତାହା ସେମାନେ ପ୍ରତିପାଦିତ କରିବା ପାଇଁ ଏହି ରିଅଲିଟି ଶୋରେ ଚେଷ୍ଟା କରିବେ ଜୀ ସାର୍ଥକ ଚ୍ୟାନେଲର ମୁଖ୍ୟ ପ୍ରତିକ ସିଲ୍ କହିଛନ୍ତି । ଏହି ମେଗା ଡ୍ୟାନ୍ସ ରିଅଲିଟି ଶୋ ପ୍ରତି ଶନିବାର ଓ ରବିବାର ରାତି ୯.୩୦ରୁ୧୦.୩୦ ମଧ୍ୟରେ ପ୍ରସାରିତ ହେବ ବୋଲି ଜି-ସାର୍ଥକ ପକ୍ଷରୁ ସୂଚନା ଦିଆଯାଇଛି ।

# ପୋଲିସକୁ କୋର୍ଟ ପରିଶେଷରେ ପିଟିଲେ ମହିଳା

**କେନ୍ଦ୍ରାପଡ଼ା, (ପିଏନ)-** ମହିଳା ଜଣଙ୍କ କେନ୍ଦ୍ରାପଡ଼ା କୋର୍ଟ ଥିବା ତାରିଖରେ ଆସିଥିବା ବେଳେ ଘଟିଥିଲା ଏପରି କାଣ୍ଡ ! ଅଭିଯୋଗ ଅନୁଯାଇ ରାଜନଗର ଥାନା ପୋଲିସ ଅଧିକାରୀ ଜୈନିକ ମହିଳାଙ୍କୁ ଟଣା ଟଣି କରିବାରୁ ମହିଳା ଜଣଙ୍କ କୋର୍ଟ ପରିସରରେ ପୋଲିସ ଅଧିକାରୀ ଙ୍କୁ ଚାପୁଡ଼ା ମାରିଥିଲେ. ! ସୂଚନା ମୁତାବକ ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଚନ୍ଦନନଗର ବଳିଆ ଗ୍ରାମର ସଂଯୁକ୍ତା ନାଥ ଆଜି ନିଜ ଝିଅର କେଶ ତାରିଖ ଥିବାରୁ ସଂଯୁକ୍ତା ଝିଅକୁ ସାଙ୍ଗରେ ଧରି ପହଂଚି ଥିଲେ କେନ୍ଦ୍ରାପଡା ଫାମିଲି କୋର୍ଟରେ ! ପ୍ରଥମେ କୋର୍ଟ ପରିସରରେ ରାଜନଗର ଥାନା ଏସ ଆଇ ବିଜୟ ବରାଳଙ୍କ ସହିତ ସମ୍ପୃକ୍ତ ମହିଳାଙ୍କର ବଚସା ହୋଇଥିଲା । ମହିଳା ଙ୍କ କହିବା କଥା ମୋତେ ପୋଲିସ ଜଣଙ୍କ ପେଲା ଠେଲା କରିଥିଲା ତାପରେ ମୁଁ ପୋଲିସକୁ ଜୋତାରେ ବାଡେଇଛି ! ହେଲେ ଜୋତା ରେ ମାଡ ହେବା ଘଟଣାକୁ ପୋଲିସ ସମ୍ପୂର୍ଣ୍ଣ ଖଣ୍ଡନ କରିଛି ! ଏହି ଘଟଣା ପ୍ରଘଟ ହେବା ପରେ କୋର୍ଟ ପରିସର ଠାରୁ ଜିଲ୍ଲା କାର୍ଯ୍ୟାଳୟ ପର୍ଯ୍ୟନ୍ତ ନାହିଁ ନଥିବା ଭିଡ଼ ଦେଖିବାକୁ ମିଳିଥିଲା ! ଅନ୍ୟପକ୍ଷରେ ଟାଉନ ପୋଲିସ ଖବର ପାଇଁ ଘଟଣାସ୍ଥଳରେ ପହଂଚି ତଦନ୍ତ ହରିରଖିଛି !

# ଅବ୍ୟବସ୍ଥା ଭିତରେ ଚାଲିଛି ବ୍ୟାଙ୍କ ଶାଖା

ଚମ୍ପୁଆ, (ପିଏନ)- ବ୍ୟାଙ୍କ ସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟକରି ଜନମାନସ ରେ ଆଦୃତ ହୋଇପାରିଥିବା ବ୍ୟାଙ୍କ ଅଫ ଇଣ୍ଡିଆ କେନ୍ଦୁଝର ଜୋନ ବର୍ତମାନ ଗ୍ରାହକ ସେବା କ୍ଷେତ୍ରରେ ଦୃତ ନିମ୍ନଗାମୀ ହୋଇଥିବା ଦେଖାଯାଉଛି। ବିଭିନ୍ନ ଶାଖା ମାନଙ୍କ ରେ ସର୍ବନିମ୍ନ ଗ୍ରାହକ ସୁବିଧା ମଧ୍ୟ ନାହିଁ । ବିଶେଷକରି ଜିଲ୍ଲା ଖଣିଜପାଣ୍ଠିର ହଜାର ହଜାର କୋଟି ଟଙ୍କା ଗଚ୍ଛିତ ଓ କାରବାର ପରଠାରୁ ସାଧାରଣ ଗ୍ରାହକ ସେବା, ସାମାଜିକ ଦାୟିତ୍ୱବୋଧ ସେବା ବିପର୍ଯ୍ୟସ୍ତ ହୋଇପଡିଛି । ଏହାର ଜ୍ୱଳନ୍ତ ନମୁନା ଦେଖିବାକୁ ମିଳୁଛି ପଳାସପଙ୍ଗା ସ୍ଥିତ ଓସିଲ ଶାଖା ରେ, ୧୯୮୬ରୁ କାର୍ଯ୍ୟରତ ଏହି ଶାଖା ଉପରେ ଆଖପାଖ ୨୦ଟି ଅଞ୍ଚଳ ର ଲୋକେ ନିର୍ଭରଶୀଳ ରହିଥାନ୍ତି । ପଚାଶ କୋଟି ରୁ ଉର୍ଦ୍ଧ ବ୍ୟବସାୟ କରୁଥିବା ଏହି ବିପଦସଂକୁଳ ଶାଖାଟି ଏକ କୁକୁଡ଼ାଘର ସଦୃଶ୍ୟ ରହିଛି। ଗ୍ରାହକ କର୍ମଚାରୀଙ୍କ ପାଇଁ ସାମାନ୍ୟ ସୁବିଧା ମଧ୍ୟ ନାହିଁ, ବସିବାପାଇଁ ସ୍ଥାନ ଟିକେ ବି ନାହିଁ, ଶୌଚାଳୟରେ ଆଣ୍ଠୁଏ ମଳମୂତ୍ର ପାଣି, ଅପରିଷ୍କାର ପରିବେଶ, ବିପଦସଂକୁଳ ଖୋଲା ବିଦ୍ୟୁତତାର ର ସମ୍ଭାର, ବିପର୍ଯ୍ୟସ୍ତ ଭାବରେ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ପାନଛେପ ଖଙ୍କାର ବୁଢିଆଣୀ ଜାଲ ର ମାନଚିତ୍ର ଦେଖିବାକୁ ମିଳେ ଏଠାରେ। ବିଦ୍ୟୁତ ସଂଯୋଗ ନଥିବାରୁ ସବୁଦିନେ ଜେନେରେଟର ରେ କାମ ଚଳେଇ ନିଅନ୍ତି କ୍ଷ କର୍ମଚାରୀଙ୍କ ପାଇଁ ଷ୍ଟାଫ କ୍ୱାର୍ଟର ନଥିବାରୁ ସନ୍ଧ୍ୟା ପରେ ଏହି ଶାଖା ଓ ଆଖପାଖ ଅଞ୍ଚଳ ଜନମାନବ ଶୂନ୍ୟ ହୋଇପଡେ । ଖାଲି ଯେ ଏହି ଜୋନ କିମ୍ବା ଏହି ଶାଖାର ଅବସ୍ଥା ଶୋଚନୀୟ ତାହା ନୁହେଁ, ଏମିତି ଅନେକ ଶାଖା ର ଅବସ୍ଥା ଅବର୍ଣ୍ଣନୀୟ, ସହର ମାନଙ୍କରେ ଥିବା ହାତଗଣତି କେତୋଟି ଶାଖା ଚକାଚକ ଥିଲେ ବି ଗ୍ରାହକ ସେବା ନିମ୍ନ ସ୍ତରରେ ଥାଏ ସବୁବେଳେ। ଅନେକ ଗ୍ରାହକ ଦୁର୍ବ୍ୟବହାର ର ଶିକାର ହେଉଥିବାର ଅନେକ ଅଭିଯୋଗ ହେଲେ ମଧ୍ୟ ଏହାର ନିରାକରଣ ପାଇଁ ଜୋନ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବା ଦୁର୍ଭାଗ୍ୟଜନକ ବୋଲି ଗ୍ରାହକ ମହଲରେ ମତ ପ୍ରକାଶ ପାଇଛି ।

# ପଂଚାୟତ ସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ୨୦୨୩ ଡୁମେରଗୁଡା ଗ୍ରାମ ପଂଚାୟ ଠାରେ ଅନୁଷ୍ଠିତ

**ଭବାନୀପାଟଣା,(ପିଏନ)-** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଅନ୍ତର୍ଗତ ଡୁମେରଗୁଡା ଗ୍ରାମ ପଂଚାୟତ ଠାରେ କଳାହାଣ୍ଡି ଉତ୍ସବ ଘୁମୁରା ୨୦୨୩ ଅନୁଷ୍ଠିତ ହୋଇଯାଇଛି । ଡୁମେରଗୁଡା ସରପଂଚ ନଳିନୀ ପ୍ରଭା ବେହେରା ଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ର ଶୁଭାରମ୍ଭ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି କଳାହାଣ୍ଡି ସାଂସଦ ବସନ୍ତ କୁମାର ପଣ୍ଡା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଧର୍ମଗଡ଼ ବ୍ଲକ ଅଧକ୍ଷ୍ୟା ବବିତା ପଟ୍ଟଯୋଶୀ ଉପସ୍ଥିତ ରହିଥିଲେ । କଳାହାଣ୍ଡି ଜିଲ୍ଲାର ସଂସ୍କୃତି ଓ ପରମ୍ପରା କୁ ଆଧାର କରି ଜିଲ୍ଲା ପ୍ରଶାସନଙ୍କ ନିର୍ଦ୍ଦେଶ କ୍ରମ ଧର୍ମଗଡ଼ ବ୍ଲକ ର ଡୁମେରଗୁଡା ଗ୍ରାମ ପଂଚାୟତ ଠାରେ ବହୁ ଆଡମ୍ବର ସହ ଏହି ଉତ୍ସବ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମହିଳା ମାନଙ୍କ ପାଇଁ ହୁଳହୁଳି, ଝୋଟି ଓ ଛାତ୍ରଛାତ୍ରୀ ମାନଙ୍କ ପାଇଁ ବକ୍ତୃତା, ସଂଗୀତ, ନୃତ୍ୟ ଭଳି ବିଭିନ୍ନ ପ୍ରତିଯୋଗିତା ରଖାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ଡୁମେରଗୁଡା ଗ୍ରାମ ପଂଚାୟତ ର କାର୍ଯ୍ୟନିର୍ବାହୀ ଅଧିକାରୀ ଭୂମିକେଶ ବର୍ଗୀ , ଜିଆରଏସ,ସମସ୍ତ ୱାର୍ଡ ସଭ୍ୟ ସଭ୍ୟା ଓ ପଂଚାୟତ ର ସମସ୍ତ ସ୍କୁଲର ଶିକ୍ଷକ ଶିକ୍ଷୟତ୍ରୀ, ଗ୍ରୁପର ମାଁ ମାନେ ସମସ୍ତେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗନେଇ ବିଜେତା ହେଇଥିବା ସ୍କୁଲ ଛାତ୍ରଛାତ୍ରୀ ଙ୍କୁ ମାନପତ୍ର ଦେବାସହ ଟ୍ରଫି ମଧ୍ୟ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ କୁ ମଂଚ ପରିଚାଳନା କରିଥିଲେ ଚିତରଞ୍ଜନ ବେହେରା ଏବଂ ପଂଚାୟତର ସତାଧିକ ଜନସାଧାରଣ ଯୋଗଦାନ କରି କାଯ୍ୟକ୍ରମ କୁ ସଫଳ ରୁପାୟନ କରିଥିଲେ ।

# କେନ୍ଦୁପାଟଣା ଓ ଶିର୍ଲୋ ଧାନମଣ୍ଡୀ ଉଦ୍‌ଘାଟିତ

ସାଲେପୁର (ପିଏନ): ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ କେନ୍ଦୁପାଟଣା ସେବାସମବାୟ ସମିତିର ଧାନ ମଣ୍ଡି ଉଦ୍ଘାଟିତ ହୋଇଯାଇଛି । ଚଳିତ ବର୍ଷ ୫୩୫ ଜଣ ଚାଷୀ ପଞ୍ଜିକୃତ ହୋଇଥିବା ବେଳେ ଆଜି ସେବା ସମବାୟ ସମିତିର ସଂପାଦକ ମନୋଜ କୁମାର ନାୟକଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ କେନ୍ଦୁପାଟଣା ସରପଂଚ ପ୍ରଗତୀପ୍ରଭା ମହାନ୍ତି, କୋଲଣପୁର ସରପଂଚ ଗୋପବନ୍ଧୁ ସେଠୀ, ସଭାପତି ଶାରଦା ପ୍ରସାଦ ନାୟକ, ଯତୀନ୍ଦ୍ରନାଥ ଜେନା, ରସାନନ୍ଦ ସାମଲ, ସୋମନାଥ ବେହେରା, କୃଷ୍ଣ ଚନ୍ଦ୍ର ରାଉତ ପ୍ରମୁଖ ଉଦଘାଟନୀ ଉତ୍ସବରେ ଯୋଗଦେଇଥିଲେ । ଆଜି ପ୍ରାୟ ୧ ହଜାର କୁଇଣ୍ଟାଲ ଧାନ ସଂଗ୍ରହ କରାଯିବାର ଲକ୍ଷ୍ୟ ରଖାଯାଇଥିଲା ବେଳେ ଆର.ଏମ୍.ସି.ର କର୍ମଚାରୀ ଶ୍ୟାମସୁନ୍ଦର ଦାସ ତଦାରଖ କରୁଛନ୍ତି । ଚଳିତ ବର୍ଷ ଚାଷୀମାନେ ସୂଚାରୁ ରୂପେ ଧାନ ବିକ୍ରୟ କରିପାରିବେ ବିଭାଗୀୟ କର୍ମଚାରୀ ନଜର ରଖିଥିବା ଜଣାପଡିଛି । ସେହିପରି ଶିର୍ଲୋ କୃଷିଋଣ ସମବାୟ ସମିତି ଆନୁକୂଲ୍ୟରେ ଚଳିତ ବର୍ଷ ଧାନ ମଣ୍ଡି ଉଦ୍ଘାଟିତ ହୋଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ମଣ୍ଡିରେ ସପ୍ତାହର ସୋମବାର ଦିନ ଧାନ ବିକ୍ରି ପାଇଁ ଦିନ ଧାର୍ଯ୍ୟ ହୋଇଥିଲା ବେଳେ ଏଠାକୁ ମିଲର ଧାନ କିଣିବାକୁ ନଆସିବାରୁ କେବଳ କଂଟାପୂଜା କରାଯାଇଥିଲା । ଏହି ମଣ୍ଡିରେ ଶିର୍ଲୋ, ଇସାଣୀବରହମପୁର ଓ ମାଣପୁର ପଂଚାୟତର ଚାଷୀମାନେ ଧାନ ବିକ୍ରି କରିପାରିବେ ବୋଲି ଅନ୍ଲାଇନ୍ମାଧ୍ୟମରେ ନାମ ପଞ୍ଜିକୃତ କରିଛନ୍ତି । ସମବାୟ ସମିତି ପକ୍ଷରୁ ୪୮୪ ଜଣ ଚାଷୀଙ୍କ ନାମ ପଞ୍ଜିକୃତ କରାଯାଇଥିଲା ବେଳେ ସେମାନେ ମୋଟ ୨୨୫୮୦ କୁଇଂଟାଲ ଧାନ ବିକ୍ରି କରିପାରିବେ ବୋଲି ଲକ୍ଷ୍ୟଧାର୍ଯ୍ୟ ହୋଇଛି । ସମବାୟ ସମିତିର ସଂପାଦକ ଅକ୍ଷୟ କୁମାର ଦାସଙ୍କ ପୌରୋହିତ୍ୟରେ ଏହି ଉଦ୍ଘାଟନୀ ଉତ୍ସବରେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ରଘୁନାପୁର ଶାଖା ପରିଚାଳକ ଇତି ଶ୍ରୀକାନ୍ତ ସ୍ୱାଇଁ ଯୋଗଦେଇ ମଣ୍ଡିରେ ଧାନ ବିକ୍ରିକରିବାର ସରକାରଙ୍କ ବିଧିବଦ୍ଧ ନିୟମ ସଂକ୍ରାନ୍ତରେ ଉପସ୍ଥିତ ଚାଷୀଙ୍କୁ ଅବଗତ କରିଥିଲେ । ଏଥିରେ ସମିତି ପରିଚାଳନା କମିଟିର ସଭାପତି ମନୋରଂଜନ ପ୍ରଧାନ, କମିଟି ନିର୍ଦ୍ଦେଶକ ଗୋପୀନାଥ ପଲେଇ, କୈଳସ ଚନ୍ଦ୍ର ଖୁଂଟିଆ, ସୁରେନ୍ଦ୍ର ବେହେରା, ପବିତ୍ର ମୋହନ ବିଶ୍ୱାଳ, ସେକ୍ ନୁର୍ ମହମ୍ମଦ, ଅନାଦି ଚରଣ ସେଠୀ, ଶମ୍ଭୁନାଥ ତ୍ରିପାଠୀ, ଧାନକ୍ରୟ କମିଟିର ସଭ୍ୟ ନିଳକଣୀ ଖୁଂଟିଆ, ଚିନ୍ମୟ ଦାସ, ଚାଷୀ ଅନ୍ତର୍ଯ୍ୟାମୀ ଆଚାର୍ଯ୍ୟ, ପ୍ରମୋଦ ଆଚାର୍ଯ୍ୟ, ନବକିଶୋର ହୋତା, ସୁଧୀରରଂଜନ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ।

# ଶିଶୁ ସୁଲଭ ପରିବେଶ ସମ୍ପର୍କିତ କର୍ମଶାଳା

**ପୁରୀ, (ପିଏନ)-**ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଯୁଥ ହଷ୍ଟେଲ ସଭାଗୃହ ଠାରେ କିଶୋର ନ୍ୟାୟ ଆଇନ -୨୦୧୫, ପୋସ୍କୋ ଆକ୍ଟ -୨୦୧୨ ଓ ବିଦ୍ୟାଳୟରେ ଶିଶୁ ସୁଲଭ ପରିବେଶ ଶୀର୍ଷକ ଜିଲ୍ଲସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକ ଶିକ୍ଷାଧିକାରୀ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ, ସରକାରୀ ଓ ବେସରକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ, ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ଆବାସିକ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, କ୍ରୀଡ଼ା ଛାତ୍ରାବାସର କର୍ମକର୍ତାଙ୍କ ସହ ୮୦ ଜଣ ଅଂଶଗ୍ରହଣକାରୀ କର୍ମଶାଳାରେ ଯୋଗ ଦେଇଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସାନ) ପ୍ରଦୀପ କୁମାର ସାହୁ, ଶିଶୁ ମଙ୍ଗଳ ସମିତି ଅଧକ୍ଷ ମହାବୀର ରୁଦ୍ରନାରାୟଣ ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସମର୍ଥା ପ୍ରମୁଖ ଯୋଗ ଦେଇଥିଲେ । ଶିଶୁ ସୁଲଭ ସମାଜ ଗଠନ ପାଇଁ ଶିକ୍ଷକମାନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷାଧିକାରୀ ମନୋଜ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଶିଶୁ ସୁରକ୍ଷା ଅଧିକାରୀ ( ଆନୁଷ୍ଠାନିକ ଯତ୍ନ) ଶୁଭନାରାୟଣ ଶତପଥୀ, ପ୍ରଶିକ୍ଷକ ଡ଼ଃ. ବେଣୁଧର ସେନାପତି ପ୍ରମୁଖ ଯୋଗଦେଇ ଶିଶୁ ସୁରକ୍ଷା ସମ୍ପର୍କରେ ମତ ଦେଇଥିଲେ । ଶିଶୁମାନଙ୍କ ସାର୍ବଜନିନ ବିକାଶ ପାଇଁ ପୋଲିସ, ଚାଇଲଡ଼ ଲାଇନ, ଶିଶୁ ସୁରକ୍ଷା ଶାଖା, ଶିଶୁ ମଙ୍ଗଳ ସମିତି, ସ୍ୱାସ୍ଥ୍ୟ ବିଭାଗ, ସ୍ୱୟଂ ସହାୟକ ଗୋଷ୍ଠୀ, ସାମାଜିକ ଅନୁଷ୍ଠାନ, ଶ୍ରମ ବିଭାଗ, ସମାଜ ମଙ୍ଗଳ ବିଭାଗ କାର୍ଯ୍ୟ କରିବା ପାଇଁ ଆଲୋଚନା ହୋଇଥିଲା । ପ୍ରଶିକ୍ଷିକା ମନସ୍ୱିନୀ ପାଣିଗ୍ରାହୀ ଅଭିଭାବକ ସଚେତନତା ସମ୍ପର୍କରେ ମତ ଦେଇଥିଲେ । ଶେଷରେ ଶିଶୁ ସୁରକ୍ଷା ଶାଖାର ଆଇନ ଅଧିକାରୀ ସନ୍ତୋଷ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭଦ୍ରେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଅବ୍ୟବସ୍ଥା ସୁଧୁରିବ କେବେ ?

ସାଲେପୁର (ପିଏନ): ପୂର୍ବ ମାହାଙ୍ଗାର ଏକମାତ୍ର ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଯାହା ମାହାଙ୍ଗାର ତତ୍କାଳିନ ବିଧାୟକ ସ୍ୱର୍ଗତ ପ୍ରଦୀପ୍ତ ଦାସଙ୍କ ଅମଳରେ ୧୯୭୮-୭୯ ମସିହା ମଧ୍ୟରେ ସ୍ଥାପନ କରାଯାଇଥିଲା । ଯେଉଁ ଡାକ୍ତରଖାନା ଉପରେ ଭଦ୍ରେଶ୍ୱର, ଗୋପାଳପୁର, କୁରୁଜଙ୍ଗା, ନାହାଙ୍ଗ, ହଳଦିଆ, ଗୋଡରା, ଉମର ପଂଚାୟତ ସମେତ ପାଖ କେନ୍ଦ୍ରାପଡା ଜିଲ୍ଲାର କେତେକ ପଂଚାୟତ ନିର୍ଭର କରିଥାଆନ୍ତି । ଏହି ଡାକ୍ତରଖାନାଟି ପ୍ରତ୍ୟେହ ଦିନ ୧୦ଟାରୁ ୨ଟା ପର ?ୟ୍ୟନ୍ତ ଖୋଲାରହେ । ଅବ୍ୟବସ୍ଥା ଘେରରେ ଏହି ଡାକ୍ତରଖାନା ଦୀର୍ଘ ଦିନ ଧରି ଚାଲିଛି । କୌଣସି ରୋଗୀ ଆସିଲେ ଡାକ୍ତରଖାନାରେ କେହି ନଥାଆନ୍ତି । ରୋଗୀ ଶେଷରେ ନିରୁପାୟ ହୋଇ ବେସରକାରୀ ଡାକ୍ତରଖାନା ଉପରେ ଭରସା କରିଥାଆନ୍ତି । ରାଜ୍ୟ ସରକାର ୨୦୦୩-୦୪ ମସିହା ଉକ୍ତ ଡାକ୍ତରଖାନାକୁ ନିୟୁ ପି.ଏଚ୍.ସି.ର ମାନ୍ୟତା ଦେଇଛନ୍ତି । ଡାକ୍ତରଖାନା ପରିସରରେ ଡାକ୍ତର ଓ ଅନ୍ୟାନ୍ୟ କର୍ମଚାରୀ ରହିବା ପାଇଁ ଆବଶକୀୟ ବାସଗୃହ ରହିଥିଲେ ମଧ୍ୟ ଡାକ୍ତର, ନର୍ସ , କର୍ମଚାରୀ ଓ ଶଯ୍ୟା ଅଭାବରୁ କେହି ଗୋଟିଏ ହେଲେ ରୋଗୀ ଏହି ଡାକ୍ତରଖାନାରେ ଚିକିତ୍ସା ସୁବିଧା ପାଆନ୍ତି ନାହିଁ । ଭଦ୍ରେଶ୍ୱର ଅଂଚଳରୁ ୧୫/୧୬ କିମି ଦୁରରେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି । ସାଧାରଣ ଗରୀବ ରୋଗୀଟି ଚିକିତ୍ସା ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି । ଏ ସଂପର୍କରେ ସାତଟି ପଞ୍ଚାୟତର ଜନ ପ୍ରତିନିଧି, ଗ୍ରାମବାସୀ ଓ ବୁଦ୍ଧିଜୀବୀମାନେ ମାହାଙ୍ଗାର ମାନ୍ୟବର ବିଧାୟକ, ସ୍ୱାସ୍ଥ୍ୟ ବିଭାଗର ସଚିବ, ସିଡିଏମ୍ଓ କଟକଙ୍କୁ ଗତ ୧୨.୧୨.୨୦୨୨ ରିଖରେ ଲିଖିତ ଅଭିଯୋଗ କରି ଡାକ୍ତରଖାନାରେ ରୋଗୀମାନଙ୍କ ପାଇଁ ଶଯ୍ୟା, ସ୍ଥାୟୀ ଡାକ୍ତର ନିଯୁକ୍ତି, ନର୍ସ ଓ ଅନ୍ୟାନ୍ୟ କର୍ମଚାରୀ ନିଯୁକ୍ତି, ରୋଗୀଙ୍କ ଯିବା ଆସିବା ନିମନ୍ତେ ଆମ୍ବୁଲାନ୍ସ ସୁବିଧା, ସ୍ତ୍ରୀ ଓ ପ୍ରସୂତୀ ବିଭାଗ ଖୋଲିବା ପାଇଁ ଦାବି କରିଛନ୍ତି । ଏଣୁ ତୁରନ୍ତ ସାଧାରଣ ଜନତାଙ୍କ ହିତ ଦୃଷ୍ଟିରୁ ସରକାର ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି ।

# ମହିପ୍ରକାଶ ମଠରେ ସନାତନ ସନ୍ଥ ସମାଜର ବାର୍ଷିକ ବୈଠକ ଅନୁଷ୍ଠିତ

ପୁରୀ,(ପିଏନ)-ହରଚଣ୍ଡୀ ସାହି ସ୍ଥିତ ମହିପ୍ରକାଶ ମଠ ପରିସରରେ ମଠର ମହନ୍ତ ସ୍ୱାମୀ ଶୁଭାନନ୍ଦ ପୁରୀ ମହାରାଜଙ୍କ ଅଧକ୍ଷତାରେ ଆୟୋଜିତ ସନାତନ ସନ୍ଥ ସମାଜର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଭରତ ବର୍ଷ ତଥା ଓଡିଶାର ବିଭିନ୍ନ ସମ୍ପ୍ରଦାୟର ପଚାଶ ରୁ ଉର୍ଦ୍ଧ ସାଧୁ ସନ୍ଥ ବୈଠକରେ ଯୋଗଦାନ କରିଥିଲେ । ଏହି ବୈଠକରେ ଭୁବନେଶ୍ୱର କଳ୍ପତରୁ ଆଶ୍ରମର ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀଙ୍କୁ ସମାଜ ପକ୍ଷରୁ ସମ୍ମାନିତ କରାଯାଇଥିଲା । ବୈଠକର ନିଷ୍ପତି ଅନୁଯାୟୀ ରାଜ୍ୟର କୋଣ ଅନୁକୋଣରେ କିଭଳି ସନାତନ ଧର୍ମର ବାର୍ତା ସମସ୍ତଙ୍କ ପାଖରେ ପହଂଚି ପାରିବ ଏବଂ ଏଥିରେ ସବୁ ବର୍ଗର ବ୍ୟକ୍ତି ବିଶେଷଙ୍କୁ ସାମିଲ କରାଯାଇପାରିବ ଆଲୋଚନାରେ ଗୁରୁତ୍ୱ ଆରୋପ କରାଯାଇଥିଲା । ପୁରୀ ଶ୍ରୀମନ୍ଦିର ରେ ବାହାରୁ ଆସୁଥିବା ସମସ୍ତ ସାଧୁ ସନ୍ଥ ମାନଙ୍କ ସୁଲଭ ଦର୍ଶନ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରିବା,ସମସ୍ତଙ୍କ ସ୍ୱାସ୍ଥ୍ୟ ବୀମା କରାଯିବା, ଶ୍ରୀକ୍ଷେତ୍ର ରେ ଥିବା ମଠ ମନ୍ଦିର ର ସୁରକ୍ଷା ପ୍ରଦାନ ସହିତ ଅବାଧ ହସ୍ତକ୍ଷେପ ଓ ଜମି ବିକ୍ରି ପାଇଁ ଦେବୋତର ବିଭାଗ, ଓଡିଶା ମୁଖ୍ୟମନ୍ତ୍ରୀ, ପୁରୀ ଜିଲ୍ଲାପାଳ ଙ୍କୁ ଲିଖିତ ଦେବାପାଇଁ ସ୍ଥିର କରାଯାଇଥିଲା । ଓଡିଶାରେ ଦଶ୍ନାମୀ ସମ୍ପ୍ରଦାୟ ର ସାଧୁ ସନ୍ଥ ମାନଙ୍କ ଗୁରୁତ୍ୱ ରକ୍ଷା ଉପରେ ଆଲୋଚନା କରାଯାଇଥିଲା । ଏହି ବୈଠକରେ ଭୁବନେଶ୍ୱର ବେଦାନ୍ତ ଗୁରୁକୁଳର ସ୍ୱାମୀ ଭାଗବତା ନନ୍ଦ ଜୀ ସରସ୍ୱତୀ, ଗୀତା ମନ୍ଦିରର ସ୍ୱାମୀ ଜିଜ୍ଞାସା ନନ୍ଦ ସରସ୍ୱତୀ, କଂଟାବାଡ ର ଗୀତା ଆଶ୍ରମର ସ୍ୱାମୀ ଜଗଦିଶା ନନ୍ଦ ସରସ୍ୱତୀ, ପାରଳାଖେମୁଣ୍ଡି ଚିନ୍ମୟ ମିଶନର ସ୍ୱାମୀ ନିଗମାନନ୍ଦ ସରସ୍ୱତୀ,ହରି ଭକ୍ତା ନନ୍ଦ ସରସ୍ୱତୀ,ସ୍ୱାମୀ ଜୟଦେବ ଭାରତୀ, ମହନ୍ତ ତ୍ରିଲୋକେଶ୍ୱର ଭାରତୀ ଏବଂ ଅନ୍ୟମାନେ ଉପସ୍ଥିତ ରହି ସକ୍ରିୟ ଆଲୋଚନା କରିଥିଲେ । ବୈଠକ ପରେ ସାମୁହିକ ପ୍ରସାଦ ସେବନ କରାଯାଇଥିଲା ।

# ବନବାସୀର ମାନ୍ୟତା ଦେଇ ଜଙ୍ଗଲ ଜମି ପଟ୍ଟା ପ୍ରଦାନ ନିମନ୍ତେ କୃଷ୍ଣୁୱାଡା ଗ୍ରାମର ବାସିନ୍ଦାଙ୍କ ଜିଲ୍ଲାପାଳଙ୍କୁ ଦାବୀ

**ମାଲକାନଗିରି,(ପିଏନ)-** ମାଲକାନଗିରି ବ୍ଲକ ଅନ୍ତର୍ଗତ ଗୋରାକୋଣ୍ଡା ଗ୍ରାମପଂଚାୟତ ଅଧିନସ୍ଥ କୃଷ୍ଣୁୱାଡା ଗ୍ରାମର ବାସିନ୍ଦା ମାନେ ସେମାନଙ୍କୁ ପାରମ୍ପରିକ ବନବାସୀର ମାନ୍ୟତା ଦେଇ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରିବାକୁ ଗତକାଲି ଜିଲ୍ଲାପାଳଙ୍କୁ ଭେଟି ଏକ ଦାବୀ ପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବୀପତ୍ରରେ ସେମାନଙ୍କ ମାତୃଭାଷା "ତେଲୁଗୁ" ଏବଂ ଆମ୍ଭେ ଆଂଚଳିକ ପାରମ୍ପରିକ ବନବାସୀ "ଭାଲମିକ" (ୱାଲମିକି) ଉପଜାତିର ଅନ୍ତର୍ଗତ ଅଟୁ, ଏଣୁ ଜଙ୍ଗଲ ଜମି ଅଧିକାର ଆଇନ ୨୦୦୬ ଅନୁଯାୟୀ, ସରକାରଙ୍କ ନିୟମ ମୁତାବକ ଆମ୍ଭେମାନେ ଦୀର୍ଘ ବର୍ଷ ଧରି ଭୋଗ ଦଖଲ କରି ଆସୁଥିବା ଜଙ୍ଗଲ ଜମିର ପଟ୍ଟା ପାଇବାକୁ ହକ୍‌ଦାର୍ ହୋଇଥିଲେ ମଧ୍ୟ ସେଥିରୁ ବଂଚିତ ହୋଇଛୁ।

୧୯୩୬ ମସିହାରେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ହେଲା, ଏହା ପୂର୍ବରୁ ମାଲକାନଗିରି ଜିଲ୍ଲା ଆନ୍ଧ୍ର ପ୍ରଦେଶର ବିଶାଖାପାଟଣା ଜିଲ୍ଲା ସହ ମିଶି ରହିଥିଲା। ୧୯୩୬ ପରେ ଆମ୍ଭମାନଙ୍କ ବଂଶଧର ମାନେ କେତେକ ଆନ୍ଧ୍ରପ୍ରଦେଶରେ ରହିଗଲେ, ଆଉ ଆମ୍ଭେମାନେ ଓଡିଶାବାସୀ ହୋଇ ରହିଗଲୁ। ଆନ୍ଧ୍ରପ୍ରଦେଶରେ ଆମ୍ଭବଂଶଜମାନେ ଏସଟି ର ମାନ୍ୟତା ପାଇଛନ୍ତି। ସେମାନଙ୍କର ଉପଜାତି "ଭାଲମିକ" (ୱାଲମିକି) ଲିପିବଦ୍ଧ ହୋଇଛି। ଆମ୍ଭେମାନେ ମଧ୍ୟ "ଭାଲମିକ" (ୱାଲମିକି) ଉପଜାତିର ଅଟୁ ଯାହା ଓଡିଶା ପ୍ରଦେଶରେ ଏସସି ର ମାନ୍ୟତା ପାଇଛି। ଦୁର୍ଭାଗ୍ୟର ବିଷୟ ଓଡିଶାରେ ଆମ୍ଭମାନଙ୍କ ପଟ୍ଟାରେ ଉପଜାତି "ଡମ୍ବ" ଲିପିବଦ୍ଧ କରାଯାଇଛି। ଆମ୍ଭ ସଂପ୍ରଦାୟ (ତେଲୁଗୁ )ରେ "ଡମ୍ବ" ଉପଜାତି କେହି ନାହାନ୍ତି। ପାରମ୍ପରିକ ଭାବେ ଆମେ "ଭାଲମିକ" (ୱାଲମିକି) ଉପଜାତିର ଅଟୁ।

୧୯୫୮ ମସିହାରେ ବାଉଣ୍ଡାରି ସର୍ଭେ ଏବଂ ଜମି ବନ୍ଦୋବସ୍ତ ପ୍ରକ୍ରିୟା ମାଲକାନଗିରିରେ ଆରମ୍ଭ ହୋଇଥିଲା। ସେ ସମୟରେ ଆମ୍ଭ ପୂର୍ବ ପୁରୁଷ ଓଡିଆ ଭାଷା ଜାଣି ନଥିଲେ ଠିକ୍ ସେହିପରି ବନ୍ଦୋବସ୍ତ କାର୍ଯ୍ୟରତ ଅଧିକାରୀମାନେ ମଧ୍ୟ ତେଲୁଗୁ ବୁଝିପାରୁନଥିଲେ ଏହି ପରିସ୍ଥିତିରେ ସର୍ଭେ ଏବଂ ବନ୍ଦୋବସ୍ତ ପରେ ୧୯୬୧ ମସିହାରେ ଆମ୍ଭ ସଂପ୍ରଦାୟର ୩୩ ଟି (ଖାତା) ଦିଆ ହୋଇଛି, ଯେଉଁଥିରେ ଆମ୍ଭମାନଙ୍କ ଉପଜାତି "ଭାଲମିକ" (ୱାଲମିକି) ପରିବର୍ତେ "ଡମ୍ବ" ଲେଖାଯାଇଅଛି। ପୂର୍ବରୁ ଏହି ମାଲକାନଗିରି ଜିଲ୍ଲା ପାହାଡ, ପର୍ବତ, ବଣ ଜଙ୍ଗଲରେ ପରିପୂର୍ଣ୍ଣ ଥିଲା। ୧୯୬୪ ମସିହାରେ ବଙ୍ଗୀୟ ଶରଣାର୍ଥୀମାନଙ୍କୁ ଏଠାରେ ଥଇଥାନ ପରେ ମାଲକାନଗିରି ଜିଲ୍ଲାର ରୂପରେଖରେ ସମ୍ପୂର୍ଣ୍ଣ ପରିବର୍ତନ ହୋଇଗଲା। ମାଲକାନଗିରି ଠାରୁ ମୋଟୁ ଓ ଚିତ୍ରକୋଣ୍ଡା ଠାରୁ ପଡିଆ ମଧ୍ୟଭାଗରେ କେଉଁ ଆଦିମ କାଳରୁ ଆମ୍ଭ ସଂପ୍ରଦାୟ ଏଠାରେ ବସବାସ କରିଆସୁଛନ୍ତି। ଏପରିକି ପ୍ରମାଣ ମିଳେ ୧୯୨୩ ମସିହା ମାନ୍ଦ୍ରାଜ ସର୍ଭେ ଓ ବାଉଣ୍ଡାରି ଆକ୍ଟ - ୯ (୨) ଧାରା ଅନୁଯାଇ ଆମ୍ଭ ସଂପ୍ରଦାୟର ଲୋକମାନଙ୍କୁ (ପୂର୍ବପୁରୁଷଙ୍କୁ) ଦିଆଯାଇଥିବା ନୋଟିସ୍ ବର୍ତମାନ ସୁଦ୍ଧା ଆମ୍ଭମାନଙ୍କ ମଧ୍ୟରୁ କେତେକଙ୍କ ପାଖରେ ମହଜୁଦ୍ ଅଛି। ଆମ୍ଭ ଗ୍ରାମ କୃଷ୍ଣୁୱାଡା ପ୍ରାୟ ୧୨୦ ବର୍ଷ ପୂର୍ବରୁ ସ୍ଥାପିତ ହୋଇଥିବା ଜଣାଯାଏ। ଏହା ପୂର୍ବରୁ ଏହା ଗୁରାଖୁଂଟା ଗ୍ରାମ ଥିଲା, ଗୁରାଖୁଂଟା ଗ୍ରାମଟି ଖୁବ୍ ବଡ ଥିଲା। ଆମ୍ଭ ପୂର୍ବ ପୁରୁଷ ଏହି ନାମକରଣ କରିଥିବା ଜଣାଯାଏ। "ଗୁରା" ର ଅର୍ଥ ଓଡିଆରେ "ଗୟଳ" ଓ "ଖୁଂଟା" ର ଅର୍ଥ ଓଡିଆରେ "କିଆରି" ଅଟେ। ଗୁରାଖୁଂଟା ଏକ ତେଲୁଗୁ ଶବ୍ଦ ଯାହାର ଅର୍ଥ ଅନୁସାରେ ଗ୍ରାମଟି ନାମକରଣ କରାଯାଇଥିଲା। ସେଠାର ଏକ କିଆରିରେ (ଜମିରେ) ଗୟଳ ପରି ଦିଶୁଥିବା ଏକ ବିରାଟ ପଥର ଏବେ ମଧ୍ୟ ରହିଅଛି। ସତ୍ୟନାରାୟଣ ଦୁଆରିଙ୍କ ହାତ ଲିଖିତ ଏକ ଡାଏରିରେ ତାଙ୍କର ସନ୍ତାନ ଏବଂ ଗ୍ରାମର ଅନ୍ୟମାନଙ୍କର ଜନ୍ମ ତାରିଖ ପଞ୍ଜିକରଣ କରାଯାଇଛି। ସତ୍ୟନାରାୟଣଙ୍କ ପ୍ରଥମ ସନ୍ତାନ ଝିଅ ତଥା "ଡାଲମ୍ମା" ଙ୍କ ଜନ୍ମ ୧୯୩୩ ମସିହାରେ ହୋଇଛି। ଏହିପରି ଅନ୍ୟ ସନ୍ତାନ ଏବଂ ଗ୍ରାମର ଅନ୍ୟମାନଙ୍କର ଜନ୍ମ ଉଲ୍ଲେଖ କରାଯାଇଛି। ସତ୍ୟନାରାୟଣ ଦୁଆରିଙ୍କ ବାପା ଜେଜେବାପା ପୂର୍ବପୁରୁଷ ୩ ପିଢି ଧରି ଉକ୍ତ ଗ୍ରାମରେ (କୃଷ୍ଣୁୱାଡା) (ଗୁରାଖୁଂଟା )ରେ ଜନ୍ମଗ୍ରହଣ କରିଛନ୍ତି। "ଦୁଆରି" ପରିବାରର ୭ଟି ପିଢି, "ରୁଞ୍ଜେ" ଓ "ବାତିନି" ପରିବାରର ୫ ପିଢି ବିତି ଯାଇଥିବା ଜାଣିବାକୁ ପାଉଛୁ।

ଆମ୍ଭ ସଂପ୍ରଦାୟର ଲୋକମାନେ କୋରକୁଣ୍ଡା, ଚିତ୍ରକୋଣ୍ଡା, ସୁରୁଲୁକୋଣ୍ଡା, ପେଡାକୋଣ୍ଡା, ପାତାକୋଣ୍ଡା, ଗମ୍ପାକୋଣ୍ଡା, ସାଲମାରିକୋଣ୍ଡା, କାଙ୍ଗୁରୁକୋଣ୍ଡା, ମାନ୍ୟମ କୋଣ୍ଡା ଓ ଦୁପେନ୍ କୋଣ୍ଡା ଏହିପରି ଅନେକ ଗ୍ରାମରେ ବାସ କରିଆସୁଥିଲେ। ଗ୍ରାମଗୁଡିକର ନାମକରଣ ତେଲୁଗୁଭାଷାରୁ ଉତ୍ପତି ହୋଇଥିବା ଜଣାଯାଏ। "କୋଣ୍ଡା" ର ଅର୍ଥ ଓଡିଆରେ "ପାହାଡ" , ପାହାଡକୁ ଲାଗିରହିଥିବାରୁ ସେପରି ଗ୍ରାମର ନାମକରଣ ଆମ୍ଭ ସଂପ୍ରଦାୟର ପୂର୍ବ ପୁରୁଷମାନେ କରିଆସୁଥିଲେ। "ୱାଡା" ର ଅର୍ଥ "ପଡା" ବା "ସାହି" ଅଟେ। କୃଷ୍ଣୁୱାଡା, ଭେଜାଙ୍ଗିୱାଡା, କାମୱାଡା, ମାରିୱାଡା ଓ ଗୁଣ୍ଡାୱାଡା ଏହିପରି ଅନେକ ଗ୍ରାମ ଆମ୍ଭ ପୂର୍ବପୁରୁଷ କରିଥିବା ଜଣାଯାଏ। ପାଲ୍ଲି ର ଅର୍ଥ ଓଡିଆରେ ପଲ୍ଲି ବା ଗ୍ରାମ ଅଟେ। ଗିରକାନପାଲୀ, ଅନନ୍ତପାଲୀ, ବାପନପାଲୀ, ତୁମୁସାପାଲୀ, ଚିଡି ପାଲୀ, ଗୋରଖପାଲୀ ଓ ଶିଖପାଲୀ ପ୍ରଭୃତି ଆମ୍ଭ ପୂର୍ବପୁରୁଷ ନାମକରଣ କରି ବସବାସ କରି ଆସୁଥିବା ଜଣାଯାଏ। ମାଲକାନଗିରି ସ୍ୱାଧୀନତା ଆନ୍ଦୋଳନକାରୀଙ୍କ ତାଲିକା ଖୋଲିଲେ ପ୍ରାୟ ୨୫୬ ଜଣଙ୍କ ନାମ ଆମ୍ଭ ସଂପ୍ରଦାୟର ବ୍ୟକ୍ତି ବିଶେଷ ଥିବା ଜଣାଯାଏ। ସ୍ୱାଧୀନତା ପୂର୍ବରୁ ଏମ୍.ଭି.୧୭ (ବର୍ତମାନ) ଗ୍ରାମ ନିକଟସ୍ଥ ବ୍ରିଟିଶମାନେ କ୍ୟାମ୍ପ କରି ତୀର ଚାଳନା ପ୍ରତିଯୋଗିତା କରୁଥିଲେ। ଆମ୍ଭ ଗ୍ରାମର କାନାୟା ଦୁଆରି ଲକ୍ଷଭେଦି ପୁରସ୍କାର ଗ୍ରହଣ କରିଥିଲେ। ତାଙ୍କୁ ସେ ସମ୍ବନ୍ଧରେ ବର୍ତମାନର ବୁଡୁଗୁଡା ଗ୍ରାମ ପାଖରେ ଚାଷ ଜମି ପ୍ରଦାନ କରାଯାଇଥିଲା। ଯାହାକୁ ବର୍ତମାନ ଚକବନ୍ଦୀ ସମୟରୁ ଅନ୍ୟ ମାନଙ୍କ ଦଖଲରେ ରହିଛି। ପଡିଆ ଗ୍ରାମର ଚିନାମ କାର୍ଣ୍ଣାୟା ବ୍ରିଟିଶ ମାନଙ୍କର ଖାଦ୍ୟ ରାନ୍ଧିବା ପରଶିବା କାର୍ଯ୍ୟ କରୁଥିଲେ। ମାଲକାନଗିରି ଜିଲ୍ଲାରେ ଆଦିମ କାଳରୁ ଚାଲି ଆସୁଥିବା ବଡଯାତ୍ରା ମାଲକାନଗିରି ଠାରୁ ବାହାରି ମାନ୍ୟମକୋଣ୍ଡା ଏବଂ ମାନ୍ୟମକୋଣ୍ଡା ଠାରୁ ପ୍ରତ୍ୟାବର୍ତନ ପର୍ବ ୧ ମାସ ଧରି ଚାଲେ। ବଡଯାତ୍ରାର ବଡ ଠାକୁର ହେଉଛନ୍ତି ବାଲରାଜୁ, ପୋତରାଜୁ ଓ କାନମରାଜୁ ନାମକରଣ ତେଲୁଗୁ ଭାଷାର ଅଟେ। ଏହା ପୂର୍ବରୁ ଆମ୍ଭ ସମ୍ପ୍ରଦାୟର "ବିଶୋଇ" ମାନେ ପୁଜା କରି ଆସୁଥିଲେ। କାଳକ୍ରମେ ସ୍ଥାନୀୟ ଲୋକମାନେ ଏହି ଦାୟିତ୍ୱ ନେଇଛନ୍ତି। ମାନେମ୍ କୋଣ୍ଡାରେ "ମାନେମ୍" ପୂଜାରୀ ଆମ୍ଭ ତେଲୁଗୁ ସଂପ୍ରଦାୟର ଅଟନ୍ତି।

ରାଜାରାଜୁଡା କାଳରେ ଜମିଦାର ପ୍ରଥା ଚାଲୁଥିଲା। ମାଲକାନଗିରି ସହର ନିକଟ ପଂଚାୟତ ଗୌଡଗୁଡାର ପୂର୍ବ ନାମ "ଗୋଲାଗୁଡା" ନାମରେ ପରିଚିତ ଥିଲା। ସେହି ଗୋଲାଗୁଡାରେ ତତ୍ କାଳିନ ଜମିଦାର ଡି. ରାଘବ ରାଓ ଓ ଡି. ଆଲମନ୍ତା ରାଓ ଖୁବ୍ ନାମୁଦା ଜମିଦାର ଥିଲେ। ତାଙ୍କ କାଳରେ ଏହି ଅଂଚଳର ଲୋକ ମାନେ ଯାଇ ପାଳିକରି ଜମି ଚାଷ କରିବା, ଧାନ ବୁଣିବା, ଧାନ କାଟିବା, ଧାନ ଅମଳ କରି ଆସୁଥିଲେ। ( ଏ ସମସ୍ତ କାର୍ଯ୍ୟ ଲୋକେ ନିଜର ଖାଇ ବେଠିଖଟି ଆସୁଥିଲେ)। ଭେଜିଙ୍ଗିୱାଡା ନିକଟସ୍ଥ "କୁରୁକୁଣ୍ଡି" ଗ୍ରାମର ତତ୍କାଳିନ ଜମିଦାରଙ୍କୁ ରାଜୁଲୁ ବୋଲି ମାନୁଥିଲେ। ବାଲିମେଳା ନିକଟସ୍ଥ ନିଳକାମ୍ବେରୁର ଜମିଦାରକୁ ସାହୁକାର ବୋଲି କହୁଥିଲେ। ଉକ୍ତ ତିନି ଜଣ ଜମିଦାରଙ୍କୁ ଖଜଣା ରୂପେ ଗାଈଘିଅ ପଇଠ କରୁଥିଲେ। ଉକ୍ତ ଜମିଦାରଙ୍କ ନିକଟରେ ବର୍ତମାନ ସୁଦ୍ଧା ଅଧିକ ଜମି ରହିଛି ଏବଂ ତାଙ୍କର ବଂଶଜମାନେ ମଧ୍ୟ ଏବେବି ଅଛନ୍ତି। ଶୁଣିବାକୁ ମିଳେ ଅଧିକ ଜମି ଓ ଅଧିକ ହଳ (ବଳଦଯୋଡି) ଥିଲେ ସେହିବ୍ୟକ୍ତିକୁ ଅଧିକ କର ଦେବାକୁ ପଡିଥାଏ। ଏଣୁ ସେମାନେ ଗୋଟିଏ ହଳ ଓ କିଛି ଜମି ଥିବାପରି ସରକାରଙ୍କୁ ଦେଖାଉଥିଲେ।

ମାଲକାନଗିରି ଠାରୁ ମୋଟୁ ଓ ଚିତ୍ରକୋଣ୍ଡା ଠାରୁ ପଡିଆ ପର୍ଯ୍ୟନ୍ତ ଉପାନ୍ତ ଅଂଚଳକୁ ଶାସନର ସୁବିଧା ଦୃଷ୍ଟିରୁ ୫ ଭାଗରେ ବିଭକ୍ତ କରାଯାଇଥିଲା। ସେହି ପୂରାତନ କାଳରେ ଏହି ଭାଗ ବା ଅଂଚଳକୁ ତେଲୁଗୁରେ "ମୁଟା" କହନ୍ତି। ସେହି ମୁଟା ନାମରେ (୧) ପନ୍ଦେଲ୍ ମୁଟା (ମାରିୱାଡା) (୨) କୋରେଲ୍ ମୁଟା (କରୁକୋଣ୍ଡା) (୩) ଆଲୁର୍ ମୁଟା (ଚାଲାଣଗୁଡା ରାସ୍ତାରେ ଏକ ଗ୍ରାମ) (୪) ଭେଜାଙ୍ଗିୱାଡା ମୁଟା (୫) ପଡିଆ ମୁଟା ନାମରେ ପରିଚାଳିତ ହେଉଥିଲା। ପ୍ରତ୍ୟେକ ମୁଟା ବା ଅଧିଷ୍ଠାତ୍ରି ଦେବୀ ବର୍ତମାନ ପର୍ଯ୍ୟନ୍ତ ପୂଜା ପାଉଛନ୍ତି। ଏଠାର ମୁଖ୍ୟଙ୍କୁ ମୁଟାଧାରୀ କହନ୍ତି। ଅତୀତରେ ଏହି ପାହାଡ ପର୍ବତ ଘେରା ଅଂଚଳକୁ ଭୌଗଳିକ ଦୃଷ୍ଟିକୋଣରୁ ଦୁଇ ଭାଗରେ ବିଭକ୍ତ କରାଯାଇଥିଲା। ପୂର୍ବଘାଟ ପର୍ବତମାଳା ବେଷ୍ଟିତ ଅଂଚଳକୁ "ମାନେମ୍" କୁହାଯାଏ। ଏଥିପାଇଁ ପାହାଡ ବେଷ୍ଟିତ ଗାଁ ଟିକୁ ବର୍ତମାନ ମାନେମ୍ କୋଣ୍ଡା କୁହାଯାଉଛି। ମାଲକାନଗିରିମ୍ ଅଂଚଳର ପ୍ରାୟ ସମସ୍ତ ପୁରାତନ ଗ୍ରାମ ଗୁଡିକର ନାମକରଣକୁ ଲକ୍ଷ୍ୟକଲେ ଆମ୍ଭ ତେଲୁଗୁ ସଂପ୍ରଦାୟର ପୂର୍ବ ପୁରୁଷମାନେ ଏହାର ନାମକରଣ କରିଥିବା ପ୍ରତ୍ୟେକ୍ଷ ଜଣାପଡେ। ଏଣୁ ଆମ୍ଭେମାନେ ଆମ୍ଭମାନଙ୍କ ପିତା, ପରପିତା କାଳରୁ ଏଠାରେ ଏହି ବଣଜଙ୍ଗଲ, ପାହାଡ ପର୍ବତ ମଧ୍ୟରେ ବସବାସ କରି ଆସୁଥିବାର କୌଣସି ପ୍ରକାର ଅବିଶ୍ୱାସ କରାଯାଇ ପାରିବ ନାହିଁ।

ଏଣୁ ବିନିତ ଅନୁରୋଧ ସହ ପ୍ରାର୍ଥନା କରୁକି, ଉପର ଲିଖିତ ସମସ୍ତ ତଥ୍ୟର ସତ୍ୟାସତ୍ୟ ଅନୁଧାନ ପୂର୍ବକ ଆମ୍ଭମାନଙ୍କୁ "ଆଂଚଳିକ ପାରମ୍ପରିକ ବନବାସୀ" ର ମାନ୍ୟତା ଦେଇ ଆମ୍ଭମାନଙ୍କ ପୂର୍ବପୁରୁଷଙ୍କ ଭୋଗ ଦଖଲରେ ଥିବା ଜଙ୍ଗଲଜମିର ପଟ୍ଟା ପ୍ରଦାନ କରିବାକୁ ଜଣାଇଛନ୍ତି।



# ମୋ ଓଡ଼ିଶା

## ଶ୍ରୀକ୍ଷେତ୍ରରେ ଶ୍ରୀ ଶ୍ରୀ ଠାକୁର





ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପିତୃଦେବ କଟକର ଭୂତପୂର୍ବ ସରକାରୀ ଓକିଲ ରାୟବାହାଦୂର ଜାନକୀ ନାଥ ବୋଷ ଓ ଭକ୍ତିମତୀ ଜନନୀ ପ୍ରଭାବତୀ ଦେବୀ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଏକାନ୍ତ ଭକ୍ତ ଥିଲେ। ଉଭୟଙ୍କର ଐକାନ୍ତିକ ଆଗ୍ରହ ଓ ଅନୁରୋଧକ୍ରମେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପରିବାରବର୍ଗ ଓ ଭକ୍ତବୃନ୍ଦ ସହ ୧୯୨୨ ସାଲ ୩୧ ଡିସେମ୍ବର ରବିବାର ଦିନ ପୁରୀ ନୀଳାଚଳ ଧାମରେ ପଦାର୍ପଣ କରିଥିଲେ। ପୁରୀଧାମରେ ସମୁଦ୍ର ତୀରରେ ଅବସ୍ଥିତ ଜାନକୀନାଥ ବୋଷଙ୍କ ନିଜସ୍ୱ ଭବନ ହରନାଥ ଲଜରେ ଶ୍ରୀ ଶ୍ରୀ ଠାକୁର ଓ ତାଙ୍କ ଭକ୍ତବୃନ୍ଦ ରହିଥିଲେ। ଶ୍ରୀ ଶ୍ରୀ ଠାକୁର ପୁରୀ ପହଞ୍ଚିବା କିଛିଦିନ ପରେ ଭକ୍ତ ସତୀଶଚନ୍ଦ୍ର ଗୋସ୍ୱାମୀ ଓ କିଶୋରୀ ମୋହନ ଦାସ କୀର୍ତ୍ତନଦଳ ଓ ଆଶ୍ରମବାସୀଙ୍କୁ ନେଇ ହିମାୟିତପୁର (ବର୍ତ୍ତମାନ ପାବନା ଜିଲ୍ଲା, ବାଙ୍ଗଲାଦେଶ)ରୁ ପୁରୀ ଅଭିମୁଖେ ଯାତ୍ରା କଲେ। ଶ୍ରୀକ୍ଷେତ୍ରରେ ଶ୍ରୀ ଶ୍ରୀ ଠାକୁରଙ୍କ ପୁଣ୍ୟ ପାଦପୀଠରେ ଅବସ୍ଥାନ କରି ଆନନ୍ଦ ଉପଭୋଗ ଓ ସାଧନା ଭଜନ ଆଶାରେ ଶ୍ରୀ ଶ୍ରୀ ଠାକୁରଙ୍କ ବହୁ ଶିଷ୍ୟ ସମବେତ ହୋଇଥିଲେ। ପ୍ରାୟ ଦୁଇ ଶତାଧିକ ଭକ୍ତ ଦୀର୍ଘ ଦେଢ଼ମାସ ବୋଷ ଦମ୍ପତିଙ୍କର ଘରେ ଅବସ୍ଥାନ କରିଥିଲେ।

ଏତେଦିନ ଧରି ପରିବାରବର୍ଗ ସହ ପରମ ଆରାଧ୍ୟ ଶ୍ରୀ ଶ୍ରୀ ଠାକୁରଙ୍କ ଯଥାଯୋଗ୍ୟ ସେବାପୂଜା ଓ ଭକ୍ତମାନଙ୍କର ଯଥୋଚିତ ସମ୍ବର୍ଦ୍ଧନାରେ ସସ୍ତ୍ରୀକ ଜାନକୀ ନାଥ ଯେଉଁ ଅପୂର୍ବ ନିଷ୍ଠା, ଉଦାରତା ଓ ମହତ୍ୱର ପରିଚୟ ଦେଇଥିଲେ ତାହା ଅପୂର୍ବ ଓ ଅବର୍ଣ୍ଣନୀୟ। ପରମ ଆତ୍ମୀୟ ଅତିଥିଗଣଙ୍କ ଭୋଜନ, ଶୟନ, ବିଶ୍ରାମ ଓ ଅନ୍ୟାନ୍ୟ ଯାବତୀୟ ପ୍ରୟୋଜନ ପୂରଣର ଯଥାଯଥ ବ୍ୟବସ୍ଥାରେ କୌଣସି ତ୍ରୁଟି ନଥିଲା। କୌଣସି ଅତିଥି ବିନ୍ଦୁମାତ୍ର ଅସୁବିଧା ଭୋଗ ନକରନ୍ତି ସେଥିନିମିତ୍ତ ଜାନକୀ ବୋଷ ଦମ୍ପତି ସଦାସର୍ବଦା ତୀକ୍ଷ୍ଣ ଦୃଷ୍ଟି ରଖୁଥିଲେ। ସେମାନଙ୍କର ଅକ୍ଳାନ୍ତ ଶ୍ରମ, ତ୍ୟାଗ ଓ ଅଜସ୍ର ଅର୍ଥ ବ୍ୟୟର ଗାଥା ଅବର୍ଣ୍ଣନୀୟ।

ପୁରୀ ଅବସ୍ଥାନ କାଳରେ ଭକ୍ତଗଣ ପ୍ରତ୍ୟହ ପ୍ରାତଃକୃତ୍ୟାଦି ସମାପନ ପୂର୍ବକ ବିଭିନ୍ନ କୀର୍ତ୍ତନ ଦଳରେ ବିଭକ୍ତ ହୋଇ ନାନା ଦିଗରେ ନଗର ପରିକ୍ରମାରେ ଯାଉଥିଲେ। ସେମାନେ ପୁରୀ ସହରର ବିଭିନ୍ନ ଅଞ୍ଚଳ ଭ୍ରମଣ କରି ନାନା ମଠ ଯାଇ ତାଣ୍ଡବ ନୃତ୍ୟ ସହ ତୁମୂଳ କୀର୍ତ୍ତନ କରୁଥିଲେ। ତାଳ ଓ ପ୍ରାଣୋନ୍ମାଦନୀ କୀର୍ତ୍ତନରେ ନଗରବାସୀ ଆବାଳବୃଦ୍ଧ ବନିତା ଆନନ୍ଦରେ ମାତି ଉଠୁଥିଲେ। ଭକ୍ତଗଣ ପ୍ରାୟଶଃ କୀର୍ତ୍ତନଦଳ ସହ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଉପସ୍ଥିତ ହୋଇ ଦୀର୍ଘ ସମୟ ଧରି ଉଦ୍ଦଣ୍ଡ ନୃତ୍ୟ ସହ ତୁମୂଳ କୀର୍ତ୍ତନ କରୁଥିଲେ। ସେଠାରେ ସମବେତ ସହସ୍ର ସହସ୍ର ନରନାରୀ ଓ ଶ୍ରୀ ମନ୍ଦିରରର ପଣ୍ଡାଗଣ ସେହି ଅପୂର୍ବ କୀର୍ତ୍ତନ ଶୁଣି ଆନନ୍ଦ ଓ ବିସ୍ମୟରେ ଉଦ୍ଦୀପ୍ତ ଓ ପୁଲକିତ ହେଉଥିଲେ। ମନ୍ଦିର ମଧକୁ ଖୋଳ ନେବାର ରୀତି ନଥିଲେ ମଧ ଉଦ୍ଦଣ୍ଡ କୀର୍ତ୍ତନରେ ମାତି ଭକ୍ତଗଣ ଓ ପଣ୍ଡାମାନେ ମନ୍ଦିର ମଧରେ କୀର୍ତ୍ତନ କରୁଥିଲେ ଶ୍ରୀ ଶ୍ରୀ ଜଗନ୍ନାଥ ଦେବଙ୍କ ସମ୍ମୁଖରେ।

ଶ୍ରୀ ଶ୍ରୀ ଠାକୁର ଯେତେଦିନ ପୁରୀରେ ବାସ କରୁଥିଲେ ତାଙ୍କର ଆବାସ ସ୍ଥଳରେ ଶତ-ଶତ ଆଗନ୍ତୁକ ଓ ଭକ୍ତବୃନ୍ଦଙ୍କ କୋଳାହଳରେ ଦିନରାତ୍ରି ମୁଖରିତ ହୋଇ ରହୁଥିଲା। ପ୍ରତିଦିନ ସହରର ଗଣ୍ୟମାନ୍ୟ ବ୍ୟକ୍ତି ଓ ସ୍ଥାନୀୟ ଜନସାଧାରଣ ଶ୍ରୀ ଶ୍ରୀ ଠାକୁରଙ୍କ ଦର୍ଶନ ଓ ସଙ୍ଗ ଲାଭ ନିମିତ୍ତ ହରନାଥ ଲଜରେ ସମବେତ ହେଉଥିଲେ। ସେମାନେ ନିଜ ନିଜ ଜୀବନର ନାନା ଜଟିଳ ସମସ୍ୟାର ସମାଧାନ ନିମିତ୍ତ ଶ୍ରୀ ଶ୍ରୀ ଠାକୁରଙ୍କ ଶ୍ରୀଚରଣରେ ପ୍ରାର୍ଥନା ଜଣାଉଥିଲେ। ଶ୍ରୀ ଶ୍ରୀ ଠାକୁର ତାଙ୍କର ସ୍ୱଭାବସୁଲଭ ଭଙ୍ଗିମାରେ ସେ ସମସ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟର ସହଜ ସରଳ ମୀମାଂସା ଦାନ କରୁଥିବା ଦେଖି ସମସ୍ତଙ୍କ ଭିତରେ ଏକ ଦିବ୍ୟଭାବ ଉନ୍ମାଦନା ସଞ୍ଚାର ହେଉଥିଲା। ବହୁ ବ୍ୟକ୍ତି ଶ୍ରୀ ଶ୍ରୀ ଠାକୁରଙ୍କ ଦୀକ୍ଷାରେ ଦୀକ୍ଷିତ ହୋଇଥିଲେ।

ପୁରୀ ଅବସ୍ଥାନ ସମୟରେ ଶ୍ରୀ ଶ୍ରୀ ଠାକୁର ପ୍ରାୟଦିନ ଭକ୍ତଗଣ ପରିବୃତ ହୋଇ ସମୁଦ୍ରରେ ଗାଧୋଉ ଥିଲେ, ତାହା ଏକ ଅନିର୍ବଚନୀୟ ମହା ଆନନ୍ଦ ଉତ୍ସବରେ ପରିଣତ ହେଉଥିଲା। ଶ୍ରୀ ଶ୍ରୀ ଠାକୁର ଭକ୍ତଗଣ ସହ ସମୁଦ୍ର ବାଲିରେ ଉପନୀତ ହେଲେ ସମସ୍ତେ ମିଶି ତୁମୁଳ କୀର୍ତ୍ତନ କରୁଥିଲେ। ତାହାପରେ ଶ୍ରୀ ଶ୍ରୀ ଠାକୁର ସମସ୍ତଙ୍କୁ ନେଇ ସମୁଦ୍ର ପାଣିରେ ଅବତୀର୍ଣ୍ଣପୂର୍ବକ ତରଙ୍ଗ ପ୍ରବାହର ତାଳେ ତାଳେ କୀର୍ତ୍ତନରତ ଅବସ୍ଥାରେ ସ୍ନାନ କ୍ରୀଡ଼ାରେ ବ୍ୟସ୍ତ ରହୁଥିଲେ। ସ୍ନାନ ସମୟରେ ଦୀର୍ଘ ସମୟ ଧରି ଦୋଳନ, କୀର୍ତ୍ତନ ଆଲିଙ୍ଗନ, ହାସ୍ୟ କୌତୁକ ଓ ଜଳସିଞ୍ଚାଦି ଆନନ୍ଦ ଉଲ୍ଲାସରେ ଏକ ସ୍ୱର୍ଗୀୟ ଅନୁଷ୍ଠାନ ଚାଲୁଥିଲା। ସ୍ନାନ ସମାପନାନ୍ତେ ଭକ୍ତଗଣ ଶ୍ରୀ ଶ୍ରୀ ଠାକୁରଙ୍କୁ ପୁରଭାଗରେ ରଖି ପୁଣି କୀର୍ତ୍ତନ କରୁ କରୁ ଘରକୁ ଫେରୁଥିଲେ। ଶ୍ରୀ ଶ୍ରୀ ଠାକୁର ଦିନେ ପ୍ରାତଃକାଳରେ ସମୁଦ୍ର ତୀରରେ ଭ୍ରମଣ କରୁ କରୁ କଠଉ ପିନ୍ଧି ପାଞ୍ଚ-ଛଅ କିଲୋମିଟର ଚାଲି ସାକ୍ଷୀଗୋପାଳରେ ପହଞ୍ଚି ଯାଇଥିଲେ, ସେଠାରୁ ଫେରି ସନ୍ଧ୍ୟା ସମୟରେ ଘରେ ପହଞ୍ଚିଲେ।

ପୁରୀ ଧାମ ଛାଡ଼ିବା କିଛିଦିନ ପୂର୍ବରୁ ଶ୍ରୀ ଶ୍ରୀ ଠାକୁର ତାଙ୍କର ବାଲ୍ୟସଖା ଭକ୍ତପ୍ରବର ଅନନ୍ତ ମହାରାଜଙ୍କୁ ନେଇ ଶ୍ରୀ ଶ୍ରୀ ଜଗନ୍ନାଥ ଦର୍ଶନ ନିମିତ୍ତ ମନ୍ଦିର ଭିତରକୁ ଯାଇଥିଲେ। ୧୪ ଫେବୃୟାରୀ ୧୯୨୩ ତାରିଖରେ ଶ୍ରୀ ଶ୍ରୀ ଠାକୁର ପୁରୀଧାମରୁ ପ୍ରତ୍ୟାବର୍ତ୍ତନ କରିଲେ। ପୁରୀ ନୀଳାଚଳ ଧାମରେ ଶ୍ରୀ ଶ୍ରୀ ଠାକୁରଙ୍କ ରହଣି ସତ୍‌ସଙ୍ଗ ଇତିହାସରେ ଏକ ଅପୂର୍ବ ସ୍ମୃତି। ସେହି ସ୍ମୃତିକୁ ପାଥେୟ କରି ପ୍ରତିବର୍ଷ ଜାନୁୟାରୀ ୮ ତାରିଖରେ (୨ୟ ରବିବାର) ଲକ୍ଷାଧିକ ଭକ୍ତ ନୀଳାଚଳ ଧାମରେ ଉପସ୍ଥିତ ହୋଇ ଉତ୍କଳ ଆଗମନୀ ଦିବସ ଭାବରେ ପାଳନ କରନ୍ତି।

**—ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**
*ସହ-ପ୍ରତିରକ୍ଷୀକ ଓ ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭/୯୩୩୮୧୦୦୮୩୭*

## ରୋଗୀ, ରୋଗ ଏବଂ ଚିକିତ୍ସକ



ଶାରୀରିକ, ମାନସିକ, ସାମାଜିକ ଏବଂ ସାଂସ୍କୃତିକ ସୁସ୍ଥ ଠିକ୍ ଥିଲେ, ଜଣେ ବ୍ୟକ୍ତି ନିରୋଗ ଅଛି ବୋଲି ବୁଝିବାକୁ ହେବ। ଅର୍ଥାତ୍ ସେ ଜଣେ ସାଧାରଣ ଭାବେ ସୁସ୍ଥ ବ୍ୟକ୍ତି। ଏହାର ବ୍ୟତିକ୍ରମ ହିଁ ଜଣକୁ ରୋଗୀ ବନାଇଥାଏ। ଶରୀର ଆବଶ୍ୟକ କରୁଥିବା ଖାଦ୍ୟ, ପାନୀୟ, ବିଶ୍ରାମ ଏବଂ ପରିବେଶୀୟ ସନ୍ତୁଳନର ବ୍ୟତିକ୍ରମ ହେଲେ, ଆମଠି ରୋଗ ସୃଷ୍ଟି ହୁଏ। ରୋଗକୁ ସାଧାରଣ ଭାବେ ଆମେ ଦୁଇଭାଗରେ ବିଭକ୍ତ କରିବୁ। ଯଥା- ସଂକ୍ରମିତ ଏବଂ ଅସଂକ୍ରମିତ ରୋଗ। ରୋଗ ହେଲେ ରୋଗୀ ପାଇଁ ଚିକିତ୍ସାର ଆବଶ୍ୟକତା ରହିଛି। ଚିକିତ୍ସାର ଅର୍ଥ ଔଷଧ ପ୍ରୟୋଗ କି ଅସ୍ତ୍ରୋପଚାର ଏବଂ ତଦ୍‌ଜନିତ ସେବାକୁ ବୁଝାଏ। ଚିକିତ୍ସାର ଅବହେଳାରେ ଅଚିନ୍ତନୀୟ ଅବସ୍ଥା ଘଟିପାରେ।

ଜନସାଧାରଣଙ୍କର ସେବା ପାଇଁ ସରକାରଙ୍କ ତରଫରୁ ଗ୍ରାମାଂଚଳରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବା ଗୋଷ୍ଠୀକେନ୍ଦ୍ରମାନ ସ୍ଥାପନ ହୋଇଛି। ଜିଲ୍ଲାର ସଦର ମହକୁମାମାନଙ୍କରେ ବଡ଼ ଡାକ୍ତରଖାନା ବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟମାନ ଖୋଲାଯାଇଛି। ଦୁଃଖ ଯେ ଏସବୁ ସତ୍ୱେ ବିଭାଗୀୟ ଡାକ୍ତରମାନଙ୍କ ଅଭାବ ରହିଛି। କେହି ନିଜ ସୁବିଧା ଦେଖି ଆସନ୍ତି ବା ଯାଆନ୍ତି। ଏପରିସ୍ଥଳେ ଅଭାବୀ ରୋଗୀଟି ବାଧ୍ୟ ହୋଇ ଘରୋଇ ଚିକିତ୍ସାଳୟ ଧାଆଁନ୍ତି ଏବଂ ସେଠାରେ ଭୟଙ୍କର ଭାବେ ଶୋଷିତ ହୁଅନ୍ତି। କଥାରେ କୁହନ୍ତି: ରୋଗୀ ମଲେ ବା ବଂଚିଲେ ଡାକ୍ତରର ଯାଏ ଆସେ ନାହିଁ। ତାର ମାହାସୁଲ ଦରକାର।

ପଇସାବାଲା ଏବଂ ବଡ଼ବଡ଼ିଆ ପାଇଁ ଚିନ୍ତା ନାହିଁ। ସେମାନେ ପଇସା ବା ନିଜର ପ୍ରତିପତି ବଳରେ ସାରା ଦୁନିଆକୁ ଆପଣେଇପାରିବେ। ଅବଶ୍ୟ ରୋଗ ନେଇ ରୋଗୀର ବଂଚିବା ମରିବା ନିର୍ଭର କରେ। ସାଧାରଣ ବ୍ୟକ୍ତିଟିଏ ପାଇଁ ଏବେ ଚିକିତ୍ସା ଅପହଂଚ। ଔଷଧର ଦାମ ଏତେ ବଢ଼ିଛି ଯେ ସେ ତାର ସର୍ବସ୍ୱ ସାରିବି ବଂଚିପାରୁନାହିଁ। ଔଷଧ କଂପାନୀମାନଙ୍କ ପ୍ରତି ସରକାରଙ୍କର କୌଣସି ଲଗାମ ନାହିଁ। ସେମାନେ ମନଇଚ୍ଛା ଔଷଧ ଦାମ୍ ବଢ଼ାଇଥାଆନ୍ତି । ଏମିତିକି ଅଳ୍ପ ସମୟ ବ୍ୟବଧାନରେ ଔଷଧର ଦାମ୍ ଦୁଇଗୁଣ ହେବାର ନଜିର ଅଛି।

ଡାକ୍ତରଖାନାରେ ଔଷଧ ଅଛି, ସେଗୁଡ଼ିକର ବ୍ୟାବହାରିକ ସମୟ ସୀମା ରହି ରହି ନୂଆ ପୁରୁଣା କାରଣରୁ ଫିଙ୍ଗା ଯାଉଛି । ଅଥଚ ରୋଗୀକୁ ଔଷଧ କିଣିବା ପାଇଁ ପାଖ ଦୋକାନକୁ ପଠାଇ ଦିଆଯାଇଛି। ଏଠାରେ ଡାକ୍ତର ଓ ଦୋକାନୀମାନଙ୍କର ମଧୁଚନ୍ଦ୍ରିକା ବା ଅସାଧୁ ମେଂଟ ଚାଲିଛି। ସେହିପରି ଡାକ୍ତରଖାନାରେ ପାଥୋଲୋଜି ବ୍ୟବସ୍ଥା ଥିଲେ ବି, ସାମ୍ନା ଦୋକାନକୁ ପଠାଇ ଦିଆଯାଇଛି। ଡାକ୍ତର ଯେମିତି ଅଧିକା ଦାମିକା ଔଷଧ ଲେଖିବେ, ସେତିକି ଡ୍ରଗିଷ୍ଟର ଲାଭ, କଂପାନୀର ଲାଭ ଏବଂ ଡାକ୍ତରଙ୍କ ପ୍ରତିଶତ ଲାଭ ସେତିକି। ଏବେ ଡାକ୍ତରଖାନାମାନଙ୍କରେ ଦଲାଲି କାରବାର। ସରକାରୀ ଡାକ୍ତରଖାନାର ଡାକ୍ତର ରୋଗୀକୁ ପଠାଇଦେଉଛନ୍ତି କୋଉ ନର୍ସିଂହୋମ୍‌କୁ। ନଚେତ୍ ତାଙ୍କ କ୍ଲିନିକ୍‌କୁ ଯିବାକୁ ପରାମର୍ଶ ଦେଉଛନ୍ତି। ସାଧାରଣ ରୋଗୀକୁ ଘରୋଇ ଡାକ୍ତରଖାନାମାନଙ୍କରେ ଜବରଦସ୍ତ ବେଡ୍ ବା ଆଇସିୟୁରେ ଭର୍ତି କରାଯାଉଛି। ତାକୁ ଶୋଷଣ କରାଯାଉଛି। ବଡ଼ ବଡ଼ ସହରରେ ଗଢ଼ି ଉଠିଥିବା ଘରୋଇ ଡାକ୍ତରଖାନାମାନଙ୍କରେ ଏହା ଏକ ନିତିଦିନିଆ ଘଟଣା। ଏମିତି ଅନେକ ଗରିବ ଲୋକ ପୂର୍ଣ୍ଣ ଆରୋଗ୍ୟ ହେବା ପୂର୍ବରୁ ସର୍ବସ୍ୱାନ୍ତ ହୋଇ ଘରକୁ ଫେରୁଛନ୍ତି। କାହା ପାଇଁ ବି 'ରାମନାମ ସତ୍ୟହେ' ସତ୍ୟ ହେଉଛି। ଏଗୁଡ଼ାକ ସବୁ ଅଙ୍ଗେଲିଭା କଥା। ଏମାନେ ଏମିତି ଏକ ଯମାଳୟ ସାଜିଛନ୍ତି ଯେ ଥରେ ଘରେ ଟିଙ୍କ ଲାଖେ ଝୁଣିକି ରକ୍ତ ଶୋଷି ନେବେ। କବିର ଭାଷାରେ- ଶାଗୁଣା, ଶୃଗାଳ ଡାକ୍ତର ହେଲେକି ମଡ଼ା ଦେହେ ଥିବ ପ୍ରାଣ...। ମୋଟ ଉପରେ କହିବାକୁ ଗଲେ ପଇସା ନାହିଁ ତ, କେହି ଶୁଣିବାର ନାହିଁ ।

ସାଧାରଣ ଲୋକଙ୍କୁ ଏସବୁ ଦୌରାତ୍ମ୍ୟରୁ ରକ୍ଷା କରିବା ନିମନ୍ତେ ଇଣ୍ଡିଆନ୍ ମେଡିକାଲ କାଉନ୍‌ସିଲ (ଏମ୍‌ସିଆଇ) ଏକ ନୂଆ ପଦକ୍ଷେପ ନେଇଛନ୍ତି। ସେ ଡାକ୍ତରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ ରୋଗୀକୁ ଶସ୍ତାରେ ମେଡିସିନ୍ ଦେବା ପାଇଁ ପ୍ରେସ୍‌କ୍ରିପ୍‌ସନ୍‌ରେ ଜେନେରିକ୍ ମେଡିସିନ୍ ଲେଖନ୍ତୁ। ଡାକ୍ତରମାନେ ଯେପରି ଏହାକୁ କଡ଼ାକଡ଼ି ଭାବେ ପାଳନ କରିବେ, ସେ ନେଇ ଏମ୍‌ସିଆଇ ସବୁ ମେଡିକାଲ କଲେଜ ଏବଂ ରାଜ୍ୟ ମେଡିକାଲ୍ କାଉନ୍‌ସିଲକୁ ଚିଠି ଲେଖି ଜଣାଇଛନ୍ତି। ଦେଶର ସମସ୍ତ ମେଡିକାଲ କଲେଜ ଏବଂ ରାଜ୍ୟର ମେଡିକାଲ୍ କାଉନ୍‌ସିଲ ଏହି ବ୍ୟବସ୍ଥାକୁ ଯେମିତି ଲାଗୁ କରିବେ ତାହା ବି ବାଧ୍ୟ କରିଛନ୍ତି। ଖିଲାଫକାରୀଙ୍କୁ ଦଣ୍ଡଦେବାର ମଧ୍ୟ ବ୍ୟବସ୍ଥା ରଖିଛନ୍ତି ।

ଏହି ଜେନେରିକ୍ ମେଡିସିନ୍ ଦାମ୍ ବହୁତ କମ୍। ଏଣୁ ଡାକ୍ତରମାନେ ଏହିପରି ଜେନେରିକ୍ ଔଷଧର ପ୍ରେସ୍‌କ୍ରିପ୍‌ସନ୍ ଦେଲେ, ରୋଗୀମାନେ ଉପକୃତ ହୋଇପାରିବେ। ଏଥିପାଇଁ ସରକାର ମେଡିକାଲ କଲେଜ, ଶିଶୁଭବନ ଏବଂ କ୍ୟାପିଟାଲ ହସ୍‌ପିଟାଲମାନଙ୍କରେ ଷ୍ଟୋରମାନ ରଖିଛନ୍ତି। ଜନଔଷଧୀ ମାଧ୍ୟମରେ ମଧ୍ୟ ଏହି ଜେନେରିକ୍ ଔଷଧ ଦେବାର ବ୍ୟବସ୍ଥା ଅଛି । ଏ ପ୍ରକାର ବ୍ୟବସ୍ଥାରେ ଅନ୍ତତଃ ଔଷଧ କଂପାନୀମାନଙ୍କ ଦାଉରୁ ମଧ୍ୟ ମୁକ୍ତି ମିଳିପାରିବ। ସରକାରଙ୍କର ଏ ପ୍ରକାର ପଦକ୍ଷେପକୁ ସ୍ୱାଗତ କରାଯାଇପାରେ। ତେବେ ଏହା କେତେଦୂର କାର୍ଯ୍ୟକାରୀ ହୋଇପାରୁଛି ଏବଂ ଖିଲାଫକାରୀଙ୍କୁ କି ପ୍ରକାର ଦୃଷ୍ଟାନ୍ତମୂଳକ ଦଣ୍ଡ ଦିଆଯାଉଛି, କେବଳ ତାହାକୁ ଅପେକ୍ଷା କରିବାର ଅଛି ।

**ବିପିନବିହାରୀ ମହାନ୍ତି**, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ମୋ-୯୯୩୮୩୪୪୧୩୮

## ହାତ ସେ ହାତ ଯୋଡ଼ କାର୍ଯ୍ୟକ୍ରମ ବୁଥ ସ୍ତରରୁ ଆରମ୍ଭ ହେବ

ଭୁବନେଶ୍ୱର (ପିଏନ୍)-ଭାରତ ଯୋଡ଼ କାର୍ଯ୍ୟକ୍ରମର, ହାତ ସେ ହାତ ଯୋଡ଼ କାର୍ଯ୍ୟକ୍ରମ ଏକ ଅଂଶବିଶେଷ। ରାଜ୍ୟର କଂଗ୍ରେସର ନେତୃବର୍ଗ ଆସ'। ଜାନୁଆରୀ ୨୬ ତାରିଖ ପାଖରୁ ଓଡ଼ିଶାର ପ୍ରତ୍ୟେକ ଗାଁକୁ ଯାଇ ହାତ ସେ ହାତ ଯୋଡ଼ କାର୍ଯ୍ୟକ୍ରମ ଆରମ୍ଭ କରିବେ। ପ୍ରତ୍ୟେକ ଗାଁରେ କଂଗ୍ରେସର ପତାକା ଉତୋଳନ କରାଯିବ ଏବଂ କଂଗ୍ରେସ ନେତୃବର୍ଗ ଗାଁର ପ୍ରତ୍ୟେକ ଘରକୁ ଘର ଯାଇ ଜନସଂପର୍କ ସୃଷ୍ଟି କରିବା ସହିତ ରାଜ୍ୟର ସାଂପ୍ରତିକ ପରିସ୍ଥିତି, ସ୍ଥାନୀୟ ଅଂଚଳର ଜନସାଧାରଣଙ୍କର ସମସ୍ୟା ସହିତ ରାହୁଲ ଗାନ୍ଧୀଙ୍କ ଆଦର୍ଶରେ ଯେଉଁ ଭାରତ ଯୋଡ଼ ଯାତ୍ରା ଚାଲିଛି ସେ କଥାକୁ ଲୋକମାନଙ୍କ ପାଖରେ ଉପସ୍ଥାପନ କରିବେ। ଦାରିଦ୍ର୍ୟତା, ହୁ ହୁ ଦରଦାମ ବୃଦ୍ଧି, ବେକାରୀ ସମସ୍ୟା, ମୁଦ୍ରାସ୍ଫିତି, ନିର୍ଦ୍ଦିଷ୍ଟ ଏକ ରାଜନୈତିକ ଦଳ ଭାରତ ବର୍ଷରେ ଜାତି, ଧର୍ମ,ବର୍ଣ୍ଣ, ଭାଷା ଓ ଆଂଚଳିକତାକୁ ନିଜର ଆଦର୍ଶକରି ଆଜି ଦେଶକୁ ଭାଗ ଭାଗ କରିବାପାଇଁ ଚେଷ୍ଟା ଚଳାଇଛଁି। ଘୃଣା, ଭୟ ଓ ହିଂସା ଆଜି ସାରା ଦେଶରେ ରାଜୁତି କରୁଛି। ଗତ ୬ ତାରିଖ ଓ ୭ ତାରିଖ ଦୁଇଦିନ ଧରି ରାଜ୍ୟ କଂଗ୍ରେସ ଭବନରେ ହାତକୁ ହାତ ଯୋଡ଼ୋ କାର୍ଯ୍ୟକ୍ରମକୁ କିପରି ଭାବରେ ସଫଳ କରାଯିବ ତାର ଗୁରୁମନ୍ତ୍ର ଦେଇଥିଲେ ଜାମୁ କାଶ୍ମିର ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ, କଂଗ୍ରେସ କାର୍ଯ୍ୟକାରିଣୀର ସଦସ୍ୟ, ରାଜ୍ୟସଭା ସାଂସଦ ତାରିକ ହମିଦ କାରାର୍। ଶ୍ରୀଯୁକ୍ତ କାରାର୍ କୌଣସି ପ୍ରକାରର ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ସ୍ପଷ୍ଟ ଭାବରେ ଦଳୀୟ କାର୍ଯ୍ୟକର୍ତା, ପୂର୍ବତନ ସାସଂଦ, ବିଧାୟକ, ବରିଷ୍ଠ ନେତୃବର୍ଗ, ବର୍ତମାନର ସାସଂଦ, ବିଧାୟକ, ଛାତ୍ର, ଯୁବ, ମହିଳା ନେତୃବର୍ଗ, ବିଭିନ୍ନ ବିଭାଗ ଓ ପ୍ରକୋଷ୍ଠର ଅଧିକାରୀ ବୃନ୍ଦ ଏବଂ ପଦାଧିକାରୀଙ୍କୁ ସେ କହିଥିଲେ ଯେ ଭାରତ ଯୋଡ଼ ଯାତ୍ରାର ଆଜି ଯେଉଁ ଉପଲବ୍ଧି ମିଳିଛି ତାହା ଆମ ସସସ୍ତଙ୍କୁ ସମ୍ଭିଭୂତ ଏବଂ ଆଚମ୍ବିତ ମଧ କରିଛି। ସାରା ଭାରତ ବର୍ଷରେ କୋଟି କୋଟି ଲୋକ ଭାରତ ଯୋଡ଼ ଯାତ୍ରାରେ ସାମିଲ ହୋଇଛଁି। ତିନିହଜାରରୁ ଅଧିକ କିଲୋମିଟର ଶ୍ରୀ ରାହୁଲ ଗାନ୍ଧୀ ପଦଯାତ୍ରା କରିସାରିଲେଣି। ଭାରତଯୋଡ଼ ଯାତ୍ରା ସଫଳତାକୁ ନେଇ ଆଜି ପ୍ରତ୍ୟେକ କଂଗ୍ରେସ ନେତୃବର୍ଗ ଏବଂ ଦେଶର ଯୁବବର୍ଗ ଖୁବ ଆନନ୍ଦିତ। ଦୀର୍ଘ ୨୨ ବର୍ଷଧରି ଏକ ବ୍ୟୁରୋକ୍ରାଟିକ ଜନତା ଦଳ ଶାସନ କରୁଛି। ଏ ସରକାର ଓଡ଼ିଶାର ଜନସାଧାରଣଙ୍କ ଆଶା ଆକାଂକ୍ଷା ପୂରଣ କରିବା ପରିବର୍ତେ କେବଳ ଆତ୍ମପ୍ରଚାରରେ ଲାଗି ପଡ଼ିଛି। ରାଜ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ, ଆଇନ ଶୃଙ୍ଖଳା ପରିସ୍ଥିତି ଏପରିକି ୧୦ଟି ଆଦିବାସୀ ଜିଲ୍ଲାର ସାମଗ୍ରିକ ବ୍ୟବସ୍ଥା ସଂପୂର୍ଣ୍ଣ ଭୁଷୁଡ଼ି ପଡ଼ିଛି। ଏହି ଦୁଇଦିନିଆ ଆଲୋଚନା ଚକ୍ର କାର୍ଯ୍ୟକ୍ରମର ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଶ୍ରୀ ପଟ୍ଟନାୟକ ଏହି କାର୍ଯ୍ୟକ୍ରମର ସଫଳତା କଂଗ୍ରେସକୁ ବୁଥ ସ୍ତରରୁ ଆରମ୍ଭ କରି ରାଜ୍ୟସ୍ତର ପର୍ଯ୍ୟ' ଅଧିକ ଶକ୍ତିଶାଳୀ କରିବା ସହିତ କଂଗ୍ରେସକୁ ଲୋକାଭିମୁଖି କରିବ। ରାଜ୍ୟର ପ୍ରକୃତ ସ୍ଥିତି କଂଗ୍ରେସ ନେତୃବର୍ଗ କେବଳ ଗ୍ରାମଂଚଳରୁ ହିଁ ଜାଣିହେବ। ଯେପର୍ଯ୍ୟ' ଆମେ ଲୋକମାନଙ୍କର ଆଶା ଓ ବିଶ୍ୱାସ ଭାଜନ ହୋଇପାରିବୁ ନାହିଁ ସେପର୍ଯ୍ୟ' ଆମ୍ଭମାନଙ୍କୁ ଅହରହ ଉଦ୍ୟମ କରିବାକୁ ପଡ଼ିବ। ଛାତ୍ର କଂଗ୍ରେସ, ଯୁବ କଂଗ୍ରେସ, ମହିଳା କଂଗ୍ରେସ, ଆଦିବାସୀ, ପଛୁଆବର୍ଗ, ସଂଖ୍ୟାଲଘୁ ଏବଂ ବିଭିନ୍ନ ବିଭାଗ ଓ ପ୍ରକୋଷ୍ଠର ଅଧିକାରୀ ମାନଙ୍କୁ ବହୁକିଛି ପରିଶ୍ରମ କରିବାକୁ ପଡ଼ିବ। କଂଗ୍ରେସ ଆସିଲେ ଓଡ଼ିଶାର ବିକାଶ ସମ୍ଭବ ହେବ। ଏମାନେ କେବଳ ପରସ୍ପର ଭିତରେ ଗଣମାଧ୍ୟମରେ ଟଣା ଓଟରା ହୁଅଁି କିଁୁ ସଂଧ୍ୟା ହେଲେ ତାଙ୍କର ସଂପର୍କ ସଜାଡ଼ି ହୋଇଯାଏ। ୨୨ ବର୍ଷ ଭିତରେ ରାଜ୍ୟର ଗୋଟିଏ ବଡ଼ ଶିଳ୍ପର ନା ଯାହାକି ରାଜ୍ୟ ସରକାର କରିଛଁି ବୋଲି କହିପାରିବେକି। ହାତସେ ହାତ ଯୋଡ଼ କାର୍ଯ୍ୟକ୍ରମ ଜାନୁଆରୀ ୨୬ ରୁ ଆରମ୍ଭ ହୋଇ ଦୁଇ ମାସ ପର୍ଯ୍ୟ' ଚାଲୁ ରହିବ। ଏହାଦ୍ୱାରା ଓଡ଼ିଶାର ପ୍ରତ୍ୟେକ ଗାଁକୁ ୩୧୪ ବ୍ଲକକୁ ୩୦ଟି ଜିଲ୍ଲାକୁ କଂଗ୍ରେସ ନେତୃବର୍ଗ ପଦଯାତ୍ରା କରିବା ସହିତ ଲୋକଙ୍କ ପାଖକୁ ସିଧାସଳଖ ଯିବେ, ଲୋକଙ୍କ ସୁଖ ଦୁଃଖ ବୁଝିବେ ଏବଂ ସଂପର୍କ ସ୍ଥାପନ କରିବେ। କଂଗ୍ରେସ ଦୃଢ଼ ନିଶ୍ଚିତ ଆସନ୍ତା ୨୦୨୪ ରେ ୯ରୁ ୯୦ ଆସନ ଜିତିବ ଏବଂ ରାଜ୍ୟର ଜନସାଧାରଣଙ୍କର ସେବା କରିବ। ଏଥିପାଇଁ ଶ୍ରୀ ପଟ୍ଟନାୟକ ଓଡ଼ିଶାର ଜନସାଧାରଣଙ୍କୁ ଯୋଡ଼ ହସ୍ତରେ ନିବେଦନ କରି କହିଛଁି କଂଗ୍ରେସକୁ ଆଶୀର୍ବାଦ କରଁୁ ବୋଲି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି, ଜିଲ୍ଲା କଂଗ୍ରେସ ସଭାପତି, ସାଂସଦ ଓ ବିଧାୟକ, ପୂର୍ବତନ ସାଂସଦ ଓ ବିଧାୟକ, ବରିଷ୍ଠ କଂଗ୍ରେସ ନେତୃବର୍ଗ, ଗତ ସାଧାରଣ ନିର୍ବାଚନର ସସସ୍ତ ସାଂସଦ ଓ ବିଧାୟକ ପ୍ରାର୍ଥୀ ଏବଂ ସମସ୍ତ ସାମ୍ମୁଖ୍ୟ, ପ୍ରକୋଷ୍ଠ ଓ ବିଭାଗର ମୁଖ୍ୟ ଓ କର୍ମକର୍ତାମାନେ ଯୋଗଦେଇଥିଲେ।

## ଅନୁଗୋଳ ଜିଲ୍ଲା କୃଷକ କ୍ଲବ୍ ମହାସଂଘର ସମୀକ୍ଷା ବୈଠକ



ଅନୁଗୋଳ (ପିଏନ୍): ଅନୁଗୁଳ ଜିଲ୍ଲା କୃଷକ କ୍ଲବ୍ ମହାସଂଘର ମାସିକ ଯୋଜନା ଓ ସମୀକ୍ଷା ବୈଠକ ଜିଲ୍ଲା କୃଷି ଭବନ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ମହାସଂଘର ସଭାପତି ଅରିକ୍ଷିତ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅନୁଗୋଳର ଜିଲ୍ଲା ପ୍ରାଣୀଧନ ବିଭାଗର ଅଧିକାରୀ ଡା. କେଶବ ଚନ୍ଦ୍ର ପ୍ରଧାନ, ଉପ ଜିଲ୍ଲା କୃଷି ଅଧିକାରୀ ଚକ୍ରଧର ପଣ୍ଡା, ଜିନ୍ଦଲ ସିଏସ୍‌ଆର୍‌ର ମୁଖ୍ୟ ଶ୍ରୀମତୀ ପୁଷ୍ପଲତା ସତପଥୀ, ଉପମୁଖ୍ୟ ଆଶୁତୋଷ ମିଶ୍ର ଏବଂ ମହାସଂଘର ଉପଦେଷ୍ଟା ବରିଷ୍ଠ ଆଇନଜୀବି ଦ୍ୱାରିକା ପ୍ରସାଦ ନନ୍ଦ ପ୍ରମୁଖ ଯୋଗଦେଇ ଜିଲ୍ଲାର କୃଷି ଓ କୃଷକ ମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ସମସ୍ତଙ୍କର ସାହାଯ୍ୟ ଓ ସହଯୋଗର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ବୈଠକରେ ସଙ୍ଗଠନକୁ ପଂଚାୟତ ସ୍ତରରୁ ସଙ୍ଗଠିତ କରିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଥିଲା। ସମସ୍ତ ଭେଦଭାବ ଭୁଲି ସେଚ୍ଛାକୃତ ଭାବେ ସଙ୍ଗଠନକୁ ଜିଲ୍ଲାରେ କୃଷକ ମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ସମସ୍ତ ସଦସ୍ୟ ମାନଙ୍କର ଆନ୍ତରିକ ସହଯୋଗ କାମନା କରିଥିଲେ। ଜିଲ୍ଲାରେ ଅବସ୍ଥିତ ସରକାରୀ ଓ ବେସରକାରୀ କୃଷି ଓ କୃଷକ ଶସକ୍ତିକରଣ ସଂସ୍ଥାର ସହଭାଗିତାର କିପରି କୃଷକ ପରିବାରର କୃଷିରୁ ଆୟ ବୃଦ୍ଧି ହେବାସହିତ ତାଙ୍କର ଅର୍ଥନୀତି ଦୃଢ଼ ହୋଇପାରିବ ସେଥିପାଇଁ ସମସ୍ତେ କାର୍ଯ୍ୟକରିବା ଉଚିତ୍ ବୋଲି ମତପ୍ରକାଶ ପାଇଥିଲା। କୃଷି ଓ କୃଷକ ସଶକ୍ତିକରଣ ନିମନ୍ତେ କାର୍ଯ୍ୟରତ ସରକାରୀ ଓ ବେସରକାରୀ ପ୍ରତିଷ୍ଠାନ ସହଭାଗିତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଶିଖରଚଣ୍ଡୀକୁ ମିଳିଲା ପର୍ଯ୍ୟଟନ ମାନ୍ୟତା



ଭୁବନେଶ୍ୱର (ପିଏନ୍): ଭୁବନେଶ୍ୱରର ସର୍ବପୁରାତନ ପୀଠ ମା ଶିଖରଚଣ୍ଡୀ ମନ୍ଦିର ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପାଇଛି। ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା ଘୋଷଣା କରିବା ପରେ ଅଞ୍ଚଳବାସୀଙ୍କ ମନରେ ଖୁସିର ଲହରୀ ଖେଳି ଯାଇଛି। ମା'ଙ୍କ ପୀଠର ପାଦଦେଶରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫ଟି ସଚିବ ଭି କେ ପାଣ୍ଡିଆନ ଓ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତଙ୍କୁ କୃତଜ୍ଞତା ଜଣାଇବା ସହିତ ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରି ୧୦୦୧ ଦୀପ ପ୍ରଜ୍ୱଳିତ କରାଯାଇଥିଲା। ମନ୍ଦିର ପରିଚାଳନା କମିଟିର ସହଯୋଗରେ ଓ ୧ ନମ୍ବର ୱାର୍ଡ କର୍ପୋରେଟର ମିହିର କୁମାର ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ସମ୍ମାନିତ ଅତିଥି ଭାବେ ମେୟର ସୁଲୋଚନା ଦାସ, ଉତ୍ତର ନିର୍ବାଚନ ମଣ୍ଡଳୀର ସମସ୍ତ କର୍ପୋରେଟର, ମନ୍ଦିର ପରିଚାଳନା କମିଟିର ସଭାପତି କ୍ଷୀତିଶ ଚନ୍ଦ୍ର ତ୍ରିପାଠୀ, ସମସ୍ତ କର୍ମକର୍ତ୍ତା ଓ ପୂଜକ, ସ୍ଥାନୀୟ ଅଂଚଳର ଛାମୁଆ ସଙ୍ଗଠନର କର୍ମକର୍ତ୍ତା, ବରିଷ୍ଠ ମୁରବୀ ଓ ହଜାର ହଜାର ସଂଖ୍ୟାରେ ପୁରୁଷ, ମହିଳା, ଯୁବକ ଓ ଯୁବତୀ ମାନେ ଯୋଗ ଦେଇଥିଲେ।

## ହରିଚନ୍ଦନପୁର ବ୍ଲକ ଘେରିଲେ ଜୁଆଙ୍ଗ ସାହି ବସ୍ତି

ଭଗାମୁଣ୍ଡା (ପିଏନ୍): ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଜାମୁଯୋଡି ପଂଚାୟତ ଜୁଆଙ୍ଗ ସାହିରେ ଆଜକୁ ୨ ମାସ ହେଲାଣି ନଳକୂପଟି ଅଚଳ ହୋଇ ପଡିଥିବା ବେଳେ ସାହିବାସୀ ପାନୀୟଜଳ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ । ନଳକୂପ ମରାମତି ପାଇଁ ପଂଚାୟତରେ ବାରମ୍ବାର ଗୁହାରି କରିଥିଲେ ମଧ୍ଯ କୌଣସି ସୁଫଳ ମିଳିନଥିଲା । ତେଣୁ ବାଧହୋଇ ଜୁଆଙ୍ଗ ସାହିର ମହିଳାମାନେ ଗରା, ମାଠିଆ ଧରି ବ୍ଲକ ଘେରାଉ କରିଥିଲେ । ଗ୍ରାମର ସବୁ ସାହିକୁ ପାନୀୟ ଜଳ ପାଇପ୍ ଯୋଗେ ଯୋଗାଣ ହେଉଥିବା ବେଳେ ଏହି ଜୁଆଙ୍ଗ ସାହି ଏଥିରୁ ବଂଚିତ ହୋଇଥିବା ଅଭିଯୋଗ ହୋଇଥିବା ବେଳେ ବ୍ଲକ ପ୍ରଶାସନ ତୁରନ୍ତ ନଳକୂପ ମରାମତି କରିବାକୁ ପ୍ରତିଶ୍ରୁତି ଦେବାପରେ ଧାରଣାରୁ ଉଠିଥିଲେ ।


**DISPLAY CLASSIFIED**

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phagyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ସାମସଙ୍ଗ ପକ୍ଷରୁ ଗ୍ୟାଲାକ୍ସି ଏ୦୪ ଓ ଗ୍ୟାଲାକ୍ସି ଏ୦୪ଇ ଶୁଭାରମ୍ଭ

**ଭୁବନେଶ୍ୱର:** ଭାରତର ସର୍ବବୃହତ୍ ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ ବ୍ରାଣ୍ଡ ସାମ୍‌ସଙ୍ଗ ପକ୍ଷରୁ ଏହାର ନୂଆ ସ୍ମାର୍ଟଫୋନ୍ ଗ୍ୟାଲାକ୍ସି ଏ୦୪ ଓ ଗ୍ୟାଲାକ୍ସି ଏ୦୪ଇ ଶୁଭାରମ୍ଭ କରାଯାଇଛି । ଏସମ୍ପର୍କରେ ସାମ୍‌ସଙ୍ଗ ଇଣ୍ଡିଆର ମୋବାଇଲ ବିଜ୍‌ନେସ୍ ବିଭାଗର ଜେନେରାଲ ମ୍ୟାନେଜର ଅକ୍ଷୟ ଏସ୍ ରାଓ କହିଛନ୍ତି, 'ଗ୍ୟାଲାକ୍ସି ଏ୦୪ ଓ ଗ୍ୟାଲାକ୍ସି ଏ୦୪ଇ ରାମ୍ ପ୍ଲସ୍ ସହ ୮ଜିବି ମେମୋରୀ, ୧୨୮ଜିବି ପର୍ଯ୍ୟନ୍ତ ଷ୍ଟୋରେଜ୍, ୫୦୦୦ ଏମ୍‌ଏଏଚ୍ ବ୍ୟାଟେରୀ ଓ ଫେସ୍ ରେକଗ୍ନିଶନ ଭଳି ସେଗ୍‌ମେଂଟ୍-ଲିଡିଙ୍ଗ୍ ଫିଚରଗୁଡିକ ସହିତ ଏ ସିରିଜ୍‌ର ବିରାସତକୁ ଆଗକୁ ବଢାଉଛନ୍ତି । ଏହି ଚମତ୍କାର ଫିଚରଗୁଡିକ ସହିତ ନୂଆ ଗ୍ୟାଲାକ୍ସି ଏ୦୪ ଓ ଗ୍ୟାଲାକ୍ସି ଏ୦୪ଇ ସ୍ମାର୍ଟଫୋନ୍ ସୁଲଭ ମୂଲ୍ୟରେ ସୁଗମ ମଲ୍ଟିଟାସ୍କିଙ୍ଗ୍ ଚାହୁଁଥିବା ଉପଭୋକ୍ତାମାନଙ୍କୁ ଟାର୍ଗେଟ୍ କରିଛି ।'ଗ୍ୟାଲାକ୍ସି ଏ୦୪ ଓ ଗ୍ୟାଲାକ୍ସି ଏ୦୪ଇ ମିଡିଆଟେକ୍ ହେଲିଓ ପି୩୫ ପ୍ରୋସେସର ଦ୍ୱାରା ପରିଚାଳିତ ଯାହା ୨.୩ ଜିଏଚ୍‌ଜେଡ୍ ପର୍ଯ୍ୟନ୍ତ ବେଗ ହାସଲ କରିପାରେ । ଉନ୍ନତ ପ୍ରଦର୍ଶନ, ସୁଗମ ମଲ୍ଟିଟାସ୍କିଙ୍ଗ୍, ବାଧାହୀନ ଆପ୍ ନାଭିଗେଶନ ଓ ଗେମିଙ୍ଗ୍ ପାଇଁ ଗ୍ୟାଲାକ୍ସି ଏ୦୪ ଓ ଗ୍ୟାଲାକ୍ସି ଏ୦୪ଇ ରାମ୍ ପ୍ଲିସ୍ ଫିଚର ସହ ୮ଜିବି ପର୍ଯ୍ୟନ୍ତ ରାମ୍ ସହ ଆସୁଛି । ଉଭୟ ସ୍ମାର୍ଟଫୋନ୍ ଆଣ୍ଡ୍ରଏଡ୍ ୧୨ ଫୁଲ୍ ଭର୍ସନ ଆଉଟ୍ ଅଫ୍ ଦ ବକ୍ସ ସହିତ ଆସୁଛି । ଗ୍ୟାଲାକ୍ସି ଏ୦୪ ବେଷ୍ଟ-ଇନ୍-ସେଗ୍‌ମେଂଟ୍ ୫୦ଏମ୍‌ପି ଡୁଆଲ ରିୟର କ୍ୟାମେରା ସହିତ ଚମତ୍କାର ଫଟୋ କ୍ୟାପ୍‌ଚର କରିବା ସୁନିଶ୍ଚିତ କରିଥାଏ । ଗ୍ୟାଲାକ୍ସି ଏ୦୪ଇ ଆକର୍ଷଣୀୟ ଫଟୋ ଉଠାଇବା ପାଇଁ ୧୩ଏମ୍‌ପି ଡୁଆଲ ରିୟର କ୍ୟାମେରା ସେଟ୍‌ଅପ୍ ସହ ଆସୁଛି । ଉଭୟ ସ୍ମାର୍ଟଫୋନ୍ ୫ଏମ୍‌ପି ଫ୍ରଂଟ୍ କ୍ୟାମେରା ସହିତ ବ୍ୟବସ୍ଥିତ ରହିଛି । ଆକର୍ଷଣୀୟ ସେଲ୍‌ଫିଠାରୁ ଆରମ୍ଭ କରି ଚମତ୍କାର ପାନୋରମା ଓ ସ୍ଲୋ-ମୋ ପର୍ଯ୍ୟନ୍ତ, ପ୍ରତ୍ୟେକ ଅବସର ପାଇଁ ଏଥିରେ ଏକ କ୍ୟାମେରା ମୋଡ୍ ରହିଛି । ଉଭୟ ଗ୍ୟାଲାକ୍ସି ଏ୦୪ ଓ ଗ୍ୟାଲାକ୍ସି ଏ୦୪ଇରେ ବିଶାଳ ୬.୫ ଇଂଚ୍ ଏଚ୍‌ଡି+ ଇନ୍‌ଫିନିଟି-ଭି ଡିସ୍‌ପ୍ଲେ ରହିଛି । ଏକ ଗ୍ୟାଲାକ୍ସି ଏ୦୪ ଗ୍ରୀନ, କପର ଓ ବ୍ଲାକ ରଙ୍ଗରେ ୪ଜିବି+୧୨ଜିବି ଏବଂ ୪ଜିବି+୬୪ଜିବି ପାଇଁ ଯଥାକ୍ରମେ ୧୨,୯୯୯ଟଙ୍କା ଏବଂ ୧୧,୯୯୯ଟଙ୍କାରେ ଉପଲବ୍ଧ ହେବ ।




# ବ୍ରିଟାନିଆ ମ୍ୟାରି ଗୋଲ୍ଡ ମାଇଁ ଷ୍ଟାର୍ଟଅପ୍‌ର ସିଜନ୍ ୪.୦ର ଶୁଭାରମ୍ଭ




**ଭୁବନେଶ୍ୱର:** ବ୍ରିଟାନିଆ ମ୍ୟାରି ଗୋଲ୍ଡର ମାଇଁ ଷ୍ଟାର୍ଟଅପ୍ କ୍ୟାମ୍ପେନ୍ ସଫଳତାର ସହ ୩ଟି ସିଜନ୍‌ର ପରିଚାଳନା କରିବା ସହ ଭାରତୀୟ ଗୃହିଣୀମାନଙ୍କୁ ସେମାନଙ୍କର ଉଦ୍ୟୋଗୀ ଯାତ୍ରା ଆରମ୍ଭ କରିବା ପାଇଁ ପାଣ୍ଠି ଓ ଦକ୍ଷତା ବିକାଶ ପ୍ରଦାନ କରିଛି । ବର୍ତ୍ତମାନ ଏହା ସିଜନ ୪ ସହିତ ଫେରିଛି । ସିଜନ୍ ୪ର ଅନ୍ୟତମ ହାଇଲାଇଟ୍ ହେଉଛି ଯେ, ସମସ୍ତ ଅଂଶଗ୍ରହଣକାରୀମାନେ ଗୁଗଲ୍‌ର ଓ୍ୱମେନ୍‌ୱିଲ୍ ପ୍ରୋଗ୍ରାମ ପାଇଁ ପହଂଚ ହାସଲ କରିବେ । ଏହା ଏକ ବ୍ୟବସାୟିକ ସ୍ୱାକ୍ଷରତା କାର୍ଯ୍ୟକ୍ରମ ଯାହା କିଭଳି ଏକ ଆଗ୍ରହକୁ ବ୍ୟବସାୟରେ ପରିଣତ କରିବା, ଏକ ଉଦ୍ୟୋଗକୁ ପରିଚାଳନା କରିବା ଓ ଅଭିବୃଦ୍ଧି ପାଇଁ ଏହାକୁ ପ୍ରୋତ୍ସାହିତ କରିବା ସେ ସମ୍ପର୍କରେ ଶିକ୍ଷା ପ୍ରଦାନ କରିଥାଏ । ଶିକ୍ଷା ଯାତ୍ରା ଶେଷ କରିଥିବା ସମସ୍ତ ଅଂଶଗ୍ରହଣକାରୀମାନଙ୍କୁ ଏକ ସାର୍ଟିଫିକେଟ୍ ସହ ସମ୍ମାନିତ କରାଯିବ ।

ମମ୍‌ସପ୍ରେସୋ ସହିତ ଇଣ୍ଡିଆନ୍ ହୋମ୍‌ମେକର୍ସ ଏଂଟରପ୍ରେନ୍ୟୋରସିପ୍ ରିପୋର୍ଟ ୨୦୨୧ ଅନୁଯାୟୀ, ନିଜର ବ୍ୟବସାୟ ସ୍ଥାପନ କରିବାକୁ ଚାହୁଁଥିବା ୭୭% ଗୃହିଣୀ ଏହି ଯାତ୍ରାରେ ଟେକ୍ନୋଲୋଜିକୁ ଏକ ପ୍ରମୁଖ ସକ୍ଷମକାରୀ ଭାବେ ବିବେଚନା କରିଛନ୍ତି । ଏହି ପଦକ୍ଷେପ ୧୦ ଜଣ ମନୋନିତ ଗୃହିଣୀଙ୍କୁ ସେମାନଙ୍କର ଉଦ୍ୟୋଗୀ ଯାତ୍ରା ଆରମ୍ଭ କରିବା ପାଇଁ ୧୦ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରିବ । ସିଜନ ୨ରେ ଏନ୍‌ଏସ୍‌ଡିସି ସହ ଏକ ସହଭାଗିତା ଏହି କ୍ୟାମ୍ପେନ୍‌କୁ ୧୦,୦୦୦ ଗୃହିଣୀଙ୍କୁ ମୌଳିକ ଯୋଗାଯୋଗ ଦକ୍ଷତା, ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା (ଆଇସିଟି) ପାଇଁ ପହଂଚ ମାଧ୍ୟମରେ ଆର୍ଥିକ ସ୍ୱାକ୍ଷରତା ସମେତ ସାମାଜିକ ଓ ଅର୍ଥନୈତିକ ଆତ୍ମନିର୍ଭରଶୀଳତା ପାଇଁ କ୍ଷୁଦ୍ର ଉଦ୍ୟୋଗୀ ଦକ୍ଷତା ପ୍ରଦାନ କରିବାରେ ସାହାଯ୍ୟ କରିଥିଲା । ଏହାର ସିଜନ୍ ୩ରେ ବ୍ରିଟାନିଆ ମ୍ୟାରି ଗୋଲ୍ଡ ମାଇଁ ଷ୍ଟାର୍ଟ-ଅପ୍ କ୍ୟାମ୍ପେନ୍ ଗୃହିଣୀମାନଙ୍କୁ ନିଜ ବ୍ୟବସାୟ ବୃଦ୍ଧି କରିବା ପାଇଁ ଇଂଟରନେଟ୍‌ର ବ୍ୟବହାର କରିବାରେ ସାହାଯ୍ୟ କରିବା ପାଇଁ ଏହାର ଅଫରିଙ୍ଗ୍‌ଗୁଡିକୁ ବିସ୍ତାର କରିଥିଲା ।

ବ୍ରିଟାନିଆ ମ୍ୟାରି ଗୋଲ୍ଡ ମାଇଁ ଷ୍ଟାର୍ଟଅପ୍ କଂଟେଷ୍ଟ ୪.୦ର ଉନ୍ମୋଚନ ଉପରେ ମତ ରଖି ବ୍ରିଟାନିଆ ଇଣ୍ଡଷ୍ଟ୍ରୀଜ୍ ଲିମିଟେଡ୍‌ର ଚିଫ୍ ମାର୍କେଟିଙ୍ଗ ଅଫିସର ଅମିତ୍ ଦୋସି କହିଛନ୍ତି, 'ବ୍ରିଟାନିଆ ମ୍ୟାରି ଗୋଲ୍ଡର ଅନେକ ଦଶନ୍ଧି ହେବ ଭାରତୀୟ ଗୃହିଣୀମାନଙ୍କ ସହ ଏକ ଅନ୍ତରଙ୍ଗ ସଂଯୋଗ ରହିଆସିଛି । ଆମେ ମ୍ୟାରି ଗୋଲ୍ଡ ମାଇଁ ଷ୍ଟାର୍ଟଅପ୍ ଅଭିଯାନର ୩ଟି ସଫଳ ସିଜନକୁ ପରିଚାଳନା କରି ଗର୍ବିତ, ଏଥିପାଇଁ ଆମେ ଅଣ-ମେଟ୍ରୋ ଅଂଚଳରୁ ପ୍ରାୟ ୬୦% ସହିତ ସର୍ବଭାରତୀୟ ସ୍ତରରୁ ମହିଳା ଆଶାୟୀଙ୍କଠାରୁ ପ୍ରାୟ ୪ ମିଲିୟନ ଆବେଦନ ହାସଲ କରିଥିଲୁ । ଚଳିତ ବର୍ଷ ଆମେ ଗୁଗଲ୍ ସହ ସହଭାଗିତା କରି ଖୁବ୍ ଆନନ୍ଦିତ ଏବଂ ଆମେ ନିଶ୍ଚିତ ଯେ, ନିରନ୍ତର ମାର୍ଗଦର୍ଶନ ଓ ଆମଠାରୁ ସହଯୋଗ ସହିତ ସେମାନଙ୍କର ବିଶେଷଜ୍ଞତା ଲକ୍ଷ ଲକ୍ଷ ଆଶାୟୀ ମହିଳା ଉଦ୍ୟୋଗୀମାନଙ୍କୁ ନିଜର ଉଦ୍ୟୋଗ ଯାତ୍ରାକୁ ଗଣତାନ୍ତ୍ରିକ ଓ ସ୍ଥାୟୀ କରିବାରେ ସହଯୋଗ କରିବ ।'

# ଅବକାରୀ ବିଭାଗକୁ ରାଷ୍ଟ୍ରପତିଙ୍କ ସମ୍ମାନଜନକ ଡିଜିଟାଲ୍ ଇଣ୍ଡିଆ ସ୍ୱର୍ଣ୍ଣ ପୁରସ୍କାର ପ୍ରଦାନ

**ଭୁବନେଶ୍ୱର, (ପିଏନ)**-ନୂଆଦିଲ୍ଲୀ ସ୍ଥିତ ବିଜ୍ଞାନ ଭବନ ଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ସମାରୋହରେ ଆଜି ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦି ମୁର୍ମୁ ନୂଆ ଦିଲ୍ଲୀ ଠାରେ ଅବକାରୀ ବିଭାଗକୁ ଇ-ଅବକାରୀ ପାଇଁ ସମ୍ମାନଜନକ "ଡିଜିଟାଲ୍ ଇଣ୍ଡିଆ ସ୍ୱର୍ଣ୍ଣ ପୁରସ୍କାର" ପ୍ରଦାନ କରିଛନ୍ତି । ଏହି ପୁରସ୍କାରକୁ ଓଡିଶା ସରକାରଙ୍କ ତରଫରୁ ଅବକାରୀ ବିଭାଗର ପୁର୍ବତନ ପ୍ରମୂଖ ଶାସନ ସଚିବ ସୁଶିଲ କୁମାର ଲୋହାନି ଅବକାରୀ ଆୟୁକ୍ତ ଆଶୀଷ କୁମାର ସିଂହ, ଅତିରିକ୍ତ ଅବକାରୀ ଆୟୁକ୍ତ ରାମ ଚନ୍ଦ୍ର ପାଲଟା, ଅବକାରୀ ବିଭାଗର ଅତିରିକ୍ତ ସଚିବ ସାଇଦତ୍ତ ବିପ୍ଳବ କେଶରୀ ପ୍ରଧାନ ଓ ରାଷ୍ଟ୍ରୀୟ ସୂଚନା ଓ ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଷୟିକ ନିର୍ଦ୍ଦେଶକ ନୀହାର ରଞ୍ଜନ ବିଶ୍ୱାଳ ଗ୍ରହଣ କରିଛନ୍ତି ।ପ୍ରକାଶ ଥାଉକି ଯେ, ଓଡିଶା ସରକାରଙ୍କ ଅବକାରୀ ବିଭାଗ ୨୦୧୯-୨୦ ରୁ ରାଷ୍ଟ୍ରୀୟ ସୂଚନା ଓ ବିଜ୍ଞାନ କେନ୍ଦ୍ର ର ସହାୟତାରେ ୩୦ ରୁ ଅଧିକ ଅନଲାଇନ୍ ପରିମାପକ ର କାର୍ଯ୍ୟକାରୀ କରାଇ ସ୍ୱଚ୍ଛ, ଅବାଧ, ସ୍ୱଳ୍ପ ସମୟ, ନିରବିଚ୍ଛିନ୍ନ ଏବଂ ସମୟାନୁବର୍ତ୍ତୀ ସେବା ଦେଇ ଆସୁଛି । ଏହା ଅବକାରୀ ଅପରାଧର ସଠିକ୍ ନିରୀକ୍ଷଣ ଏବଂ ଏହାର କାର୍ଯ୍ୟକାରିତାକୁ ମଜବୁତ କରିବା, ଅବୈଧ ତଥା ନକଲି ମଦକୁ ରୋକିବା, ବିଭିନ୍ନ ସ୍ତରରେ ସମୟାନୁବର୍ତ୍ତୀ ସେବା ପ୍ରଦାନ କରିବା, ମଦର ଉତ୍ପାଦନ ଏବଂ ଉତ୍ପାଦନ ନିୟନ୍ତ୍ରଣ ସହିତ ଉପଯୁକ୍ତ ଯୋଗାଣ ଓ ପରିଚାଳନା ଏବଂ ସର୍ବୋପରି ବିଭାଗରେ ସାମୂହିକ ସେବାରେ ସହାୟତା ପ୍ରଦାନ କରି ଆସୁଅଛି ।

ପ୍ରକାଶ ଥାଉ କି ଯେ ଗତ ବର୍ଷ ଡିସେମ୍ବର ସୁଧା ୨୯୦୩୮ ଗୋଟି ମକୋଦ୍ଦମା ରୁଜୁ କରାଯାଇଥିବା ବେଳେ ଚଳିତ ବର୍ଷ ୪୫୫୪୧ ଗୋଟି ମକୋଦ୍ଦମା ରୁଜୁ କରାଯାଇ ଅଛି, ଯାହା କି ୫୬% ଅଧିକ । ଗତ ବର୍ଷ ଡିସେମ୍ବର ସୁଧା ଏନ୍.ଡି.ପି.ଏସ୍. ଆଇନ୍ ରେ ୧୩୧୦ ଗୋଟି ମକୋଦ୍ଦମା ରୁଜୁ କରାଯାଇଥିବା ବେଳେ ଚଳିତ ବର୍ଷ ୫୭୫ ଗୋଟି ମକୋଦ୍ଦମା ରୁଜୁ କରାଯାଇ ଅଛି, ଯାହା କି ୧୨୭% ଅଧିକ । ଚଳିତ ବର୍ଷ ଅବକାରୀ ରାଜସ୍ୱ ୬୧୯୭.୫୪ କୋଟି ସଂଗ୍ରହ ହୋଇଥିବା ବେଳେ ଗତ ବର୍ଷ ୫୦୨୩.୯୨ କୋଟି ହୋଇଥିଲା ଯାହା କି ୨୩.୩୬% ଅଧିକ ।

# ପ୍ରଧାନମନ୍ତ୍ରୀ ଗରୀବ କଲ୍ୟାଣ ଅନ୍ନ ଯୋଜନା ପୁନଃ କାର୍ଯ୍ୟକାରୀ କରାଯାଉ: କଂଗ୍ରେସ

**ଭୁବନେଶ୍ୱର,(ପିଏନ)-** କେନ୍ଦ୍ର ମୋଦି ସରକାର ଗତ ଡ଼ିସେମ୍ବର ୨୩ ତାରିଖରେ ପ୍ରଧାନମନ୍ତ୍ରୀ ଗରୀବ କଲ୍ୟାଣ ଅନ୍ନ ଯୋଜନା ଚଳିତ ଜାନୁୟାରୀ ମାସ ଠାରୁ ବନ୍ଦ କରିବାକୁ ନେଇଥିବା ନିଷ୍ପି ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଏହି ଯୋଜନାରେ ସମଗ୍ର ଭାରତବର୍ଷରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ବଳରେ ୮୧ କୋଟି ୩୫ ଲକ୍ଷ ଗରିବ, ବେରୋଜଗାର ଲୋକ ମାସିକ ମୁଣ୍ଡପିଛା ୫ କେଜି କରି ଅଧିକ ଚାଉଳ ବା ଖାଦ୍ୟଶସ୍ୟ ମାଗଣାରେ ପାଉଥିଲେ । ମୋଦୀ ସରକାରଙ୍କ ପ୍ରଧାନମନ୍ତ୍ରୀ ଗରୀବ କଲ୍ୟାଣ ଅନ୍ନ ଯୋଜନା ଯୋଜନା ବନ୍ଦ କରିବା ଫଳରେ ହିତାଧିକାରୀମାନେ ଜାନୁୟାରୀ ଠାରୁ ମାସକୁ ୧୦କେଜି ପରିବର୍ ୫କେଜି ଚାଉଳ ପାଇବେ, ୫ଜଣ ସଦସ୍ୟ ବିଶିଷ୍ଟ ଗୋଟିଏ ପରିବାରକୁ ଅତିରିକ୍ତ ୭୫୦ଟଙ୍କା (୨୫ଘ୩୦)ର ଆର୍ଥିକ ବୋଝ ମୁଣ୍ଡାଇବାକୁ ପଡିବ । ଜାନୁୟାରୀ ୨୩ରୁ ଡିସେମ୍ବର ୨୩ମଧ୍ୟରେ ୯,୦୦୦ଟଙ୍କାର ଅର୍ଥ ପିଡା ଭୋଗିବେ । କେନ୍ଦ୍ର ସରକାରଙ୍କ ଏହି ନିଷ୍ପି ୮୧ କୋଟି ୩୫ ଲକ୍ଷ ଲୋକଙ୍କ ପାଇଁ ଏକ ଉପହାସ । ପ୍ରତେକ ରେସନକାର୍ଡ ଧାରୀ ଗୋଟିଏ ପକ୍ଷରେ ମାଗଣା ଚାଉଳ ଯୋଜନାରେ ୨୫ଟଙ୍କା ଲାଭ ପାଉଥିବା ସ୍ଥଳେ ୨୫ କେଜି ଚାଉଳ କିଣି ମାସିକ ୭୫୦ ଟଙ୍କା କ୍ଷତି ସହିବେ । ଖାଦ୍ୟ ନିରାପ । ଯୋଜନା ଲକ୍ଷ ଏହାଦ୍ୱାରା ବିଳମ୍ବିତ ହେବ । ଏଠାରେ ଉଲ୍ଲେଖି କରାଯାଇପାରେ କି ଆର୍ନ୍ତଜାତିକ ଖ୍ୟାତି ସମ୍ପନ୍ନ ସଂସ୍ଥା ହଙ୍ଗରୱାଚ୍ ଆକଳନ ଅନୁସାରେ ଭାରତବର୍ଷରେ ୮୦ଭାଗରୁ ଉର୍ଦ୍ଧ ଲୋକ କୌଣସି ନା କୌଣସି କ୍ଷେତ୍ରରେ ଖାଦ୍ୟ ସୁରକ୍ଷାରୁ ବ୍ ତ ହେଉଛନ୍ତି । ବିଶ୍ୱ କ୍ଷୁଧା ସୂଚକାଙ୍କ, ୨୦୨୨ ଅନୁସାରେ ବିଶ୍ୱର ୧୨୧ଟି ରଷ୍ଟ୍ର ମଧ୍ୟରେ ଭାରତର ସ୍ଥାନ ୧୦୭, ସୁତରାଂ ଦେଶରେ କ୍ଷୁଧା ଅଛି ଓ ଦେଶବାସୀ କ୍ଷୁଧା କଷ୍ଟ ଭୋଗୁଛନ୍ତି । ଏହା ସ୍ୱଷ୍ଟ ପ୍ରତିପାଦିତ ହେଉଛି । ଏହି ଯୋଜନାରେ ପ୍ରତ୍ୟେକ ଗରିବ ପରିବାର ବାର୍ଷିକ ୯ ହଜାର ଟଙ୍କା ଆର୍ଥିକ କଷ୍ଟ ଭୋଗିବା ସ୍ଥଳେ କେନ୍ଦ୍ର ସରକାର ୧ ଲକ୍ଷ କୋଟି ଟଙ୍କାରୁ ଉର୍ଦ୍ଧ ସ ତ କରିବେ । ବାସ୍ତବରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀ ନୁହନ୍ତି ବରଂ କେନ୍ଦ୍ର ସରକାର ଲାଭବାନ ହେବେ । ନୂଆ ବର୍ଷରେ ଗରିବମାନଙ୍କର ମାସିକ ଚାଉଳ କାଟି କେନ୍ଦ୍ରସରକାର ଗରିବ ବିରୋଧି ଚରିତ୍ରର ପ୍ରମାଣ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ମୋଦୀ ୮୧କୋଟି୩୫ଲକ୍ଷ ଗରିବ ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ତୁରନ୍ତ ଗରିବ କଲ୍ୟାଣ ଯୋଜନା ଲାଗୁ କରିବାକୁ କଂଗ୍ରେସ ଦାବି କରୁଛି, ରାଜ୍ୟ ସରକାର କେବଳ କେନ୍ଦ୍ରକୁ ଦୋଷ ଦେଇ ହାତ ଟେକିଦେବା ଦଃଖଦାୟକ । ରାଜ୍ୟ ଖାଦ୍ୟ ନିରାପତା ଯୋଜନାରେ ମତ୍ର ୮କୋଟି ୯ଲକ୍ଷ ଲୋକଙ୍କୁ ମାସକୁ ମୁଣ୍ଡପିଛା ୫କେଜି କରି ମାଗଣା ଚାଉଳ ଯୋଗାଇଦେବାର ଯୋଜନା ଯଥେଷ୍ଟ ନୁହେଁ । ରାଜ୍ୟର ଖାଦ୍ୟ ନିରାପତା ଯୋଜନାରେ ଅର୍ନ୍ତଭୁକ୍ତ ୩କୋଟି ୨୫ ଲକ୍ଷ ଗରିବ ଲୋକମାନଙ୍କ ପାଇଁ ସ୍ୱତନ୍ତ୍ର ଚାଉଳ ଯୋଗାଣ ଯୋଜନା ଘୋଷଣା କରନ୍ତୁ ବୋଲି ପିସିସି ମିଡିଆ ତଥା ଗଣ ମାଧ୍ୟମ ଅଧ୍ୟକ୍ଷ ଗଣେଶ୍ୱର ବେହେରା ଏକ ପ୍ରେସ ରିଲିଜରେ କହିଛନ୍ତି ।

# ଅନୁପସ୍ଥିତ ଥିବା ୯୬ ଶିକ୍ଷକଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,(ପିଏନ)-ଦୀର୍ଘଦିନ ଧରି ବିଦ୍ୟାଳୟରେ ଅନୁପସ୍ଥିତ ରହୁଥିବା ଶିକ୍ଷକମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀରରଞ୍ଜନ ଦାଶ କହିଛନ୍ତି । ଯେଉଁ ଶିକ୍ଷକମାନେ ଦୀର୍ଘ ଦିନ ଧରି ଅନୁପସ୍ଥିତ ରହୁଛନ୍ତି ଓ ନୋଟିସର ଜବାବ ରଖୁନାହାନ୍ତି, ସେମାନଙ୍କ ବିରୋଧରେ ନୀତିଗତ କାର୍ଯ୍ୟାନୁଷ୍ଠାନ ନେଇ ନିଷ୍ପତି ହୋଇଛି । ସେହିପରି ଏ ଯାଏଁ ୯୬ ଜଣ ଶିକ୍ଷକଙ୍କ ତାଲିକା ପ୍ରସ୍ତୁତ ହୋଇଛି । ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ସେ କହିଛନ୍ତି, ସାରା ରାଜ୍ୟରେ ପାଖାପାଖି ୯୬ ଶିକ୍ଷକ ଦୀର୍ଘ ଦିନ ହେଲା ସ୍କୁଲରେ ଅନୁପସ୍ଥିତ ରହିଛନ୍ତି । ୨ ଥର ନୋଟିସ ଦିଆଯିବା ପରେ ବି ସେମାନେ କାର୍ଯ୍ୟରେ ଯୋଗ ଦେଉ ନାହାନ୍ତି । ଜିଲ୍ଲାପାଳଙ୍କ ଦ୍ୱାରା ଯେଉଁମାନେ ଶିକ୍ଷା ସହାୟକ ଭାବେ ନିଯୁକ୍ତି ପାଇଛନ୍ତି, ଚୁକ୍ତି ସରିଯିବା ପରେ ପୁନଃ ଚୁକ୍ତି କରିବାକୁ ସେମାନେ ଆସୁ ନାହାନ୍ତି । ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି ।

# ରୁଙ୍ଗଟା ଷ୍ଟିଲ୍ ଓୟାର ରଡ୍‌ର ନୂଆ ଟିଭିସି ଉନ୍ମୋଚିତ




**ଭୁବନେଶ୍ୱର:** ବଲିଉଡ୍‌ର ତାରକା ଦମ୍ପତି ଆଲିଆ ଭଟ୍ଟ ଓ ରଣବୀର କପୁରଙ୍କୁ ନେଇ ରୁଙ୍ଗଟା ମାଇନ୍‌ସ ଲିମିଟେଡ୍ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ନୂଆ ଟିଭି ବିଜ୍ଞାପନକୁ ଉନ୍ମୋଚନ କରାଯାଇଛି । ସମସ୍ତ ଅଂଶୀଦାରମାନଙ୍କ ଲାଗି ମୂଲ୍ୟ ସୃଷ୍ଟି କରିବାର ପ୍ରତିବଦ୍ଧତା ଏବଂ ଏକ୍‌ଦମ୍ ସଲିଡ୍ ଅଭିଯାନ ସହ ବର୍ଦ୍ଧିତ ଉତ୍ପାଦ ବର୍ଗମାଳା ଜରିଆରେ ଗ୍ରାହକମାନଙ୍କୁ ସେବା ପ୍ରଦାନ କରିବାର ବାର୍ତ୍ତାକୁ ଏହି ନୂଆ ଟିଭିସି ଜରିଆରେ ରୁଙ୍ଗଟା ଷ୍ଟିଲ୍ ପ୍ରଚାର କରୁଛି ।

ଏହି ଟିଭିସି ଅଭିଯାନରେ ଆଲିଆ ଭଟ୍ଟ ଓ ରଣବୀର କପୁରଙ୍କୁ ଆମୋଦଦାୟକ ବାର୍ତ୍ତାଳାପକୁ ଉପଭୋଗ କରୁଥିବା ଦେଖିବାକୁ ମିଳୁଛି ଯେଉଁଥିରେ ସମ୍ପର୍କ ଓ ଘରର ଦୃଢ଼ ମୁଳଦୁଆରେ କୌଣସି ପ୍ରକାର ସାଲିସ ନକରିବାର ପ୍ରତିଶ୍ରୁତି ରହିଛି ଯାହା ରଙ୍ଗୁଟା ଷ୍ଟିଲ୍‌ର ଓୟାର ରଡ୍‌ର ବାର୍ତ୍ତା "ଏକ୍‌ଦମ୍ ସଲିଡ୍' ସହ ବେଶ ଖାପଖାଉଛି ।

ଭାରତର ଅଭିବୃଦ୍ଧି କାହାଣୀକୁ ତ୍ୱରାନ୍ୱିତ କରିବାରେ ଦଶନ୍ଧି ଧରି ପ୍ରତିବଦ୍ଧତାକୁ ଜାରି ରଖି ରୁଙ୍ଗଟା ଷ୍ଟିଲ୍‌ର ଓୟାର ରଡ୍ ଅତ୍ୟାଧୁନିକ ଉପକରଣ ଏବଂ କଠୋର ମାନୁଫାକ୍‌ଚରିଂ ପ୍ରକ୍ରିୟା ଦେଇ ଗତି କରୁଛି ଯାହା ଏହି ଓୟାର ରଡ୍‌ଗୁଡ଼ିକର ଉଚ୍ଚ ମାନକୁ ନିଶ୍ଚିତ କରୁଛି ।

ଏହି ଟିଭିସି ଅଭିଯାନ ସମ୍ପର୍କରେ ରୁଙ୍ଗଟା ମାଇନ୍‌ସ ଲିମିଟେଡ୍‌ର ପ୍ରବକ୍ତା କହିଛନ୍ତି ଯେ, "ବିବିଧ ଉତ୍ପାଦ ବର୍ଗମାଳା ପ୍ରଦାନ କରିବା ଲାଗି ରୁଙ୍ଗଟା ଷ୍ଟିଲ୍ ବିପୁଳ ନିବେଶ କରିଛି । ଆମର ନୂଆ ଓୟାର ରଡ୍ ବର୍ଗ ଗ୍ରାହକମାନଙ୍କୁ ସେହି ଉତ୍ପାଦକୁ ବିଭିନ୍ନ ପ୍ରକାର କାମରେ ବିଶ୍ୱାସର ସହ ବ୍ୟବହାର କରିବାରେ ସକ୍ଷମ କରିବ । ରୁଙ୍ଗଟା ଓୟାର ରଡ୍‌ର ଉଜ୍ଜ୍ୱଳ ଆଧାର ରହିଛି ଯାହା କଏଲ୍ ବଣ୍ଡଲ୍ ପ୍ୟାକେଜିଂରେ ଆସୁଛି ।''ରୁଙ୍ଗଟା ଓୟାର ରଡ୍ ସର୍ବଭାରତୀୟ ସ୍ତରରେ ଉପଲବ୍ଧ ହେଉଛି ଏବଂ ଏଚ୍‌ବି ଓୟାର ଶିଳ୍ପ, କେବୁଲ ଶିଳ୍ପ, ଇଲେକ୍ଟ୍ରୋଡ୍ ନିର୍ମାତା ଏବଂ ସ୍ୱତନ୍ତ୍ର ଗ୍ରେଡ୍‌ର ବ୍ୟବହାରକାରୀଙ୍କୁ ଲକ୍ଷ୍ୟରେ ରଖି ତାହାକୁ ପ୍ରଦାନ କରାଯାଉଛି । ଫାଷ୍ଟେନର ଶିଳ୍ପ, ଓୟାର ଡ୍ରଇଙ୍ଗ, ଟ୍ରାନ୍ସମିସନ ଓୟାର, ବାଇଣ୍ଡିଂ ଓୟାର ଓ ବାର୍ବେଡ୍ ଓୟାର ଆଦିରେ ବିବିଧ ବ୍ୟବହାର ପାଇଁ ଏହି ଓୟାର ରଡ୍‌ଗୁଡ଼ିକୁ ପ୍ରସ୍ତୁତ କରାଯାଇଛି ।



# ଖେଳ

ପର୍ଯ୍ୟବେକ୍ଷକ
PARYABEKHYAK







Bhubaneswar Tuesday January 10, 2023 ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୧୦,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com




## ଭୁବନେଶ୍ୱରରେ ସ୍ପେନ୍ ଟିମ୍

**ଭୁବନେଶ୍ୱର :** ଭୁବନେଶ୍ୱରରେ ପହଞ୍ଚିଲା ସ୍ପେନ୍ ଟିମ୍ । ହକି ବିଶ୍ୱକପ୍ ୨୦୨୩ ପାଇଁ ସ୍ପେନ୍ ଟିମ୍ ଓଡିଶାରେ ପହଞ୍ଚିଛି । ବିମାନବନ୍ଦରରେ ସ୍ପେନ୍ ଟିମ୍‌କୁ ଜୋରଦାର ସ୍ୱାଗତ କରାଯାଇଛି ।

ଖବର ଅନୁଯାୟୀ, ରବିବାର ସକାଳ ସମୟରେ ଭୁବନେଶ୍ୱର ବିଜୁପଟ୍ଟନାୟକ ବିମାନବନ୍ଦରରେ ଖେଳାଳିଙ୍କ ସହ କୋଚ୍ ଓ ଅଫିସିଆଲ ସଦସ୍ୟ ମଧ୍ୟ ପହଞ୍ଚିଛନ୍ତି । ଚଳିତ ହକି ମହାକୁମ୍ଭରେ ସ୍ପେନ ତାର ପ୍ରଥମ ମ୍ୟାଚ୍ ଘରୋଇ ଟିମ ଭାରତ ବିପକ୍ଷରେ ଖେଳିବ । ଏଥିପାଇଁ ଦଳ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା କହିଛନ୍ତି ସ୍ପେନ ଅଧିନାୟକ । ସେହିପରି ପୂର୍ବରୁ ଚିଲି ଓ ନେଦରଲ୍ୟାଣ୍ଡ ଟିମ୍ ଓଡିଶାରେ ପହଞ୍ଚିସାରିଛନ୍ତି । ଉଭୟ ଦଳ ଏବେ ଜୋରାଦାର ଅଭ୍ୟାସ ଜାରି ରଖିଛନ୍ତି । ଆସନ୍ତା ୧୩ ତାରିଖରୁ ଭୁବନେଶ୍ୱର ଓ ରାଉରକେଲାରେ ଆରମ୍ଭ ହେବ ପୁରୁଷ ହକି ବିଶ୍ୱକପ୍। ଯାହା ଜାନୁଆରୀ ୨୯ ପର୍ଯ୍ୟନ୍ତ ଚାଲିବ । ତେବେ ହକି ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି ।



ଦ.ଆଫ୍ରିକାକୁ ୨-୦ରେ ସିରିଜ ହରାଇବା ପରେ ଟ୍ରଫି ସହ ଅଷ୍ଟ୍ରେଲିଆ ଦଳର ଖେଳାଳିମାନେ

# ଶ୍ରୀଲଙ୍କା ବିପକ୍ଷ ସିରିଜ୍‌ରୁ ଆଉଟ୍

**ନୂଆଦିଲ୍ଲୀ:** ଅନ୍ତର୍ଜାତୀୟ କ୍ରିକେଟକୁ ଯଶପ୍ରୀତ ବୁମ୍ରାଙ୍କ କମବ୍ୟାକ ଆହୁରି ବିଳମ୍ବ ହେବ। ପିଠି ଯନ୍ତ୍ରଣା ଯୋଗୁ ୨୦୨୨ ସେପ୍ଟେମ୍ବର ମାସରୁ କ୍ରିକେଟରୁ ଦୂରେଇ ଥିବା ବୁମ୍ରା ଶ୍ରୀଲଙ୍କା ବିପକ୍ଷ ଦିନିକିଆରେ ପ୍ରତ୍ୟାବର୍ତ୍ତନ କରିଥାଆନ୍ତେ। ତେବେ ଦିନିକିଆ ସିରିଜ୍‌ର ଗୋଟିଏ ଦିନ ଆଗରୁ ସେ ମ୍ୟାଚ୍ ଖେଳିବାକୁ ସଂପୂର୍ଣ୍ଣ ଫିଟ ହୋଇ ନଥିବା ଜଣାପଡିଛି। ଏଥିପାଇଁ ତାଙ୍କୁ ଶ୍ରୀଲଙ୍କା ବିପକ୍ଷ ଦିନିକିଆ ସିରିଜ୍‌କୁ ବାଦ ଦିଆଯାଇଛି। ବିସିସିଆଇ ଜାନୁଆରୀ ୩ରେ ବୁମ୍ରାଙ୍କୁ ଶ୍ରୀଲଙ୍କା ବିପକ୍ଷ ଦିନିକିଆ ସ୍କ୍ୱାଡରେ ସାମିଲ କରିଥିଲା। ହେଲେ ଆଜି ତାଙ୍କୁ ସ୍କ୍ୱାଡରୁ ବାଦ ଦିଆଯାଇଛି।



ସେପ୍ଟେମ୍ବର ମାସରେ ଆହତ ହୋଇଥିବା ବୁମ୍ରା ବେଙ୍ଗାଲୁରୁ ସ୍ଥିତ ନ୍ୟାଶନାଲ କ୍ରିକେଟ ଏକାଡେମୀରେ ରିହ୍ୟାବ କରିଥିଲେ। ସେଠାରେ ସେ ଫିଟ ହେବାରୁ ତାଙ୍କୁ ଶ୍ରୀଲଙ୍କା ବିପକ୍ଷ ଦିନିକିଆ ସିରିଜ୍‌ରେ ସାମିଲ କରାଯାଇଥିଲା। ତେବେ ମ୍ୟାଚ୍ ଖେଳିବା ପାଇଁ ଆବଶ୍ୟକ ଫିଟନେଶ ବୁମ୍ରାଙ୍କ ପାଖରେ ନାହିଁ। ବୁମ୍ରା ବ୍ୟାକ ଇଞ୍ଜୁରୀରୁ ଏଯାଏ ସଂପୂର୍ଣ୍ଣ ଭାବେ ମୁକୁଳି ନାହାନ୍ତି। ମ୍ୟାଚ୍ ପାଇଁ ଫିଟ ହେବାକୁ ତାଙ୍କୁ ଆଉ କିଛି ଦିନ ଲାଗିବ। ଆଗକୁ ଅଷ୍ଟ୍ରେଲିଆ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ଟେଷ୍ଟ ସିରିଜ ରହିଛି। ତେଣୁ ବୁମ୍ରାଙ୍କୁ ସେହି ସମୟରେ ଟିମକୁ କମବ୍ୟାକ କରିବେ ବୋଲି ଆଶା କରାଯାଉଛି।

ସୂଚନାଯୋଗ୍ୟ, ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ୩ଟି ଦିନିକିଆ ମ୍ୟାଚ୍ ଖେଳାଯିବ। ଜାନୁଆରୀ ୧୦, ୧୨ ଓ ୧୫ରେ ଏହି ମ୍ୟାଚ୍‌ଗୁଡିକ ଅନୁଷ୍ଠିତ ହେବ। ବୁମ୍ରାଙ୍କ ଅନୁପସ୍ଥିତିରେ ମହମ୍ମଦ ଶାମି, ମହମ୍ମଦ ସିରାଜ, ଅର୍ଶଦୀପ ସିଂହ ଓ ଉମ୍ରାନ ମଲିକ ଦଳର ପେସ୍ ମଙ୍ଗ ସମ୍ଭାଳିବେ। ସେହିପରି ହାର୍ଦ୍ଦିକ ପାଣ୍ଡ୍ୟା ଅତିରିକ୍ତ ଦ୍ରୁତ ବୋଲର ଭାବେ ଦଳରେ ରହିଛନ୍ତି।

**ଭାରତୀୟ ସ୍କ୍ୱାଡ:** ରୋହିତ ଶର୍ମା(ଅଧିନାୟକ), ଶୁବମନ ଗିଲ, ବିରାଟ କୋହଲି, ସୂର୍ଯ୍ୟ କୁମାର ଯାଦବ, ଶ୍ରେୟସ ଆୟର, କେଏଲ ରାହୁଲ(ୱିକେଟ କିପର), ଈଶାନ କିଶନ(ୱିକେଟ କିପର), ହାର୍ଦ୍ଦିକ ପାଣ୍ଡ୍ୟା (ଉପ ଅଧିନାୟକ), ୱାଶିଂଟନ ସୁନ୍ଦର, ଯୁଜି ଚହଲ, କୁଲଦୀପ ଯାଦବ, ଅକ୍ଷର ପଟେଲ, ମହମ୍ମଦ ଶାମି, ମହମ୍ମଦ ସିରାଜ, ଉମ୍ରାନ ମଲିକ ଓ ଅର୍ଶଦୀପ ସିଂହ।

# ଅନ୍ତର୍ଜାତୀୟ କ୍ରିକେଟକୁ ଅଲବିଦା କହିଲେ ପ୍ରେଟୋରିୟସ

**ଜୋହାନ୍ସବର୍ଗ:** ସମସ୍ତଙ୍କୁ ଚକିତ କରି ହଠାତ୍ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି ଦକ୍ଷିଣ ଆଫ୍ରିକାର ଷ୍ଟାର ଅଲରାଉଣ୍ଡର ଡ୍ୱେନ ପ୍ରେଟୋରିୟସ। ସେ ୨୦୧୬ରେ ଦକ୍ଷିଣ ଆଫ୍ରିକା ପାଇଁ ଡେବ୍ୟୁ କରିଥିବା ବେଳେ ଏବେ ତାଙ୍କୁ ମାତ୍ର ୩୩ ବର୍ଷ। ତଥାପି ସେ ଅନ୍ତର୍ଜାତୀୟ କ୍ରିକେଟକୁ ଅଲବିଦା କହିଥିବାରୁ ସମସ୍ତେ ଆଶ୍ଚର୍ଯ୍ୟ ହୋଇଛନ୍ତି। ଅନ୍ତର୍ଜାତୀୟ କ୍ରିକେଟକୁ ପ୍ରେଟୋରିୟସ ଅଲବିଦା କହିଥିଲେ ହେଁ ବିଶ୍ୱର ବିଭିନ୍ନ ସ୍ଥାନରେ ଖେଳାଯାଉଥିବା ଟି-୨୦ ଲିଗ୍‌ରେ ସେ ନଜର ଆସିବେ।





ଦକ୍ଷିଣ ଆଫ୍ରିକା ପାଇଁ ପ୍ରେଟୋରିୟସ ୩ଟି ଯାକ ଫର୍ମାଟରେ ଖେଳିଛନ୍ତି। ସେ ଦେଶ ପାଇଁ ୩୦ ଟି-୨୦, ୨୭ ଦିନିକିଆ ଓ ୩ଟି ଟେଷ୍ଟ ମ୍ୟାଚ୍‌ରେ ନଜର ଆସିଥିଲେ। ସେ ୨ଟି ବିଶ୍ୱକପ ମଧ୍ୟ ଖେଳିଛନ୍ତି। ୩ଟି ଯାକ ଫର୍ମାଟରେ ସେ ମୋଟ ୭୭ଟି ୱିକେଟ ନେଇଛନ୍ତି। ଦକ୍ଷିଣ ଆଫ୍ରିକା ପାଇଁ ଟି-୨୦ରେ ଶ୍ରେଷ୍ଠ ପ୍ରଦର୍ଶନର ରେକର୍ଡ ପ୍ରେଟୋରିୟସଙ୍କ ନାଁରେ ରହିଛି। ସେ ପାକିସ୍ତାନ ବିପକ୍ଷ ଗୋଟିଏ ଟି-୨୦ରେ ୧୭ ରନ ଦେଇ ୫ ୱିକେଟ ଦଖଲ କରିଥିଲେ। ଟି-୨୦ରେ ତାଙ୍କ ଷ୍ଟ୍ରାଇକ ରେଟ ୧୬୪ ରହିଥିଲା। କ୍ରିକେଟ ଦକ୍ଷିଣ ଆଫ୍ରିକାର ଅଫିସିଆଲ ୱେବସାଇଟ୍‌ରେ ଥିବା ବିବୃତିରେ ପ୍ରେଟୋରିୟସ କହିଛନ୍ତି, ଅନ୍ତର୍ଜାତୀୟ କ୍ୟାରିୟରକୁ ଶେଷ କରିବା ନିଷ୍ପତ୍ତି ଆଦୌ ସହଜ ନଥିଲା। କିନ୍ତୁ ସବୁ କିଛି ଭାବିବା ପରେ ଅବସର ନିଷ୍ପତ୍ତି ନେଉଛି। ଏଣିକି ଟି-୨୦ ଓ ଅନ୍ୟ ଛୋଟ ଫର୍ମାଟ ଉପରେ ସେ ଅଧିକ ଫୋକସ କରିବେ ବୋଲି କହିଛନ୍ତି। ଏଥିସହ ୩୩ ବର୍ଷୀୟ ପ୍ରେଟୋରିୟସ ନିଜର କୋଚ୍, ସାଥୀ ଖେଳାଳି ଓ ପରିବାର ଲୋକଙ୍କୁ ସମର୍ଥନ ପାଇଁ ଧନ୍ୟବାଦ ଜଣାଇଛନ୍ତି। ସ୍ୱତନ୍ତ୍ର ଭାବେ ସେ ଦକ୍ଷିଣ ଆଫ୍ରିକାର ପୂର୍ବତନ ଅଧିନାୟକ ଫାଫ ଡୁପ୍ଲେସିସଙ୍କୁ କୃତଜ୍ଞତା ଜଣାଇଛନ୍ତି। କାରଣ ଡୁପ୍ଲେସିସଙ୍କ କ୍ୟାପ୍ଟେନ୍ସିରେ ସେ ଦକ୍ଷିଣ ଆଫ୍ରିକା ପାଇଁ ଡେବ୍ୟୁ କରିଥିଲେ।

# ଝାଲପଡା ଗାଁ ଦୁଆର ମୁହଁ ମୁଖ୍ୟ ରାସ୍ତା ଅବସ୍ଥା ଶୋଚନୀୟ

**ଧର୍ମଶାଳା, (ପିଏନ)-** ଦିନକୁ ଦିନ ଗାଁର ଦୁଆର ମୁହଁ ମୁଖ୍ୟ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି । ଫଳରେ ସ୍ଥାନୀୟ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଫଳରେ ତୁରନ୍ତ ମରାମତି କରିବାକୁ ବିଭିନ୍ନ ମହଲରୁ ଦାବି ହୋଇଛି । ଏଭଳି ଶୋଚନୀୟ ଅବସ୍ଥା ଦେଖିବାକୁ ମିଳିଛି ଯାଜପୁର ବ୍ଲକ ଝାଲପଡା ପଂଚାୟତରେ । ଏହି ପଂଚାୟତର ଝାଲପଡା ଛକଠାରୁ ନଦୀ ବନ୍ଧକୁ ସଂଯୋଗ କରୁଥିବା ସହ ଗାଁ ଭିତରକୁ ଯାଇଥିବା କଂକ୍ରିଟ ରାସ୍ତାର ଉଭୟ ପାର୍ଶ୍ୱ ଭାଙ୍ଗି ଯାଇଛି । ପଂଚାୟତର ଶହଶହ ଜନସାଧାରଣ ଦୈନନ୍ଦିନ ଏହି ରାସ୍ତା ଦେଇ ଯାତାୟତ କରିଥାନ୍ତି । କିଛି ଦିନ ପୂର୍ବରେ ଏହି ରାସ୍ତାର ଉନ୍ନତିକରଣ କରାଯାଇ କଂକ୍ରିଟ୍ ରାସ୍ତା ନିର୍ମାଣ କରାଯାଇଥିଲା । ଯାହାକି ଜନସାଧାରଣଙ୍କ ସମସ୍ୟାର ସମାଧାନ ହୋଇଥିଲା । ୩ ରୁ ୪ ମାସ ହେବ ବ୍ରାହ୍ମଣୀ ନଦୀରୁ ବାଲି ମାଫିଆମାନେ ହାଇୱା ଦ୍ୱାରା ବେଆଇନ ଭାବେ ବାଲି ଉତୋଳନ କରି ଏହି ଗାଁ ରାସ୍ତା ଦେଇ ଯାତାୟତ କରୁଛନ୍ତି । ଫଳରେ ଏହି କଂକ୍ରିଟ୍ ରାସ୍ତାର ଉଭୟ ପାର୍ଶ୍ୱ ଭାଙ୍ଗି ଯାଇଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ହାଇୱାକୁ ଏହି ରାସ୍ତାରେ ନ ଯିବା ପାଇଁ ବାରଣ କରାଯାଇଥିଲା । ହେଲେ ସେମାନେ ବିଳମ୍ବିତ ରାତିରେ ବାଲି ଉତୋଳନ କରି ଏହି ରାସ୍ତାରେ ଯାତାୟତ କରିଥାନ୍ତି । ଏନେଇ ବାଲି ମାଫିଆଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଏହି ରାସ୍ତାର ମରାମତି କରିବାକୁ ପ୍ରତିଶୃତି ଦେଇ ଭୁଲି ଗଲେ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି । ରାସ୍ତା ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି । କାକୁଡିକୁଦ, ରୁଦ୍ରପୁର ଓ ଝାଲପଡା ଆଦି ଅଂଚଳର ଏହା ମୁଖ୍ୟ ରାସ୍ତା । ଯାହାକି ଯାତାୟତ ସମୟରେ ଅନେକ ଲୋକ ଦୁର୍ଘଟଣାର ସମ୍ମୁଖୀନ ହେବା ନଜିର ରହିଛି । ଏବଂ ଏହି ରାସ୍ତା ଦେଇ ଅଟୋ ଓ କାର ଯାଇ ପାରୁ ନ ଥିବା ବେଳେ ଲୋକେ ଏଠାରୁ ଚାଲିଚାଲି ଗାଁକୁ ଯାଇଥାନ୍ତି । ତେବେ ଏଭଳି ଘଟଣାକୁ ସ୍ଥାନୀୟ ଲୋକ ପ୍ରତିନିଧି ଓ ବ୍ଲକ ପ୍ରଶାସନ ନିକଟରେ ଦାବି କରାଯାଇଥିଲେ ମଧ୍ୟ କିଛି ସୁଫଳ ମିଳୁ ନ ଥିବା ଗାଁ ଲୋକେ କହିଛନ୍ତି ।

# ଛାତ୍ରଛାତ୍ରୀଙ୍କ ନିମନ୍ତେ ପରିବେଶ ଓ ପ୍ରକୃତି ଶିକ୍ଷା

**ବଲାଙ୍ଗିର, (ପିଏନ)-** ବିଦ୍ୟାଳୟ ବାହାରକୁ ଯାଇ ସବୁଜ ବନାନୀରେ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏକ ପ୍ରକୃତି ଓ ପରିବେଶ ଜନିତ ଶିକ୍ଷା କାର୍ଯ୍ୟକ୍ରମ ସଇଁନ୍ତଳା ବ୍ଲକ ଅନ୍ତର୍ଗତ ଡେଙ୍ଗ ବିଦ୍ୟାଳୟର ଅମରାବତୀ ଇକୋ କ୍ଲବ ଓ ଜୁନିୟର ରେଡକ୍ରସ ତରଫରୁ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚାଣ୍ଡାଳ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନ ଓ ପ୍ରକୃତି ବନ୍ଧୁ ଶିକ୍ଷକ ତଥା ଜୁନିୟର ରେଡକ୍ରସ କାଉନସେଲର ରାମ ନାରାୟଣ ଦାଶଙ୍କର ସଂଯୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବରେ ବିଜାପଦର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବ୍ରଜ ମୋହନ ମାଝୀ, ସାନ୍ତଉପେ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଆଦିତ୍ୟ ରଣା ଯୋଗଦାନ କରିଥିଲେ । "ବୃକ୍ଷ ବନ୍ଧୁ" କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ହୋଇଥିବା କାର୍ଯ୍ୟକ୍ରମରେ ବୃକ୍ଷ ସଦାସର୍ବଦା ମନୁଷ୍ୟକୁ ଦେଇଥାଏ, ତାହାର କ୍ଷତି ନ କରିବା ପାଇଁ ଅତିଥି ମତବ୍ୟକ୍ତ କରିଥିଲେ । ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବିଶ୍ୱନାଥ ମେହେର, ଲିଙ୍ଗରାଜ ନନ୍ଦ, ଦିପକସେନ ଧରୁଆ, ଶିକ୍ଷୟିତ୍ରୀ ଗାୟତ୍ରୀ ବାରିକ ଛାତ୍ରଛାତ୍ରୀମାନଙ୍କୁ ବିଜ୍ଞାନ ସମ୍ମତ ବୃକ୍ଷର ଉପକାରିତା ବିଷୟରେ ବୁଝାଇ ଥିଲେ । ସଂସ୍କୃତ ଶିକ୍ଷକ ସୁଦର୍ଶନ ଦାଶ ବୃକ୍ଷକୁ ଜୀବନ୍ତ ମାନବ ବୋଲି ମତ ରଖିଥିଲେ । ମୀରା ପଧାନ, ମୋନିକା ଭୋଇ, ମୁନି ମଣ୍ଡଳ, ନନ୍ଦିତା ସାହୁ, ନରେଶ ଜାନି, ନିବେଦିତା ପଧାନ, ଓମକାର ବାଗ, ପାୟଲ ଭୋଇ, ପୁର୍ଣ୍ଣିମା ବକୁଲ, ରଶ୍ମିତା ଛତ୍ରିଆ, ରୁପେଶ ରଣା, ସଙ୍ଗୀତା ମାଝୀ, ସାନିଆ ବାରିକ, ଶିଳ୍ପୀ ରଣା, ଶ୍ରୀତମ ଭୋଇ, ସୁନିଲ ରଣା, ତୋଫାନ ରଣା, ତ୍ରିବେଣୀ ଜାନି ପ୍ରମୁଖ ଛାତ୍ରିଛାତ୍ରୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷୟିତ୍ରୀ ରେଣୁକା ସାହୁ ପରିଚାଳନା କରିଥିବା ବେଳେ ସମିର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଦ୍ରୋପଦୀ ଭୋଇ, କାନ୍ତୀ ଭୋଇ, ଯଶୋବନ୍ତୀ ସୁନା, ସମାଜସେବୀ ମାନସ ବକୁଲ, କପିଳ ଭୋଇ, ଗଣନାଥ ବାଗ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଦରମା ଦାବିରେ ଟ୍ରକ୍ ଅଟକ ରଖିଲେ କର୍ମଚାରୀ

**ଜୟପୁର, (ପିଏନ)-** ତିନି ମାସ ହେଲା କାଗଜ କଳରେ କାମ କରୁଥିବା ଶ୍ରମିକମାନଙ୍କୁ ଯେଉଁ ଅଧା ଦରମା ଅଗ୍ରୀମ ଆକାରରେ ଦେଉଛି ତାହା ମଧ୍ୟ ମଦର ଆର୍ଥ୍ କମ୍ପାନୀ ମ୍ୟାନେଜମେଂଟ ଦେଇନାହିଁ । ଏପଟେ କାଠ ଏବଂ ଅନ୍ୟ ଜିନିଷ କିଣିବା ପାଇଁ ଟଙ୍କା ଦେଉଥିବା ବେଳେ ଶହ ଶହ ସ୍ଥାୟୀ ଶ୍ରମିକ, ଠିକା ମଜଦୁର, ସିକ୍ୟୁରିଟି ଗାର୍ଡ ଏବଂ ଅଳ୍ପ ଦରମାରେ ନିଯୁକ୍ତ ଅଫିସର୍ ମାନେ ଘୋର ଅଭାବ ଅସୁବିଧାରେ କାଳ କାଟୁଛନ୍ତି । କିନ୍ତୁ, କେବଳ ହାରି ଗୁହାରି କରିବା ଛଡା କାମ ବନ୍ଦ କରି ନାହାଁନ୍ତି । ସ୍ଥାୟୀ ଶ୍ରମିକ ମାନଙ୍କ ଚାରୋଟି ଯାକ ୟୁନିଅନ ସାମୁହିକ ନିଷ୍ପତି ନେଇ ଉତ୍ପାଦିତ କାଗଜକୁ ବାହାରକୁ ନଛାଡିବା ପାଇଁ ନିଷ୍ପତି ନେଇ ଲିଖିତ ଆକାରରେ ମ୍ୟାନେଜମେଂଟକୁ ଦେଇଥିଲେ ଏବଂ ଆଜି ଠାରୁ ଗାଡ଼ି ବନ୍ଦ କରିଛନ୍ତି । କାରଖାନାର ଉତ୍ପାଦନ ଯଥାରୀତି ଚାଲୁ ରହିଛି । ମ୍ୟାନେଜମେଂଟର କଥା ଓ କାର୍ଯ୍ୟ ଭିତରେ ଏବଂ ମ୍ୟାନେଜମେଂଟର ଉଚ୍ଚ ଅଧିକାରୀ ମାନଙ୍କ ଉକ୍ତିକୁ ନେଇ ଅନେକ ବିଭ୍ରାନ୍ତି ସୃଷ୍ଟି ହୋଇଛି । ମଦର ଆର୍ଥ୍ କମ୍ପାନୀର ନିର୍ଦ୍ଦେଶକ ଶ୍ରୀ ମୁର୍ତି କହୁଛନ୍ତି, ମାର୍ଚ୍ଚ ମାସ ପରେ କ'ଣ ହେବ ସେ କହିପାରିବେ ନାହିଁ, ଏପଟେ ଥାପର ଗ୍ରୁପ ମଦର ଆର୍ଥ୍ କମ୍ପାନୀକୁ ମ୍ୟାନେଜମେଂଟ ସହାୟତା ଓ ଦୁଇଟି ଯାକ ମେସିନ୍ ଚଲେଇ ଦେବାର ତିନି ବର୍ଷ ପାଇଁ ଯେଉଁ ବୁଝାମଣା ଥିଲା ତାହାର ଅବଧି ଫେବୃଆରୀ - ୨୬ ରେ ପୁରିବ । ଜିଲ୍ଲାପାଳ ଡିସେମ୍ବର - ୯ ତାରିଖରେ ମିଳିତ ବୈଠକ ଡାକିବାକୁ ଚିଠି କରିଥିଲେ, କିନ୍ତୁ ତାପରେ ମିଟିଂ କୁ ସ୍ଥଗିତ ରଖିଛନ୍ତି । ତୁରନ୍ତ ପ୍ରଶାସନ ହସ୍ତକ୍ଷେପ ନକଲେ କାରଖାନାର ଭବିଷ୍ୟତ କ'ଣ ହେବ ସନ୍ଦେହ ସୃଷ୍ଟି କରୁଛି ବୋଲି ଶ୍ରମିକ ମାନେ ମତ ରଖିଛନ୍ତି।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com

25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray